

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୮ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 JULY 2020

Vol.No. 30 ■ No. 170 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


# ମୋ ସରକାରରେ ସାମିଲ ହେବ କୋଭିଡ୍ ପରିଚାଳନା

♦ରୋଗୀ, କୋଭିଡ୍ ଯୋଦ୍ଧାଙ୍କ ସହ ନିୟମିତ ଯୋଗାଯୋଗରେ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

♦ମାସ୍କ ବ୍ୟବହାର ନ କଲେ କଠୋର କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୭।୭ (ନି.ପ୍ର):'ମୋ ସରକାର' କାର୍ଯ୍ୟକ୍ରମରେ ସାମିଲ ହେବ କୋଭିଡ୍ ପରିଚାଳନା। କୋଭିଡ୍ ରୋଗୀ ଏବଂ କୋଭିଡ୍ ଯୋଦ୍ଧାମାନଙ୍କ ସହିତ ନିୟମିତ ଯୋଗାଯୋଗ କରି ସେମାନଙ୍କଠାରୁ ଫିଡ୍ ବ୍ୟାକ୍ ସଂଗ୍ରହ କରିବା ପାଇଁ ଜିଲ୍ଲା କୋଭିଡ୍ ପର୍ଯ୍ୟବେକ୍ଷକ ଓ ବରିଷ୍ଠ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ସାମାଜିକ ଦୂରତା ଓ ମାସ୍କର ବ୍ୟବହାର କୋଭିଡ୍ ନିୟନ୍ତ୍ରଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏ କ୍ଷେତ୍ରରେ ଜିରୋ ଟଲେରାନ୍ସ ନୀତିଗ୍ରହଣ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୋଲିସ ଡି.ଜି.ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟରେ କୋଭିଡ୍ ମୁକାବିଲା କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। କୋଭିଡ୍ ପରିଚାଳନା ମୋ ସରକାରରେ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ମଧ କୋଭିଡ୍ ଯୋଦ୍ଧା ଓ ରୋଗୀମାନଙ୍କଠାରୁ ଫିଡ୍ ବ୍ୟାକ୍ ସଂଗ୍ରହ କରିବେ। ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ରୋଗୀଙ୍କ ପରିବାରକୁ ରୋଗୀର ସ୍ୱାସ୍ଥ୍ୟଅବସ୍ଥା ସମ୍ପର୍କରେ ସୂଚନା ଦେବା ପାଇଁ ମଧ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୋଭିଡ୍ ଯୋଦ୍ଧାମାନେ ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି ଉପଯୁକ୍ତ ତାଲିମ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପିତ କୋଭିଡ୍ କେୟାର ହୋମ୍ ର ତଦାରଖ ପାଇଁ ଅନଲାଇନ୍ ଏଂଟ୍ରି ବ୍ୟବସ୍ଥା କରାଯିବା ଆବଶ୍ୟକ। ଏହାସହିତ ବିଭିନ୍ନ କୋଭିଡ୍ ଡାକ୍ତରଖାନା ମଧରେ ଆମ୍ବୁଲାନ୍ସ ସେବାକୁ ସୁବ୍ୟବସ୍ଥିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱଆରୋପ କରିଥିଲେ। ରାଜ୍ୟର ସବୁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଏବଂ ହଟସ୍ପଟ୍ ଜିଲ୍ଲାମାନଙ୍କରେ ଆଂଟିଜେନଟେଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇପରି ହଟସ୍ପଟ୍ ନଗରମାନଙ୍କରୁଯେପରି କମ୍ ସଂଖ୍ୟାରେ ଟ୍ରେନ୍ ଓ ଉଡାଜାହାଜ ଆସିବ ସେଥିପାଇଁ କେନ୍ଦ୍ରସରକାରଙ୍କ ସହ ଯୋଗାଯୋଗରେ ରହିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲରେ ୨୬ ହଜାର ଶଯ୍ୟା ଥିବାବେଳେ ବର୍ତ୍ତମାନ ୩୫୦୦ ରୋଗୀ ଚିକିତ୍ସିତ ହେଉଛନ୍ତି। ଭାରତ ସରକାରଙ୍କ ନୂଆ ଗାଇଡ ଲାଇନ୍ ଅନୁଯାୟୀ ଅଳ୍ପ ଓ ମଧମ ଲକ୍ଷଣ ଯୁକ୍ତ ରୋଗୀମାନଙ୍କୁ କୋଭିଡ୍ ଗୃହରେ ରଖି ଚିକିତ୍ସା ସେବା ଯୋଗାଇଦେବା ଏବଂ କେବଳ ଗୁରୁତର

▶▶ପୃଷ୍ଠା ୭

# ଆଉ ୫୭୧ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୧୦,୦୯୭କୁ ବୃଦ୍ଧି

ଭୁବନେଶ୍ୱର,୭।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୫୭୧ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୧୦,୦୯୭କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୫୭୧ ଜଣଙ୍କ ମଧ୍ୟରୁ ୬୦୩ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୬୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୨୭୩ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୪ , ବାଲେଶ୍ୱର ଜିଲ୍ଲାରୁ ୨୮ ଜଣ, ଭଦ୍ରକ ଜିଲ୍ଲାରେ ୧ ଜଣ , ବଲାଙ୍ଗୀର ଜିଲ୍ଲାରେ ୫ ଜଣ ଓ କଟକ ଜିଲ୍ଲାରେ ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ଜଣେ, ଗଜପତି ଜିଲ୍ଲାରେ ୫୬ , ଜଗତସିଂହପୁର ଜିଲ୍ଲାରେ ୧୭ ଜଣ, ଯାଜପୁର ଜିଲ୍ଲାରେ ୧୬ ଜଣ , ଝାରସୁଗୁଡା ଜିଲ୍ଲାରେ ଜଣେ, କେନ୍ଦ୍ରାପଡା ଜିଲ୍ଲାରେ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୭ ଜଣ , ଖୋର୍ଦ୍ଧା ଜିଲ୍ଲାରେ ୩୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ମୟୁରଭଂଜ ଜିଲ୍ଲାରେ ୧୪ ଜଣ, ନବରଙ୍ଗପୁର ଜିଲ୍ଲାରେ ୭ ଜଣ, ନୟାଗଡ ଜିଲ୍ଲାରେ ଜଣେ ତଥା ପୁରୀ ଜିଲ୍ଲାରେ ୪ ଜଣ କୋରୋନା




▶▶ପୃଷ୍ଠା ୭

## ସଙ୍ଗରୋଧରେ ରହିଲେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି

ବାଲେଶ୍ୱର,୭।୭ (ନି.ପ୍ର): ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ସଙ୍ଗରୋଧରେ ରହିଥିବାର ଜଣାଯାଇଛି । ନୀଳଗିରି ବିଧାୟକ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସେ ସଙ୍ଗରୋଧରେ ରହିଥିବା ଖବର ଉକ୍ତ ପଞ୍ଚାୟତର ସରପଞ୍ଚଙ୍କ ଠାରୁ ଜଣାଯାଇଛି । ସେ ନିଜ ତରଫରୁ ସରପଞ୍ଚଙ୍କୁ ନିଜ ବିଷୟରେ ଅବଗତ କରାଇବା ସହ ସରକାରୀ ଗାଇଡ୍ ଲାଇନ୍‌କୁ ପାଳନ କରିବେ ବୋଲି କହିଛନ୍ତି । ପ୍ରକାଶ ଥାଉ କି ନିକଟରେ ବାଲେଶ୍ୱର ସଦର ବିଧାୟକ ସ୍ୱର୍ଗତଃ ମଦନମୋହନ ଦତ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବେଳେ ଉକ୍ତ ସଭାରେ ନୀଳଗିରି ବିଧାୟକ ଉପସ୍ଥିତ ଥିଲେ ବୋଲି ଜଣାପଡ଼ିଛି ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୫୪୬ କରୋନା ପରୀକ୍ଷଣ

ଭୁବନେଶ୍ୱର,୭।୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୫୪୬ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୩୦୨୭୮୦ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୭।୭ (ନି.ପ୍ର): ବରିଷ୍ଠ ଓଏଏସ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସୂଚନା ଅନୁସାରେ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ବରିଷ୍ଠ ଓଏଏସ କମଳ ଲୋଚନ ମିଶ୍ରଙ୍କୁ ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଏହାସହ ସେ ଅତିରିକ୍ତ ରିଲିଫ୍ କମିଶନର ଭାବେ ମଧ ଦାୟିତ୍ୱ ତୁଲାଇବେ। ସେହିପରି ବାଲେଶ୍ୱର ଉପଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ବାଲେଶ୍ୱର ଡିଆରଡିଏରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ଭାବେ ବଦଳି କରାଯାଇଛି। ବବିତାରାଣୀ ଦଳବେହେରାଙ୍କୁ ବୌଦ୍ଧ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ), ରଜନୀକାନ୍ତ ବିଶ୍ୱାଳଙ୍କୁ କରଞ୍ଜିଆ ଉପଜିଲ୍ଲାପାଳ, ଦେବାଶିଷ ମହାନ୍ତିଙ୍କୁ ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡର ପ୍ରଶାସନିକ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଲଲାଟ କୁମାର ଲୁହାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଆଇଟିଡିଏ ପିଏ , ଅଶ୍ୱିନୀ କୁମାର ମେହେରଙ୍କୁ ବୌଦ୍ଧ ଉପଜିଲ୍ଲାପାଳ, ସରୋଜିନୀ ପ୍ରସନ୍ନ କୁଲୁଙ୍କୁ ସୁନ୍ଦରଗଡ଼ର ଅତିରିକ୍ତ ଉପଜିଲ୍ଲାପାଳ, ସରୋଜ କୁମାର ଦାଶଙ୍କୁ ଛତ୍ରପୁରର ଅତିରିକ୍ତ ଉପଜିଲ୍ଲାପାଳ ଓ ରଶ୍ମିରେଖା ସ୍ୱାଇଁଙ୍କୁ ବୋର୍ଡ ଅଫ ରେଭେନ୍ୟୁରେ ଉପସଚିବ ଭାବେ ବଦଳି କରାଯାଇଛି। ସେହିପରି ବଡ଼ସାହି ବିଡିଓ ଦିଲ୍ଲୀପ କୁମାର ମହାରାଣାଙ୍କ ଭଞ୍ଜନଗର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳିକୁ ବାତିଲ କରାଯାଇଛି।

# କରୋନା ଆର୍ଥିକ ସଙ୍କଟକୁ ନେଇ ରାଜ୍ୟ ସରକାର ଲଗାଇଲେ କଟକଣା: ୨ ବର୍ଷ ଯାଏଁ ନୂଆ ନିଯୁକ୍ତି ବନ୍ଦ

ଭୁବନେଶ୍ୱର,୭।୭ (ନି.ପ୍ର): କରୋନା ଦୃଷ୍ଟିରୁ ରାଜ୍ୟରେ ଆର୍ଥିକ ସମସ୍ୟା ଦେଖାଦେଇଛି । ତେଣୁ ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ସରକାରୀ କ୍ଷେତ୍ରରେ କୌଣସି ନୂତନ ନିଯୁକ୍ତି ହେବ ନାହିଁ। ଏ ବିଷୟରେ ସବୁ ବିଭାଗକୁ ଚିଠି ଲେଖି ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ ମୀନା ଜଣାଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ କେବଳ ପଦବୀ ସୃଷ୍ଟି କରାଯାଇପାରିବ । ଏହା ବ୍ୟତୀତ ସରକାରୀ ଖର୍ଚ୍ଚରେ ବଡ଼ ବଡ଼ ହୋଟେଲରେ ମିଟିଂ, ସେମିନାର, ୱାର୍କସପ୍ ନ କରିବା ପାଇଁ କୁହାଯାଇଛି । ପ୍ରଥମ ଶ୍ରେଣୀ ଅଫିସରମାନେ ବିଜିନେସ କ୍ଲାସରେ ସରକାରୀ ଖର୍ଚ୍ଚରେ ବିମାନରେ ଯାଇପାରିବେ ନାହିଁ । ସେହିପରି ପ୍ରଥମ ଏସସି ଟ୍ରେନରେ ମଧ୍ୟ ଯାତ୍ରା କରିପାରିବେ ନାହିଁ କି ଅଫିସରମାନେ ବିଦେସ ଗସ୍ତ କରିପାରିବେ ନାହିଁ। କୌଣସି ବିଭାଗ ନୂଆ ଗାଡ଼ି ମଧ୍ୟ କିଣି ପାରିବେ ନାହିଁ । ଭିଡ଼ିଓ କନଫରେନସିଂକୁ ଅଧିକ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି । ସରକାରୀ କର୍ମଚାରୀମାନେ ଏଲଟିସି ମଧ୍ୟ ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ନେଇ ପାରିବେ ନାହିଁ।

▶▶ପୃଷ୍ଠା ୭

# ପୁଣି ଜଣେ ମାଓବାଦୀ ପୁଲିସ ଗୁଳିରେ ନିହତ

## ପୂର୍ବରୁ ନିହତ ୪ ମାଓବାଦୀଙ୍କ ମଧ୍ୟରୁ ୩ ଜଣଙ୍କ ପରିଚୟ ମିଳିଲା



କନ୍ଧମାଳ,୭।୭ (ନି.ପ୍ର): ୫ ତାରିଖ ଭୋର ସମୟରେ କନ୍ଧମାଳ ଜିଲାର ତୁମୁଡିବନ୍ଧ ଥାନା ଅଂଚଳରେ ଥିବା କୁର୍ତମଗଡ ପଂଚାୟତରେ ସିରିକୁଟି ଠାରେ ଏସଓଜି ଏବଂ ଡିଭିଏଫ୍ ଜବାନଙ୍କ ଗୁଳିରେ ୪ ମାଓବାଦୀ ନିହତ ହେବା ପରେ ନିଜର ନେତୃ ସ୍ଥାନୀୟ ମାଓବାଦୀଙ୍କୁ ହରାଇ ମାଓବାଦୀମାନେ ପ୍ରତିଶୋଧ ପରାୟଣ ହୋଇ ପଡିଛନ୍ତି। ତେବେ ସେମାନେ ପୁଣି ସଂଗଠିତ ହୋଇ ପ୍ରତିଶୋଧ ନେବା ପାଇଁ ପୋଲିସ ବାହୀନି ଉପରେ ପୁଣି ଆକ୍ରମଣ କରି ଗୁଳିଚାଳନା କରିବାପରେ ଜବାନ ମାନେ ସତର୍କହେବା ସହିତ ପୁଣି ମାଓବାଦୀଙ୍କ ଉପରେ ଗୁଳିଚାଳନା କରିଥିଲେ। ଫଳରେ ଆଉ ଜଣେ ମାଓବାଦୀ ନିହତ ହେବା ସହ ଅନେକେ ଆହାତ ହୋଇଛନ୍ତି ଓ ସେମାନଙ୍କଠାରୁ ଅନେକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିଛନ୍ତି ଜବାନ ମାନେ। ସେଠାରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ପୋଲିସକୁ ସେମାନଙ୍କ ବିଷୟରେ ସୂଚନା ଦେଇଥିବା ସନ୍ଦେହରେ ଆଖପାଖ ଅଂଚଳର ଲୋକଙ୍କୁ ଧମକ ଚମକ ଦେଉଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ନିହତ ମାଓବାଦୀଙ୍କ ମୃତ ଶରୀର ଆଜି ସକାଳେ ଫୁଲବାଣୀ ପୁଲିସ୍ ରିଜର୍ଭ

▶▶ପୃଷ୍ଠା ୭

# ରାଜ୍ୟରେ ଆଉ ଚାରି ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୪୨ ହେଲା

ଭୁବନେଶ୍ୱର,୭।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ଚାରି ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪୨କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତ୍ୟୁବରଣ କରିଥିବା ଚାରି ଜଣ ଯାକ ମୃତକ ପୁରୁଷ। ସେମାନଙ୍କ ମଧ୍ୟରୁ ୩ ଜଣ ଗଞ୍ଜାମ ଜିଲ୍ଲାର ହୋଇଥିବା ବେଳେ ଜଣେ କଟକ ଜିଲ୍ଲାର ବୋଲି ସୂଚନା ଦିଆ ଯାଇଛି । କଟକରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କର ବୟସ ୪୮ ବର୍ଷ ଓ ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଏହାଛଡ଼ା ସେ ଯକୃତଜନିତ ସମସ୍ୟାରେ ମଧ ପୀଡ଼ିତ ଥିଲେ ବୋଲି ସୂଚନା ଦିଆ ଯାଇଛି । ଗଞ୍ଜାମର ୩ ମୃତକଙ୍କ ମଧରୁ ଜଣେ ୭୦ ବର୍ଷିୟ ବୟସ୍କ । ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଅନ୍ୟ ଜଣେ ହେଉଛନ୍ତି ୬୦ ବର୍ଷୀୟ ବୟସ୍କ । ସେ ମଧ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଅନ୍ୟ ବ୍ୟକ୍ତି ଜଣଙ୍କ ବୟସ ୫୩ ବର୍ଷ ବୋଲି ଏଥିରେ କୁହାଯାଇଛି। ଏହି ତିନି ଜଣଙ୍କ ମୃତ୍ୟୁ ପରେ ଗଞ୍ଜାମ ଜିଲ୍ଲାରେ କରୋନାଜନିତ ମୃତକଙ୍କ ସଂଖ୍ୟା ୨୪ରେ ପହଂଚିଥିବା ବେଳେ କଟକରେ ଏହି ସଂଖ୍ୟା ୫ରେ ପହଂଚିଛି ।




## ଗତ ୨୪ ଘଂଟାରେ ଦେଶରେ ୨୨୨୫୨ଟି କରୋନାର ନୂଆ ମାମଲା: ୪୬୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୭।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୨୨୨୫୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ରୋଗୀଙ୍କ ସଂଖ୍ୟା ୭୧୯୬୬୫କୁ ବୃଦ୍ଧି ପାଇଛି। ଗତ ୨୪ ଘଂଟା ମଧ୍ୟରେ ୪୬୭ ଜଣଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ୨୫୯୫୫୭ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତ୍ତମାନ ସୁଦ୍ଧା ୨୦୧୬୦ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୪୩୯୯୪୮ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

# ରେଳଲାଇନ୍‌ରୁ ମିଳିଲା ସାମାଜିକ କର୍ମୀ ଆଦିତ୍ୟଙ୍କ ମୃତଦେହ: ହତ୍ୟା ସନ୍ଦେହ



ଭୁବନେଶ୍ୱର,୭।୭ (ନି.ପ୍ର): ସାମାଜିକ କର୍ମୀ ତଥା ଆଦିତ୍ୟ ଦାଶଙ୍କର ମୃତ ଦେହ ମଙ୍ଗଳବାର ସକାଳେ ଲିଙ୍ଗରାଜ ରେଳ ଷ୍ଟେସନ ନିକଟ ରେଳଲାଇନ୍ ରୁ ଉଦ୍ଧାର ହୋଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ଦେଇଛି। ପ୍ରାଥମିକ ଭାବେ ଏହା ଆତ୍ମହତ୍ୟା ବୋଲି କୁହାଯାଉଥିବା ବେଳେ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି। ମାନବପ୍ରେମୀ ଭାବେ ଜଣାଶୁଣା ଆଦିତ୍ୟଙ୍କର ଘର ବୌଦ୍ଧ ଜିଲ୍ଲାରେ ହୋଇଥିବା ବେଳେ ସେ ଭୁବନେଶ୍ୱର ସୁନ୍ଦରପଦାରେ ଏକ ବୃଦ୍ଧାଶ୍ରମ ଚଳାଉଥିଲେ। ଏହାସହ ପିପୁଲ ଫର୍ ସେବା ନାମକ ଏକ ସଂଗଠନ କରି ସାମାଜିକ ସେବା ମଧ କରୁଥିଲେ। ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ ଥିବା ଆଦିତ୍ୟ ଜଣେ ମୋଟିଭେସନାଲ ସ୍ପିକର ମଧ୍ୟ ଥିଲେ। ଗତ ଜୁନ୍ ମାସରେ କଟକର ବିଦ୍ୟାଶ୍ରୀଙ୍କୁ ବିବାହ କରିଥିଲେ। ବିବାହର ୨ ସପ୍ତାହ ମଧ୍ୟରେ ସେ କାହିଁକି ଆତ୍ମହତ୍ୟା କଲେ, ତାହାକୁ ନେଇ ସନ୍ଦେହ ଉପୁଜିଛି। ଗତକାଲି ଫେସବୁକ୍ ରେ ସେ ଏକ ପୋଷ୍ଟ କରି ଲେଖିଥିଲେ ଯେ ମୃତ୍ୟୁ ଯେତେବେଳେ ଆସେ ବହୁତ ଧିରେଧିରେ ଆସେ କେହି ଜାଣିପାରନ୍ତି ନାହିଁ। ଏଥିରେ ସେ ମାନସିକ ଭାବେ ଅସ୍ଥିର ଥିବା ମନେ କରାଯାଉଛି। ଗତ କିଛି ଦିନ ହେବ ଆଦିତ୍ୟ ଭୟଭୀତ ରହୁଥିଲେ । ଏକା ରହିବାକୁ ଚାହୁଁନଥିଲେ ବୋଲି ତାଙ୍କ ପତ୍ନୀ କହିଛନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ ସହଯୋଗ କରୁଥିବା ଲୋକ ଆତ୍ମହତ୍ୟା କରିପାରେନା ବୋଲି ଆଦିତ୍ୟଙ୍କ ବନ୍ଧୁ ଓ ସହଯୋଗୀମାନେ କହିଛନ୍ତି। ଏହି ଘଟଣାର ତଦନ୍ତ ହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି।

# ଦେଶରେ ବତୀଘର ପର୍ଯ୍ୟଟନକୁ ପ୍ରୋତ୍ସାହନ ଦିଆଯିବ: ମନସୁଖ ମାଣ୍ଡଭିୟ

ନୂଆଦିଲ୍ଲୀ,୭।୭ (ନି.ପ୍ର): କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ଶ୍ରୀ ମନସୁଖ ମାଣ୍ଡଭିୟଙ୍କ ଅଧ୍ୟକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଦେଶରେ ଥିବା ୧୯୪ଟି ବତୀଘର ଅଂଚଳରେ ପର୍ଯ୍ୟଟନ ଭିତିଭୂମି ବିକାଶ ଉପରେ ଆଲୋଚନା କରାଯାଇଛି । ଏହା ଫଳରେ ବତୀଘର ଆଖପାଖ ଅଂଚଳରେ ପର୍ଯ୍ୟଟନ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଜନସାଧାରଣ ବତୀଘର ସହ ସଂଶ୍ଲିଷ୍ଟ ଐତିହାସିକ ଭିତିଭୂମି ସମ୍ପର୍କରେ ଜାଣିବାକୁ ପାଇବେ । ଏଥିରେ ଉପସ୍ଥିତ ଭିବାଗୀୟ ଅଧିକାରୀମାନେ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯିବାକୁ ଥିବା ବତୀଘରଗୁଡିକର କାର୍ଯ୍ୟାନ୍ୱୟନ ଯୋଜନା ସମ୍ପର୍କରେ ସୁଚନା ଦେଇଥିଲେ । ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ ୧୦୦ ବର୍ଷରୁ ଅଧିକ ପୁରୁଣା ବତୀଘରଗୁଡିକୁ ଚିହ୍ନଟ କରିବା ପାଇଁ

▶▶ପୃଷ୍ଠା ୭

# ବିହନ ଉତ୍ପାଦନ ପ୍ରଦର୍ଶନୀ କ୍ଷେତ୍ରର ସଘନ ପ୍ରଣାଳୀରେ ଚାରା ରୋପଣ

କନ୍ଧମାଳ, ୦୭/୭ (ନି.ପ୍ର): ରାଇକିଆ ବ୍ଲକ୍ ଅନ୍ତର୍ଗତ ବେରେଡ଼ାକିଆ ପଚାୟତର ବାଞ୍ଜାମାହା ଗ୍ରାମର ଏକ ବିହନ ଉତ୍ପାଦନ ପ୍ରଦର୍ଶନୀ କ୍ଷେତ୍ରରେ ସଘନ ପ୍ରଣାଳୀରେ ମାଣ୍ଡିଆ ଚାରା ରୋପଣ କରାଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଉକ୍ତ ଗ୍ରାମର ବାସିନ୍ଦା ମିଶନନ୍ଦ ପ୍ରଧାନଙ୍କ ୨ ଏକର ଜମିରେ କରାଯାଇଥିଲା । ଏହି ଅବସରରେ ଓ୍ୱାସନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସବ୍ୟସାଚୀ ହନୁମାନ, ଅତିରିକ୍ତ ଜିଲ୍ଲା ସଂଯୋଜକ ଯଶୋବନ୍ତ ବଳିଆର ସିଂ, ରାଇକିଆ ବ୍ଲକ୍‌ର କୃଷି ସଂପ୍ରସାରଣ ଅଧିକାରୀ ଅନିଲ କୁମାର ପ୍ରହରାଜ, ଉପେନ୍ଦ୍ର ପ୍ରସାଦ ପାଢ଼ୀ, ସୁଦିପ୍ତା ପ୍ରଧାନ, ସ୍ୱାତୀର ସହ ପ୍ରକଳ୍ପ ସଂଯୋଜକ କୈଳାଶ ଚନ୍ଦ୍ର ଦାସ, ଗୋଷ୍ଠୀ ସାଧନ କର୍ମୀ କ୍ରିସ୍ତମ୍ ପ୍ରଧାନ ଓ ଦୁଇଟି ଗ୍ରାମର ଚାଷୀ ସ୍ୟବନ ପ୍ରଧାନ ଓ ଯୋଗେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଆଠଜଣ ଚାଷୀ ମଧ୍ୟ ଉପସ୍ଥିତ ଥିଲେ । ସମ୍ପ୍ରତି କ୍ଷୁଦ୍ରଦାନା ଶଷ୍ୟର ଚାହିଦା ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ମିଲେଟ୍ ମିଶନ ଆନୁକୁଲ୍ୟରେ ରାଇକିଆ ବ୍ଲକ୍‌ର ବିଭିନ୍ନ ଅଂଚଳରେ ଏବେ ମାଣ୍ଡିଆ ଚାଷକୁ ବହୁ ଚାଷୀ ଆପଣେଇଛନ୍ତି । ତେବେ ଏହି ଚାଷର ବ୍ୟାପକ ବୃଦ୍ଧି କରିବା ସହ ବହୁ ଚାଷୀଙ୍କୁ ଏହି ଲାଭଦାୟକ ଚାଷରେ ସାମିଲ୍ କରିବା ପାଇଁ ଏବେ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏଠାରେ ଅମଳ କରାଯାଇଥିବା ସମସ୍ତ ମାଣ୍ଡିଆକୁ ଆସନ୍ତା ବର୍ଷ ଅନ୍ୟ ଚାଷୀମାନଙ୍କୁ ବିହନ ଆକାରରେ ବଂଟନ କରିବା ସହିତ ମାଣ୍ଡିଆ ଚାଷକୁ ବଢ଼େଇବା । ଏହି ବିହନ ଉତ୍ପାଦନ ପ୍ରଦର୍ଶନ କ୍ଷେତ୍ରରେ ମାମି ଓ କାଳିଆ ନାମକ ଦୁଇ ପ୍ରଜାତିର ମାଣ୍ଡିଆ ରୋପଣ କରାଯାଇଥିଲା ।

# ବିଭିନ୍ନ ଅନ୍‌ଲାଇନ୍ ପ୍ରତିଯୋଗିତାରେ ଆଦାନୀ ଡିଏଭି ସ୍କୁଲ ଛାତ୍ରଛାତ୍ରୀଙ୍କୁ ସଫଳତା : ନାସା ଠାରୁ ସାର୍ଟିଫିକେଟ ପାଇବେ ୧୪ ଛାତ୍ରଛାତ୍ରୀ

ଭଦ୍ରକ,୭/୭ (ହି.ସ.) - କୋରନା ପରିସ୍ଥିତିରେ ବିଭିନ୍ନ ସଂସ୍ଥା ପକ୍ଷରୁ ଆୟୋଜିତ ଅନ୍‌ଲାଇନ୍ ପ୍ରତିଯୋଗିତାରେ ଆଦାନୀ ଡିଏଭି ସ୍କୁଲ ଛାତ୍ରଛାତ୍ରୀଙ୍କୁ ମିଳିଛି ଅଭୁତ ସଫଳତା । ବିଦ୍ୟାଳୟର ୨୪ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଜୟୀ ହୋଇଛନ୍ତି । ଏପରିକି ୧୪ଜଣ ଛାତ୍ରଛାତ୍ରୀ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଠାରୁ ସାର୍ଟିଫିକେଟ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ନାସା ପକ୍ଷରୁ ଆୟୋଜିତ 'ଦିନକ ପାଇଁ ବୈଜ୍ଞାନିକ ୨୦୧୯-୨୦' ଶୀର୍ଷକ ଅନଲାଇନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏହି ଛାତ୍ରଛାତ୍ରୀମାନେ ନାସା ଠାରୁ ସାର୍ଟିଫିକେଟ ପାଇବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । କୁଆମରାସ୍ଥିତ ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲ କେବଳ ଆଦାନୀ ଧାମରା ବନ୍ଦର ପରିସରରେ ଛାତ୍ରମାନଙ୍କ କ୍ୟାରିୟର ନିର୍ମାଣ ପାଇଁ ଶିକ୍ଷା ପ୍ରଦାନ କରୁନାହିଁ, ବରଂ ରାଜ୍ୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସଂଗଠନ ଦ୍ୱାରା ଆୟୋଜିତ ପାଠ୍ୟକ୍ରମ, ଅତିରିକ୍ତ ପାଠ୍ୟକ୍ରମଭି ିକ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କର ଜ୍ଞାନ ବୃଦ୍ଧି ପାଇଁ ବିଭିନ୍ନ ଫୋରମ୍‌ରେ ସୁଯୋଗ ଯୋଗାଇଦେଉଛି । ଚଳିତ ବର୍ଷ ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଗଙ୍ଗା ପାଲ, ପ୍ରଥମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଅଶେଶା ଅଶ୍ୱିସ୍ୱେତା ଏବଂ ତୃତୀୟ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସମୀରାନ୍ ମିଶ୍ର ଓ ସୁଶ୍ରୀ ପ୍ରତୀକ୍ଷା ସାହାନୀ ଡିଜିଟାଲ୍ ସଂଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩,୦୦୦ ଟଙ୍କା ନଗଦ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଜୁନ୍ ୨୯ ତାରିଖରେ ଭାରତ ସ୍କାଉଟ୍ ଏବଂ ଗାଇଡ୍ ପକ୍ଷରୁ ଭର୍ଚୁଆଲ୍ ମୋଡ୍‌ରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଆନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ଏବଂ ଜ୍ୟୋତିଭୌତିକ ପ୍ରତିଯୋଗିତା-୨୦୨୦ ଦ୍ୱାରା ଆୟୋଜିତ ଜ୍ୟୋତିର୍ବିଜ୍ଞାନ ଏବଂ ଜ୍ୟୋତିଭୌତିକ ଜ୍ଞାନ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାର ଅନ୍ତିମ ରାଉଣ୍ଡ ପାଇଁ ସାହାଜାହାନ୍ ଅଲ୍ଲୀ ଖାନ୍, ଚିନ୍ମୟୀ ମହାପାତ୍ର, ଶ୍ରୀ ରାଜେଶ ମଇତି, ନମ୍ରତାମୟୀ ସ୍ୱାଇଁ ଏବଂ ଆଦ୍ରିକା ବାନାର୍ଜୀ ଯୋଗ୍ୟତା ଅର୍ଜନ କରିଛନ୍ତି । ଜୁଲାଇ ୨୦୨୦ ରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତିମ ପ୍ରତିଯୋଗିତାରେ ଏହି ଛାତ୍ରମାନଙ୍କୁ ସାର୍ଟିଫିକେଟ୍ ପୁରସ୍କାର ପ୍ରଦାନ କରାଯିବ । ସୋସାଇଟି ଫର ପ୍ରମୋସନ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଇନ୍ ଇଣ୍ଡିଆ ଦ୍ୱାରା ଆୟୋଜିତ କୋଭିଡ୍-୧୯ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରତିଯୋଗିତାରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଗୀତାଞ୍ଜଳି ଶର୍ମା ବିଜୟୀ ହୋଇଛନ୍ତି ।

# ପ୍ରକାଶିତ ହେଲା କବି ଅମିତାଭ ମିଶ୍ରଙ୍କ କବିତା କହ୍ଲାର ପୁସ୍ତକ

ବାରିପଦା, ୦୭/୭ (ନି.ପ୍ର): ଯୁବ କବି ଅମିତାଭ ମିଶ୍ରଙ୍କ ୪୭ତମ ଜନ୍ମ ଦିବସ ଅବସରରେ ମୟୂରଭଞ୍ଜ ସାହିତ୍ୟ ଏକାଡ଼େମୀ ପକ୍ଷରୁ କବି ଶ୍ରୀମିଶ୍ରଙ୍କ ରଚିତ 'କବିତା କହ୍ଲାର' ପୁସ୍ତକ ପ୍ରକାଶିତ ହେଲା । ଉକ୍ତ ପୁସ୍ତକର ପ୍ରକାଶନ ଦାୟିତ୍ୱ ମୟୂରଭଞ୍ଜ ସାହିତ୍ୟ ଏକାଡ଼େମୀ ବହନ କରିଥିବାରୁ ଏହାର ସମସ୍ତ ସଦସ୍ୟ, ସଦସ୍ୟା ତଥା ସଭାପତି ଡ଼ଃ ସରୋଜ କୁମାର ନାୟକଙ୍କ ନିକଟରେ କବି ଶ୍ରୀମିଶ୍ର ନିଜର କୃତଜ୍ଞତା ବକ୍ତ କରିଛନ୍ତି । ପ୍ରକାଶ ଥାଉକି, ପୂର୍ବରୁ ଏକାଡ଼େମୀ ପକ୍ଷରୁ ଶ୍ରୀମିଶ୍ରଙ୍କ ଲିଖିତ ସ୍ମୃତି ମଞ୍ଜୁଳା, ସୃଷ୍ଟି ସମଗ୍ର, ରୂପାନ୍ତର, ମଣି ମାଣିକ୍ୟ, ଶିଶୁ : ମୋ ଦେଶର ଶିଶୁ, କବିତା କବରୀ, ମହମହ ମାଟିର ମହକ, ପ୍ରେମ, କବିତା କଳାପ, ଟିକିଟିକି ତାରା ଫୁଲ ଆଦି ପୁସ୍ତକ ପ୍ରକାଶିତ ହୋଇ ପଠକ ମହଲରେ ବେଶ ଆଦୃତ ଲାଭ କରିପାରିଛି । ଯୁବ କବି ଶ୍ରୀମିଶ୍ର ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ରହିଥିବା ସମୟରେ ମୟୂରଭଞ୍ଜ ଜିଲ୍ଲାର ସର୍ବପୁରାତନ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ । ଏହି ଅବସରରେ ପିତା କବି ଡ଼ଃ ନୀଳକଣ୍ଠ ମିଶ୍ର ଓ ମାତା କବୟତ୍ରୀ ଶାନ୍ତିଲତା ଆଚାର୍ଯ୍ୟଙ୍କ ପ୍ରେରଣାରେ ଏହି ସାରସ୍ୱତ କାର୍ଯ୍ୟ ସମ୍ପାଦିତ କରିବାରେ ସଫଳତା ଆଣି ଦେଇଛି ବୋଲି ଶ୍ରୀମିଶ୍ର ପ୍ରକାଶ କରିଛନ୍ତି ।

# ପୁଣି ୧୨ ନୂଆ ଆକ୍ରାନ୍ତ ଚିହ୍ନଟ, ମୋଟ ଆକ୍ରାନ୍ତ ସଂଖ୍ୟା ୨୭୪

ଭଦ୍ରକ, ୭/୭ (ହି.ସ.) - ଭଦ୍ରକ ଜିଲ୍ଲାରୁ ଆଜି ପୁଣି ନୂତନ ଆକ୍ରାନ୍ତ ୧୨ ଜଣ ଚିହ୍ନଟ ହୋଇଛନ୍ତି । ଯାହା ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତ ସଂଖ୍ୟା ୨୭୪ରେ ପହଂଚିଛି । ଆଜି ଆଉ ୩ଜଣ ଆକ୍ରାନ୍ତ ମଧ୍ୟ ସୁସ୍ଥ ହୋଇଛନ୍ତି । ଏହା ପରେ ଜିଲ୍ଲାର ସ୍ଥିତି ମୋଟ ନମୁନା ପରୀକ୍ଷା ୧୦ହଜାର ୫୪୭, ମୋଟ ଆକ୍ରାନ୍ତ ୨୭୪, ସୁସ୍ଥ ୨୩୧, ଆକ୍ଟିଭ ୪୩ । ଆକ୍ରାନ୍ତମାନେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ବ୍ରହ୍ମପୁର, ସମ୍ ହସ୍‌ପିଟାଲ, କଟକ ଆଚାର୍ଯ୍ୟ ହରିହର କ୍ୟାନସର ସେ ର ଓ ଲୋକାଲ କେଶ୍ ରହିଛନ୍ତି । ଚିହ୍ନଟମାନେ ପୁରୁଣାବଜାର ନାରାୟଣ ଚନ୍ଦ୍ର ହାଇସ୍କୁଲ ଟିଏମ୍‌ସି, ପୌରପାଳିକାର ୧୭ ନଂ ୱାର୍ଡ ଯୁସୁଫ୍‌ପୁର, ୱାର୍ଡ ନଂ ୨ ବରାଳପୋଖରୀ, ପୁରୁଣାବଜାର ଡି.ଏନ. ଗାର୍ଲସ୍ ହାଇସ୍କୁଲ, ଛଡାକ ମହଲା, ବାଗୁରାଇ, ନୂଆପୋଖରୀ ଗ୍ରାମର । ବାସୁଦେବପୁର ବ୍ଲକର ମାଟିପକା ହାଇସ୍କୁଲ, ଚୁଡାମଣି ଗ୍ରାମର । ଭଦ୍ରକ ବ୍ଲକର ସାବରଂଗ ଗ୍ରାମ ଏବଂ ଧାମନଗର ଏନ୍‌ଏସିରୁ ବାହାରିଛନ୍ତି । ଜିଲ୍ଲାପାଳ ଡ. ଜ୍ଞାନ ଦାସ ଭଦ୍ରକ ପୌରପାଳିକାର ୨୭ ନଂ ୱାର୍ଡ ଓ ଏନ୍.ସି. ହାଇସ୍କୁଲ, ଡି.ଏନ୍. ବାଳିକା ଉଚ୍ଚ ବିଦ୍ୟାଳୟ, ୧୭ ନଂ ୱାର୍ଡ ଓ ଯୁସୁପ୍‌ପୁର ଗ୍ରାମ, ୨ନଂ ୱାର୍ଡ ଓ ବରାଳପୋଖରୀ ଏବଂ ନୂଆପୋଖରୀ ଗ୍ରାମ, ୨୨ ନଂ ୱାର୍ଡ ଓ ଛଡାକ ମହଲା , ୮ ନଂ ୱାର୍ଡ ଓ ବାଗୁରାଇ ଗ୍ରାମକୁ କଂଟେନମେ ଜୋନ ଘୋଷଣା କରିଥିବା ବେଳେ ୨୭, ୨୨, ୩, ୨୧, ୯ ନମ୍ବର ୱାର୍ଡକୁ ବଫର ଜୋନ ଭାବେ ଘୋଷଣା କରିଛନ୍ତି । ସେହିଭଳି ଭଦ୍ରକ ବ୍ଲକର ସାବରଙ୍ଗ ଗ୍ରାମ କେ ନମେ ଓ ସାବରଙ୍ଗ ପ ।ୟତ ବଫରଜୋନ । ବାସୁଦେବପୁର ବ୍ଲକର ମାଟିପକା ହାଇସ୍କୁଲ, ଚୁଡାମଣି ଗ୍ରାମ କେ ନମେ ଜୋନ ଏବଂ ଲକ୍ଷ୍ମୀଦାସପୁର ପ ।ୟତ ଓ ଚୁଡାମଣି ପ ।ୟତ ବଫରଜୋନ । ଧାମନଗର ଏନ୍‌ଏସିରେ ୱାର୍ଡ ନଂ ୧୦ କଂଟେନମେ ଜୋନ, ୱାର୍ଡ ନଂ ୯ ବଫରଜୋନ ଭାବେ କଟକଣା ଅନ୍ତର୍ଭୁକ୍ତ ହୋଇଛି । ଅନ୍ୟପକ୍ଷରେ ଭଦ୍ରକ ବ୍ଲକର କାଉପୁର ନୋଡାଲ ସ୍କୁଲ ଏବଂ ଧାମନଗର ଏନ୍‌ଏସିର ଧାମନଗର ହାଇସ୍କୁଲରୁ କେ ନମେ , କାଉପୁର ପଂଚାୟତରୁ ବଫରଜୋନ କଟକଣା ପ୍ରତ୍ୟାହୃତ କରାଯାଇଛି ।

# ଏଟିଏମ ସାନିଟାଇଜେସନ କରିବାକୁ ଦାବୀ

ଜୟପୁର, ୦୭/୭ (ନି.ପ୍ର): ଜୟପୁର ସହରରେ ଥିବା ଏଟିଏମ କାଉଂଟର ଗୁଡିକ ସାନିଟାଇଜେସନ କରାଯାଉ ନାହିଁ ସରକାରଙ୍କ ନିୟମକୁ ବ୍ୟାଙ୍କ କତୃପକ୍ଷ ମାନୁନଥିବା ଅଭିଯୋଗ ହୋଇଛି । କୋରନା ମୁକାବିଲା ପାଇଁ ସବୁ କ୍ଷେତ୍ରରେ ସଚେତନା କରାଯାଉଛି । ଏମିତି ଜୟପୁର ସହରରେ ଥିବା ଏଟିଏମ ସାନିଟାଇଜେନ କରାଯାଉ ନାହିଁ । ତେଣୁ ଏପରି କରିବା ପାଇଁ ଟାଉନ କଂଗ୍ରେସ ତରଫରୁ ନବ ନିଯୁକ୍ତ ଜୟପୁର ଉପ ଜିଲାପାଳ ଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ବର୍ତମାନ ଭୟବହ ପରିସ୍ଥିତିରେ ଜନକଲ୍ୟାଣ ନିମନ୍ତେ ସାମିଜିକ ଦୁରତା, ମାସ୍କର ବ୍ୟବହାର, ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଜନଗହଳି ସ୍ଥାନରେ ସାନିଟାଇଜେସନ କରିବା ପାଇ କଡା ନିଦ୍ଦେଷ ଦିଆଯାଇଛି । କିନ୍ତୁ ଅଳ୍ପ କେତେ ଜଣ ମାନୁଥିବା ବେଳେ ଅନ୍ୟ କେତେକଙ୍କ ଅବହେଳା ଯୋଗୁଁ ଏହି ମହାମାରି ଦୃତ ଗତିରେ ବ୍ୟାପୁଛି । ଏଟିଏମ ଗୁଡିକ ସାନିଟାଇଜ କରାଯାଉ ନାହିଁ । ତେଣୁ ଏହା କରୋନା ବାପିକା ଆଶଙ୍କା ରହିଛି ତେଣୁ ଉପ ଜଲାପଳ ବ୍ୟାଙ୍କ ମାନଙ୍କ ସହ ଆଲୋଚନା କରି ସାନିଟାଇଜ କରିବାକୁ ନଗର କଂଗ୍ରେସର ନହାର ବିଷୋୟୀ, ଗଙ୍ଗା ସାହୁ, ସତ୍ୟ ନାରାୟଣ ନାୟକ , ବିଶ୍ୱଜିତ ଦଣ୍ଡସେନା, ବଳ ରାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରତିଦିନ ରାଉରକେଲାକୁ ପ୍ରବେଶ କରୁଛନ୍ତି ୩ଶହରୁ ଅଧିକ ଲୋକ,ବସଷ୍ଟାଣ୍ଡ,ଷ୍ଟେସନ ଓ ପ୍ରମୁଖ ଛକରେ ଯାଂଚ ଶୁନ୍

ରାଉରକେଲା, ୦୭/୭ (ନି.ପ୍ର): ରାଉରକେଲା ସହରକୁ ବିଭିନ୍ନ ସ୍ଥାନରୁ ପ୍ରତିଦିନ ବସ,ରେଳ ଓ ଟାକ୍ସି ଯୋଗେ ପାଖା ପାଖି ୩ଶହରୁ ଅଧିକ ପାସେଂଜର ପ୍ରବେଶ କରୁଥିବା କୁହାଯାଉଥିବା ବେଳେ,ସେହି ତୁଳନାରେ ପାସେଂଜରମାନେ ନିଜକୁ ପଂଜିଂକୃତ କରାଉନଥିବା ଜଣାପଡିଛି । ଏହା ଦ୍ୱାରା ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ୨ଦିନ ତଳେ କରିଥିବା ଆଦେଶ ନାମା କିଭଳି କାର୍ଯ୍ୟକାରୀ ହେବ କିଏ ଏହା କୁ କାର୍ଯ୍ୟକାରି କରିବ ଓ ବଢୁଥିବା ଆକ୍ରାନ୍ତଙ୍କ ସଂଖ୍ୟା ମାମଲାରେ ଏହା କିଭଳି ସହାୟକ ସେନେଇ ଉଠିଛି ପ୍ରଶ୍ନ । ଜିଲ୍ଲାରେ ବର୍ତମାନ ସୁଦ୍ଧା ୩୨୨ ଆକ୍ରାନ୍ତଙ୍କ ସଂଖ୍ୟା ବୋଲି ସୁନ୍ଦରଗଡ ସିଡିଏମଓ କହିଥିବା ବେଳେ, କଂଟେନମେଂଟ ଜୋନ ବଢିଚାଲିଛି । ଏହାରି ଭିତରେ ଆକ୍ରାନ୍ତଙ୍କ ସଂଖ୍ୟା ରାଉରକେଲାରେ ମଧ ବଢୁଥିବା କୁହାଯାଉଥିବା ବେଳେ ,ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏକ ଆଦେଶନାମାରେ କହିଛନ୍ତି ଓଡିଶାର ୧୪ଟି ଅଂଚଳରୁ ସହରଭିତରକୁ ପଶୁଥିବା ଲୋକେ ବିପିୟୁଟିରେ ନିଜକୁ ପଜିଂକୃତ କରାଇବା ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ କ୍ୱାରେନଟାଇନରେ ଜିବେ । କିନ୍ତୁ ଏହି ଆଦଶ ନାମା ଆଦୌ ବସଷ୍ଟାଣ୍ଡ,ରେଷ୍ଟେସନ ଓ ସହରକୁ ପ୍ରବେଶ କରୁଥିଥିବା ଟାକ୍ସିଙ୍କ ମାମଲାରେ ପାଳନ ହେଉନଥିବା ଖବର ମିଳିଛି । ଅନ୍ୟ ପକ୍ଷରେ ମହାନଗର ନିଗମ ଏହି ଆଦେଶନାମାକୁ ସାଧାରଣ ଜନତାଙ୍କ ସହାୟତରେ କାର୍ଯ୍ୟକାରୀ କରିବା କଥା । ମାତ୍ର ମହାନଗରର କୌଣସି କର୍ମଚାରୀଙ୍କୁ ରେଳଷ୍ଟେସନ,ବସଷ୍ଟାଣ୍ଡ,କିମ୍ବା ସହରର ପ୍ରବେଶ ମୁଖ୍ୟ ଛକ ପାନପୋଷ,ରଂଗୀଲା ଛକରେ ଦେଖିବାକୁ ମିଳିନାହିଁ ବୋଲି ଅଭିଯୋଗ ହୋଇଛି । ଅରାଉରକେଲା ବସଷ୍ଟାଣ୍ଡରୁ ଜଣା ପଡିଛି ପ୍ରତିଦିନ ଭୁବନେଶ୍ୱର ପ୍ରଭୃତି ଅଂଚଳରୁ ୫ଖଣ୍ଡ ବସ ସହରକୁ ସକାଳ ୬ରୁ ୭ଟା ଭିତରେ ପ୍ରବେଶ କରୁଛି । ଏଥିରେ ପ୍ରାୟ ୧୫୦ ଜଣ ପାସେନଜର ଆସୁଛନ୍ତି ।ସେମାନେ ଅଟୋରେ ନିଜ ନିଜ ଘରକୁ ଚାଲିଯାଉଥିବା ବେଳେ,ମହାନଗର କିମ୍ବା ପ୍ରଶାସନର କୌଣସି କର୍ମଚାରୀ ସେ ସମୟରେ ସେଠାରେ ଦେଖିବାକୁ ମିଳୁନଥିବା କୁହାଯାଇଛି । ସେହି ଭଳି ସହରକୁ ପ୍ରବେଶ ଲାଗି ରହିଛି ରଂଗିଲା ଓ ପାନପୋଷ ଛକ ।ସେହି ଛକ ଦେଇ ସହରକୁ ପ୍ରତିଦିନ ଭୋର ୪ରୁ୫ଟା ଭିତରେ ଅନେକ ବାହାର ରାଜ୍ୟ ଓ ଜିଲ୍ଲାର ଗାଡି ପଶୁଥିଲେ ବି ସେଗୁଡିକୁ ଦେଖିବା ଲାଗି କେହି ନାହିଁ । ଯଦି କୌଣସି ଜାଗାରେ କେହି ନାହାନ୍ତି ତେବେ ଏଭଳି ସୁନ୍ଦର ଆଦେଶନାମା ସାଧାରଣ ଜନତାଙ୍କ ସ୍ୱାର୍ଥରେ କିଭଳି ଲାଗିବ ସେନେଇ ଉଠିଛି ପ୍ରଶ୍ନ । ଏନେଇ ଆଜି ରାଉରକେଲା ବିପିୟୁଟି ରେ କୋଭିଡ ଲାଗି ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ପଚରା ଯିବାରୁ ସେ କହିଛନ୍ତି ପୁର୍ବଭଳି ଜିଲ୍ଲା ଭିତର ଓ ବାହାରୁ ଆସୁଥିବା ଲୋକ ପ୍ରାୟ ୨୩୨ ଜଣ ପଜିଂକୃତ ହେଉଛନ୍ତି ।ଗତ ୫ତାରିଖରେ ଏହି ସଂଖ୍ୟାର ଲୋକ ବିପିୟୁଟିକୁ ଆସିଥିବା ସେ କହିଛନ୍ତି । ଯଦି ଡାକ୍ତରଙ୍କ କଥା ଏଇଆ ହୁଏ ତେବେ ଏଡିଏମଙ୍କ ଆଦେଶନାମା କେତେ କାର୍ଯ୍ୟକାରି ହୋଇଛି ତାହା ଅନୁମାନ କରାଯାଇପାରେ । ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଯୋଗା ଯୋଗ କରାଜିବାରୁ ସେ କହିଛନ୍ତି ଏହି ଆଦେଶ ନାମା ପରେ ଆଜି ୨୦୦ ଲୋକ ଯୋଗା ଯୋଗ କରିଛନ୍ତି । ସାଧାରଣ ଜନତା ଏଥିରେ ପ୍ରଶାସନକୁ ସହଯୋଗ କରିବା ଆବଶ୍ୟକ ।ଅନ୍ୟପକ୍ଷରେ ସାଧାରଣ ଜନତା ଥାନା ଛଡା ଆଉ କେଉଁ ନମ୍ବରରେ କାହାକୁ ଯୋଗା ଯୋଗ କରି ଖବର ଦେବେ ତାହା ଅନେକଙ୍କୁ ଜଣା ନଥିବା ବେଳେ ଲୋକେ କାହା ସଂପର୍କରେ ଝଗଡା ଭୟରେ କହିବାକୁ ଭୟକରୁଥିବା ଦେଖାଯାଉଛି । ନିକଟରେ ବାଲିଯୋଡି ଅଂଚଳର କିଛି ଲୋକ ବିହାର ଅଂଚଳକୁ ଏକ ବାହାଘରରେ ଯାଇ ଫେରିବା ପରେ ସେଠାକାର ଲୋକେ ସେମାନଙ୍କୁ ପରୀକ୍ଷା କରାଇନେବାକୁ ପରାମର୍ଶ ଦେବାରୁ ସେମାନଙ୍କୁ ନାଲି ଆଖି ଦେଖା ଗଲା ।ପରେ ଅନ୍ୟଯାଗାରୁ ଖବର ଦିଆଯାଇ ସେମାନଙ୍କୁ ପୁଲିସ ମାଧ୍ୟମରେ ନିଆଜିବାରୁ ସେମାନଙ୍କ ଭିତରୁ ୩ଜଣ ଆକ୍ରାନ୍ତ ବାହାରିଥିବା ଜଣା ପଡିଛି । ଏଭଳି ମାମଲାରେ ଦାୟିତ୍ୱରେ ଥିବା ଅଧିକାରୀ ମାନେ ସାଧାରଣ ଜନତାଙ୍କ ସହ ସିଧା ସଳଖ ମିଶି ଜନାତାଙ୍କ ସମସ୍ୟାକୁ ବୁଝିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି ।

# ମାଲକାନଗିରି ଜିଲ୍ଲାରେ ହାରାହାରି ୬୪.୪୪ ମିଲିମିଟର ବର୍ଷା ରେକର୍ଡ

ମାଲକାନଗିରି , ୦୭/୭ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲା ହାରାହାରି ୬୪.୪୪ ମିମି ବର୍ଷା ରେକର୍ଡ କରାଯାଇଛି । ମାଲକାନଗିରି ଜିଲ୍ଲା କିଛି ଦିନର ବ୍ୟବଧାନ ପରେ ଗତ କାଲି ଠାରୁ ବର୍ଷା କ୍ରମଶଃ ଲାଗି ରହିଛି ।ଏହି ବର୍ଷା ଯୋଗୁଁ ଚାଷୀମାନଙ୍କ ମନରୁ ଅବଶାଦର ଘନ ବାଦଲ ଅପସାରଣ ହୋଇ ଆନନ୍ଦ ଲହରୀ ଖେଳିଯାଇଛି । ଚାଷ କାର୍ଯ୍ୟ ଲାଗି ବାତାବରଣ ଧୀରେ ଧୀରେ ଅନୁକୂଳ ଆଡକୁ ଅଗ୍ରଗତି କରୁଛି । ପ୍ରାପ୍ତ ସୂଚନା ଅନୁସାରେ ମାଲକାନଗିରି ଜିଲ୍ଲାରେ ୭ଟି ବ୍ଲକ୍ ରହିଛି । ମାଲକାନଗିରି ବ୍ଲକରେ ୬୦.୮ ମିମି,ମାଥିଲି ବ୍ଲକରେ ୩୦ ମିମି ,ଖଇରପୁଟ ବ୍ଲକରେ ୨୮ ମିମି ,ଚିତ୍ରକୋଣ୍ଡା ବ୍ଲକରେ୭୬ ମିମି,କୋରୁକୋଣ୍ଡା ବ୍ଲକରେ ୩୫ ମିମି,କାଲିମେଳା ବ୍ଲକରେ ସର୍ବାଧିକ ୧୪୦ ମିମି,ପଡିଆ ବ୍ଲକରେ ୮୧.୩ ମିମି ବର୍ଷା ହୋଇଛି । ସାତଟି ବ୍ଲକରେ ଆଜି ଦିନ ସାରା ସର୍ବମୋଟ ୪୫୧.୧ ମିମି ବର୍ଷା ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୬୪.୪୪ ମିମି ରହିଛି । ଆକାଶ ମେଘଛନ୍ନ ରହିଥିବାରୁ ବର୍ଷା ଲାଗି ରହିବାର ସମ୍ଭାବନକୁ ଏଡାଇ ହେବ ନାହିଁ ।

# ବିରଳ ବଜ୍ରକାପ୍ତା ଉଦ୍ଧାର

ଭୁବନ, ୦୭/୭ (ନି.ପ୍ର): ଭୁବନ ବନ ବିଭାଗ ତରଫରୁ ଧଳପଡା ପଂଚାୟତ ଅନଳ ଗ୍ରାମର ଦୁଃଖବନ୍ଧୁ ସେଠୀ ଙ୍କ ବାଡିରୁ ଏକ ବିରଳ ବଜ୍ରକାପ୍ତା ଉଦ୍ଧାର କରାଯାଇଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ,ଦୁଃଖବନ୍ଧୁ ତାଙ୍କ ଫସଲ ସୁରକ୍ଷା ପାଇଁ ବାଡିରେ ପ୍ଲାଷ୍ଟିକ ଜାଲ ବିଛାଇଥିଲେ । ବଜ୍ରକାପ୍ତାଟି କେଉଁଆଡୁ ଚାଲିଆସି ଜାଲରେ ଛନ୍ଦିହୋଇ ପଡିଥିଲା । ଏ ସଂପର୍କରେ ଶ୍ରୀ ସେଠୀ ଭୁବନ ବନବିଭାଗକୁ ଖବର ଦେବାପରେ ବନବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳକୁ ଯାଇ ବଜ୍ରକାପ୍ତାଟିକୁ ଉଦ୍ଧାର କରି ରେଞ୍ଜ ଅଫିସକୁ ଆଣିଥିଲେ ଓ ପରେ କପିଳାସ ଅଭୟାରଣ୍ୟକୁ ନେଇ ଛାଡିଦେଇଥିବା ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି ।

# ଜିଲ୍ଲା ଯୋଜନା କାର୍ଯ୍ୟାଳୟ ପରିସର ସଫେଇ

କେନ୍ଦ୍ରାପଡ଼ା, ୦୭/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜିଲ୍ଲା ଯୋଜନା କାର୍ଯ୍ୟାଳୟ କୁ ସମାଜସେବୀ ମାନଙ୍କ ଦ୍ୱାରା ସଫେଇ କରାଯାଇଛି । ସମାଜସେବୀ ପାର୍ଥସାରଥୀ ବେହେରାଙ୍କ ନେତୃତ୍ୱରେ ଯୋଜନା କାର୍ଯ୍ୟାଳୟ ପରିସର ଓ ଚତୁଃପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ଓ ଅଦରକାରୀ ଗଛ ଗୁଡିକୁ ସଫା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଚନ୍ଦ୍ର ଦାସ, ମାତୃଦତ ମହାନ୍ତି, ନିକେତନ ଜେନା, ବିଭୂତି କର ପ୍ରମୁଖ ସହଯୋଗ କରିଥିଲେ ।

# ପିଆରଏମ ମେଡ଼ିକାଲରେ ଦେଖା ଦେଇଥିବା ଅବ୍ୟବସ୍ଥାକୁ ନେଇ ସୁପାରିଟେଣ୍ଡେଂଟଙ୍କୁ ଭେଟିଲା ଭଞ୍ଜସେନା

## ଆସନ୍ତା ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନର ଚେତାବନୀ

ବାରିପଦା, ୦୭/୭ (ନି.ପ୍ର): ବାରିପଦାସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲର ବିଭିନ୍ନ ପ୍ରକାର ସମସ୍ୟା ଓ ଅବ୍ୟବସ୍ଥାକୁ ନେଇ ଆଜି ମେଡ଼ିକାଲ କଲେଜର ସୁପାରିଟେଣ୍ଡେଂଟ ବୈକୁଣ୍ଠ ନାଥ ମହାପାତ୍ରଙ୍କୁ ଭେଟିଲା ଭଞ୍ଜସେନାର ଏକ ପ୍ରତିନିଧି ମଣ୍ଡଳୀ । ଏହି ସମୟରେ ଡ଼ାଇରିଆ ୱାର୍ଡ଼ ସ୍ଥାନାନ୍ତର ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପୂର୍ବରୁ ମେଡ଼ିକାଲ କଲେଜର ଡ଼ାଇରିଆ ୱାର୍ଡ଼ଟି ହସପିଟାଲର ବାହାର ଭାଗରେ ରହିଥିଲା । ଏହାକୁ ନିରାମୟ ଔଷଧର ଗୋଦାମ କରାଯାଇ ଡ଼ାଇରିଆ ୱାର୍ଡ଼କୁ ହସପିଟାଲ ଭିତର ସାଧାରଣ ୱାର୍ଡ଼କୁ ସ୍ଥାନାନ୍ତରିତ କରାଯିବା ନିମନ୍ତେ ଯୋଜନା କରାଯାଇଛି । ଡ଼ାଇରିଆ ଏକ ମହାମାରୀ ହୋଇଥିବା ବେଳେ ହସପିଟାଲର ସାଧାରଣ ୱାର୍ଡ଼କୁ ସ୍ଥାନାନ୍ତର କରାଗଲେ ଅନ୍ୟ ରୋଗୀମାନେ ସଂକ୍ରମିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଯାହାକୁ ନେଇ ରୋଗୀମାନେ ଭୟଭିତ ହୋଇପଡ଼ିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ଅଣରାଜନୈତିକ ସଂଗଠନ ଯିଏକି ଜିଲ୍ଲାବାସୀଙ୍କ ସାମୂହିକ ସ୍ୱାର୍ଥ ରକ୍ଷା ନିମନ୍ତେ ସଦାସର୍ବଦା ଜାଗ୍ରତ ପ୍ରହରୀ ଭଳି ସଂଗ୍ରାମ ଚଳାଇ ଆସୁଛି । ତେଣୁ ଏହି ସମସ୍ୟା ଜନସାଧାରଣଙ୍କ ବୃହତ ସ୍ୱାର୍ଥ ସହ ଜଡ଼ିତ ରହିଥିବାରୁ ଭଞ୍ଜସେନା ଏଥି ନିମନ୍ତେ ଆଗେଇ ଆସିଛି । ଆଜି ଭଞ୍ଜସେନା ପକ୍ଷରୁ ମେଡ଼ିକାଲ କଲେଜର ସୁପାରିଟେଣ୍ଡେଂଟଙ୍କ ସହ ଡ଼ାଇରିଆ ୱାର୍ଡ଼କୁ ନେଇ ଆଲୋଚନା ହେବା ପରେ ସେ ପିଏଚଡ଼ି ବିଭାଗ ମୁଣ୍ଡରେ ଅଠା ବୋଲି ଖସି ଯିବାକୁ ଉଦ୍ୟମ କରିଥିଲେ । ଏହାପରେ ପିଏଚଡ଼ି ନିର୍ବାହୀ ଯନ୍ତ୍ରୀ୭ରୁ ୧୫ ଦିନ ଭିତରେ ସମସ୍ୟାର ସମାଧାନ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଭଞ୍ଜସେନାର ପ୍ରତିନିଧି ମଣ୍ଡଳୀ ଉଭୟ ମେଡ଼ିକାଲ କଲେଜର ସୁପାରିଟେଣ୍ଡେଂଟ ଓ ପିଏଚଡ଼ିର ନିର୍ବାହୀ ଯନ୍ତ୍ରୀଙ୍କୁ ୧୦ ଦିନ ସମୟ ଦେଇଛନ୍ତି । ଏହା ମଧ୍ୟରେ ମେଡ଼ିକାଲ ବାହାରେ ଥିବା ଡ଼ାଇରିଆ ୱାର୍ଡ଼ର ସମସ୍ତ ସମସ୍ୟାର ସମାଧାନ କରାଯାଇ ପୁନଃକାର୍ଯ୍ୟକ୍ଷମ ସମ୍ଭବ ନ ହେଲେ ଭଞ୍ଜସେନା ଆନ୍ଦୋଳନକୁ ଓହ୍ଲାଇ ଆସିବାକୁ ବାଧ ହେବ ବୋଲି ଚେତାବନୀ ଶୁଣାଇ ଦେଇଛି । ସେନାର ଏହି ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ସଭାପତି ପିଣ୍ଟୁ ମାଇତି ନେଇଥିବା ବେଳେ ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ସମ୍ପାଦକ ରାକେଶ ମହାନ୍ତି, ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସଞ୍ଜୟ ମାଜାନା ପ୍ରମୁଖ ଯୋଗ ଦେଇଥିଲେ ।

# ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ଦୋମୁହାଁ ନୀତିକୁ ସମାଲୋଚନା

ବାରିପଦା, ୦୭/୭ (ନି.ପ୍ର): ସ୍ଥାନୀୟ ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷରେ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ଦୋମୁହାଁ ନୀତିକୁ ତୀବ୍ର ଭାବେ ସମାଲୋଚନା କରାଯାଇଛି । ଗତ ଜୁନ ୨୯ରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭିଡ଼ିଓ କନଫରେନ୍ସିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଜନ ସମ୍ବାଦ ରାଲିରେ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାରିପଦା ପୌରପରିଷଦର ୨୫ ନମ୍ବର ୱାର୍ଡ଼ ଦେବେନ୍ଦ୍ରପୁର ଅଞ୍ଚଳର ମହିଳାମାନେ ସେମାନଙ୍କର ସମସ୍ୟାକୁ ନେଇ ଡ଼ା ମହାପାତ୍ରଙ୍କୁ ଭେଟିବା ନିମନ୍ତେ ଆସିଥିଲେ । ଏହି ସମୟରେ କୋଭିଡ଼-୧୯ ମାର୍ଗଦର୍ଶୀକାକୁ କୌଣସି ପ୍ରକାରରେ ଉଲ୍ଲଙ୍ଘନ କରାଯାଇ ନ ଥିବା ବେଳେ ବାରିପଦା ଟାଉନ ଥାନାରେ ଥାନା ଏସଆଇ ଅଜୟ ସୁଦର୍ଶନ ବାଗେଙ୍କ ଅଭିଯୋଗ କ୍ରମେ ବିଜେପିର ପୂର୍ବତନ ସଭାପତି ଡ଼ା. ମହାପାତ୍ରଙ୍କ ସମେତ ୨୫ ଜଣ ଦଳୀୟ ସମର୍ଥକଙ୍କ ନାମରେ ବିପର୍ଯ୍ୟୟ ପରିଚାଳନା ଆଇନର ଧାରା ୫୫ ସହ ଆଇପିସି ଧାରା ୨୬୯, ୨୭୦, ୩୪ ଅନୁସାରେ ୪୦୮/୨୦୨୦ରେ ମାମଲା ରୁଜୁ କରାଗଲା । ଏହି ସମୟରେ ଗତ ଜୁନ ୨୮ରେ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବିଜେଡ଼ିର ରାଜ୍ୟ ସଙ୍ଗଠନ ସମ୍ପାଦକ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓରଫ ବବି ମୟୂରଭଞ୍ଜ ଗସ୍ତରେ ଆସି ନିଜର ଜନ୍ମ ଦିନ ପାଳନ ସହ କୋଭିଡ଼-୧୯ ମାର୍ଗଦର୍ଶୀକାକୁ ଖୋଲାଖୋଲି ଅଣଦେଖା ପୂର୍ବକ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏହା ସାମାଜିକ ଗଣମାଧ୍ୟମ ସହ ବିଭିନ୍ନ ଛପା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ମାମଲା ରୁଜୁ କରାନଯିବାକୁ ବିଜେପି ତୀବ୍ର ସମାଲୋଚନା କରିଛି । ସେହିପରି ଗତ ଜୁନ ୭ରେ ରାସଗୋବିନ୍ଦପୁର ବ୍ଲକ ସାରୁମଳା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ୨୧ ଦିନ ଅବସ୍ଥାନ କରିଥିବା ପ୍ରବାସୀ ଶ୍ରମିକମାନଙ୍କୁ ଜିଲ୍ଲା ଯୁବ ବିଜେଡ଼ିର ସାଧାରଣ ସମ୍ପାଦକ ଉତମ କୁମାର ମହାନ୍ତି, ବିଜୁ ମହିଳା ବ୍ଲକ ସଭାନେତ୍ରୀ ଉଜ୍ଜୟିନୀ ବେହେରା, ରାସଗୋବିନ୍ଦପୁର ବ୍ଲକ ବିଡ଼ିଓ ୨ ହଜାର ଟଙ୍କାର ଚେକ ବାଂଟିବା ଏବଂ ଗତ ଜୁନ ୧୨ରେ ବ୍ଲକ ପରିସରରେ ଭିନ୍ନକ୍ଷମମାନଙ୍କୁ ଟ୍ରଲି ରିକ୍ସା ପ୍ରଦାନ କରାଯିବା କେତେଦୂର ଆଇନ ସଙ୍ଗତ ବୋଲି ବିଜେପି ପ୍ରଶ୍ନ ଉଠାଇଛି । ପୁଣି ବାରିପଦା ଆର୍ବାନ ବ୍ୟାଙ୍କ ଜମାକାରୀମାନଙ୍କୁ ସେମାନଙ୍କ ଜମାଟଙ୍କା ଫେରସ୍ତ ଦେବା ନିମନ୍ତେ ଉଚ୍ଚ ନ୍ୟାୟାଳୟର ବିଚାରପତି ପ୍ରମୋଥ ପଟ୍ଟନାୟକ ରାୟ ଦେଇଥିବା ବେଳେ ବିଜେଡ଼ି ଏଥିରୁ ସମସ୍ତ ଶ୍ରେୟ ନେବା ନିମନ୍ତେ ମିଥ୍ୟା ପ୍ରଚାର ଚଳାଇବାକୁ ବିଜେପି ପକ୍ଷରୁ ନାପସନ୍ଦ କରାଯାଇଛି ।

ସେହିପରି କେନ୍ଦ୍ର ସରକାରଙ୍କ ଦୀନଦୟାଲ ଜ୍ୟୋତି ଯୋଜନାରେ ୧୦୬ଟି ଗ୍ରାମକୁ ବିଦ୍ୟୁତ କରଣ ବାକି ରହିଯାଇଥିବା ବେଳେ ଏହା କାର୍ଯ୍ୟକାରିତାର କଚ୍ଛପ ଗତିକୁ ନେଇ ବିଜେପି ନିଜର ଅସନ୍ତୋଷ ପ୍ରକାଶ କରିଛି ଏବଂ ବିଦ୍ୟୁତ୍ ବିଭାଗ ମାସକୁ ମାସ ବିଲ ଆଦାୟ ନ କରି ମାସ ମାସ ବ୍ୟବଧାନ ପରେ ଏକକାଳୀନ ବିଲ ଆଦାୟ ନିମନ୍ତେ ଜୁଲୁମ ଚଳାଇଛି । ଏକ କାଳୀନ ବିଲ ପୈଠ କରିନ ପାରିଲେ ଉପଭୁକ୍ତାଙ୍କ ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରାଯିବାକୁ ବିଜେପି ପକ୍ଷରୁ ବିରୋଧ କରାଯାଇଛି । ଜିଲ୍ଲାରେ ପଞ୍ଜିକୃତ ଚାଷୀମାନେ ଟୋକନ ପାଇ ଧାନ ମଣ୍ଡିରେ ଧାନ ବିକ୍ରି କରିନପାରି ବିଭିନ୍ନ ସମସ୍ୟା ମଧ୍ୟଦେଇ ଗତି କରୁଛନ୍ତି । ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଏ ଦିଗରେ ସଚେତନତା ଅବଲମ୍ବନ ନ କଲେ ବିଜେପି ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇ ଆସିବାକୁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି । ବିଜେପିର ପୂର୍ବ ଜିଲ୍ଲା ସଙ୍ଗଠନ ସଭାପତି କାନ୍ଦ୍ରା ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲ୍ଲାପରିଷଦ ସଭାପତି ସୁଜାତା ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢ଼େଇ, ସାରସକଣା ବିଧାୟକ ଡ଼ା ବୁଢ଼ାନ ମୁର୍ମୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀହାର ରଞ୍ଜନ ମୋଦି, ପ୍ରଦୀପ ମହାନ୍ତି, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଦୀନେଶ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଆମ୍ବ କଷ୍ଟାର୍ଡ



**ଏବେ ବଜାରରେ ପାଚିଲା ଆମ୍ବ ପ୍ରଚୁର ପରିମାଣରେ ଉପଲବ୍ଧ । ଏହାକୁ ନେଇ ସ୍ୱାଦିଷ୍ଟ କଷ୍ଟାର୍ଡ ପ୍ରସ୍ତୁତ କରି ସମସ୍ତଙ୍କୁ ଖୁସି କରିପାରିବେ ।**

**ଆବଶ୍ୟକ ସାମଗ୍ରୀ:** ପାଚିଲା ଆମ୍ବ-୨ଟି (୬୦୦ଗ୍ରାମ୍) ଭାନିଲା କଷ୍ଟାର୍ଡ ପାଉଡର-୨ ବଡ଼ ଚାମଚ (୨୦ ଗ୍ରାମ), ଚିନି-୧/୨ କପ୍, ଡାଳିମ୍ବ ମଞ୍ଜି ୧/୨ କପ୍, ତାଜା କ୍ରିମ୍-୧ କପ୍ (୨୦୦ ଗ୍ରାମ), କଟାଯାଇଥିବା କାଜୁ ବାଦାମ- ୧/୪ କପ୍, ବାଦାମ-୮ ରୁ ୧୦ଟି ଓ ପେସ୍ତା- ୧୫ରୁ ୨୦ଟି, କ୍ଷୀର-ଅଧା ଲିଟର ।

**ପ୍ରସ୍ତୁତି:**

କଷ୍ଟାର୍ଡ ପ୍ରସ୍ତୁତ କରିବା ଲାଗି ବଡ଼ ଚାମଚରେ ୩-୪ ଚାମଚ କଞ୍ଚାକ୍ଷୀର ଏକ ପାତ୍ରରେ ନେଇ ସେଥିରେ କଷ୍ଟାର୍ଡ ପାଉଡର ମିଶାଇ ଭଲଭାବେ ଗୋଳାଇବେ । ବଳକା କ୍ଷୀର ଆଉ ଏକ ପାତ୍ରରେ ସିଝାଇଦେବେ । ଏହି କ୍ଷୀରର ଫୁଟିଲେ ଆଞ୍ଚ କମାଇ ଗୋଳାଇଥିବା କଷ୍ଟାର୍ଡ ସେହି କ୍ଷୀରରେ ପକାଇ ଘାଣ୍ଟିବେ ଯେପରି ଏହି ମିଶ୍ରଣ କ୍ଷୀରରେ ପୂରା ମିଶିଯିବ । ୬-୭ ମିନିଟ୍ ପର୍ଯ୍ୟନ୍ତ ଏହା ଗାଢ଼ ହେବା ଯାଏ ଗୋଳାଇ ଚାଲିବେ ଯେପରି ଗୋଟା ରହିବ ନାହିଁ କିମ୍ବା ପାତ୍ରର ତଳେ ମିଶ୍ରଣ ଲାଗିଯିବ ନାହିଁ । ୬ ମିନିଟ ହେବା ପରେ ଗ୍ୟାସ୍ ବନ୍ଦ କରି ମିଶ୍ରଣକୁ ଥଣ୍ଡା କରନ୍ତୁ । ମଝିରେ ମଝିରେ ଗୋଳାଇବା ଜରୁରୀ । ନଚେତ୍ ଉପରେ ସର ବସିଯିବ ।

ଏବେ ଆମ୍ବକୁ ଚୋପା ଛଡ଼ାଇ ଖଣ୍ଡଖଣ୍ଡ କରି କାଟିଦିଅନ୍ତୁ । ଉଭୟେ ଛୋଟ ଏବଂ ବଡ଼ ଖଣ୍ଡ କରି କାଟିବେ । ବଡ଼ ଖଣ୍ଡରୁ ଶସ ବାହାର କରିବା ସହିତ ଛୋଟଗୁଡ଼ିକୁ କଷ୍ଟାର୍ଡରେ ପକାଇବେ । ଅଙ୍ଗୁରକୁ ମଧ ୨ ଖଣ୍ଡ କରି କାଟିବେ । ଏବେ ବଡ଼ ଆମ୍ବଖଣ୍ଡ ଓ ଚିନି ମିକ୍ସର ଜାର୍‌ରେ ପକାଇ ପେଷ୍ଟ ପ୍ରସ୍ତୁତ କରି ରଖନ୍ତୁ । କ୍ରିମ୍‌କୁ ମନ୍ଥିବା ପାଇଁ ଗୋଟିଏ ଛୋଟ ଏବଂ ଗୋଟିଏ ବଡ଼ ପାତ୍ର ଆଣିବେ । ବଡ଼ ପାତ୍ରରେ ବରଫ ଟ୍ରେରୁ ସବୁ ବରଫ ପକାଇ ତା' ଉପରେ ଛୋଟ ପାତ୍ର ରଖି ସେଥିରେ ଫ୍ରିଜରୁ କାଢ଼ିଥିବା କ୍ରିମ୍ ପକାନ୍ତୁ । ଇଲେକ୍ଟ୍ରିକ୍ ବ୍ଲେଣ୍ଡରରେ ଏହାକୁ ଗୋଳାଇ ଗାଢ଼ କ୍ରିମ୍ ପ୍ରସ୍ତୁତ କରିବେ । ତେବେ କଷ୍ଟାର୍ଡ ପାଇଁ କ୍ରିମ୍ ଯେପରି ବେଶୀ ଗାଢ଼ ନହୁଏ । ସବୁ ସାମଗ୍ରୀ ପ୍ରସ୍ତୁତ ହୋଇସାରିବା ପରେ କଷ୍ଟାର୍ଡ ମିଶ୍ରଣ ସହିତ ପ୍ରଥମେ ଆମ୍ବ ଏବଂ ଚିନିର ପେଷ୍ଟ ଓ କ୍ରିମ୍‌କୁ ଏକାଠି ମିଶାଇଦେବେ । ଥରେ ବ୍ଲେଣ୍ଡର ସହାୟତାରେ ମିଶାଇବା ଭଲ । ପରଷିବା ଲାଗି ଛୋଟ ଛୋଟ ପାତ୍ର ଆଣି ସେଥିରେ ଅଧା ପର୍ଯ୍ୟନ୍ତ କଷ୍ଟାର୍ଡ ମିଶ୍ରଣ ରଖନ୍ତୁ । ଏହାପରେ ଛୋଟଛୋଟ କଟାଯାଇଥିବା ଆମ୍ବ ଅଙ୍ଗୁର ଏବଂ ଡାଳିମ୍ବ ମଞ୍ଜି ପକାଇବା ପରେ ସେଥିରେ କଟାଯାଇଥିବା କାଜୁ, ବାଦାମ ଓ ପେସ୍ତା ପକାନ୍ତୁ । ବଳକା ମିଶ୍ରଣ ଏକ ବଡ଼ ପାତ୍ରରେ ବାହାର କରି ସେଥିରେ ମଧ କଟା ଆମ୍ବ ଅଙ୍ଗୁର, ଡାଳିମ୍ବ ମଞ୍ଜି, ଡ୍ରାଏଫ୍ରୁଟସ୍ ପକାଇ ଦେବେ । ସବୁ ପାତ୍ର ୧ ଘଣ୍ଟା ପାଇଁ ଫ୍ରିଜରରେ ରଖନ୍ତୁ । ପ୍ରସ୍ତୁତ ହୋଇଯିବ ଥଣ୍ଡା ଥଣ୍ଡା ସ୍ୱାଦିଷ୍ଟ ଆମ୍ବ କଷ୍ଟାର୍ଡ ।

# ମାସ୍କ ଚର୍ଚ୍ଚା

**ଅସଲରେ କାଶ କିମ୍ବା ଛିଙ୍କ ବେଳେ ମୁହଁରୁ ବାହାରୁଥିବା ଜଳବୁନ୍ଦା ବାହାରକୁ ଯାଇ ନପାରି ମାସ୍କରେ ରହିଯାଏ । ତେଣୁ ଏହା ଅନ୍ୟକୁ ସଂକ୍ରମିତ କରିବା କିମ୍ବା ଅନ୍ୟଦ୍ୱାରା ସଂକ୍ରମିତ ହେବାଠାରୁ ସୁରକ୍ଷିତ ରଖେ । ଦେଶରେ କରୋନା ସଂକ୍ରମଣ ସଂଖ୍ୟା ବଢ଼ି ଚାଲିଛି । ଏହି ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି ସାନିଟାଇଜର ସହ ମାସ୍କ ସବୁଠାରୁ ବଡ଼ ଅସ୍ତ୍ର ପାଲଟିଛି । ସିଡିସି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରି ସଂସ୍ଥାଗୁଡ଼ିକ ମାସ୍କ ପିନ୍ଧିବା ପାଇଁ ସାଧାରଣ ଲୋକଙ୍କୁ ବାରମ୍ବାର ନିବେଦନ କରୁଛନ୍ତି । କେନ୍ଦ୍ର ଏବଂ ରାଜ୍ୟ ସରକାର ମାସ୍କ ପିନ୍ଧିବା ପାଇଁ ଲୋକଙ୍କୁ ନିବେଦନ କରୁଥିଲେ ବି ଏଯାବତ୍ ସମସ୍ତେ ଏ ସଂକ୍ରାନ୍ତରେ ସଚେତନ ହେଉନାହାନ୍ତି । ବଜାରରେ ଉପଲବ୍ଧ ମାସ୍କର ବିଶେଷତ୍ୱ ଜାଣି ନିଜ ପାଇଁ ଠିକ୍ ମାସ୍କ ବାଛନ୍ତୁ ଏବଂ ସଂକ୍ରମଣରୁ ସୁରକ୍ଷିତ ରହନ୍ତୁ । ଏବେ ଆଉ କେତେକ ସ୍ୱତନ୍ତ୍ର ମାସ୍କ ବି ଚର୍ଚ୍ଚାକୁ ଆସିଲାଣି ।**



**ଏନ୍ ୯୫ ମାସ୍କ:**




କରୋନା ମହାମାରୀ ସମୟରେ ଏନ୍-୯୫ ମାସ୍କ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି । ଏହା ଅତି କ୍ଷୁଦ୍ର କଣିକା (୦.୩ ମାଇକ୍ରନ୍)କୁ ପ୍ରାୟ ୯୫ ପ୍ରତିଶତ ରୋକିପାରେ । ମଣିଷର କେଶ ୭୦ରୁ ୧୦୦ ମାଇକ୍ରନ ଚଉଡ଼ା ହୋଇଥିବା ବେଳେ ଏନ୍-୯୫ ଅତି କ୍ଷୁଦ୍ର କଣିକା ରୋକିବାରେ ସଫଳ ହୋଇଥାଏ । ପଲିଷ୍ଟର ଏବଂ ଅନ୍ୟ ସିନ୍ଥେଟିକ୍ ପାଇବରରେ ତିଆରି ଏହି ମାସ୍କ ଥରଟିଏ ବ୍ୟବହାର କରିହେବ । ତେବେ ତ୍ୱଚା ଏବଂ ମାସ୍କ ଭିତରେ ଯେପରି କୌଣସି ଖାଲିସ୍ଥାନ ନରହେ । ଏହା ଛୋଟ ପିଲା ଏବଂ ଦାଢ଼ି ଥିବା ମଣିଷଙ୍କ ମୁହଁରେ ଠକ୍ ଭାବେ ଲାଗିପାରେ ନାହିଁ । ଭାଲ୍‌ଭ ଥିବା ପରି ମାସ୍କ ସାଧାରଣତଃ ନିର୍ମାଣ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

**ସର୍ଜିକାଲ ମାସ୍କ:**



ଏନ୍-୯୫ରୁ ଟିକେ କମ୍ ପ୍ରଭାବଶାଳୀ । ଏଥିରୁ କେତେକ ଲ୍ୟାବ୍ ପରିବେଶରେ ଛୋଟ କଣିକାଗଡ଼ିକୁ ୬୦ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ରୋକିପାରେ । ଠିକ୍ ଭାବେ ପିନ୍ଧା ଯାଇଥିଲେ ଏହା କରୋନା ସଂକ୍ରମଣରୁ ସୁରକ୍ଷା ଦେବାରେ ସହାୟକ ହୋଇଥାଏ । ଏଗୁଡ଼ିକ ଡିସ୍‌ପୋଜେବ୍‌ଲ ମାସ୍କ ।

**କପଡ଼ା ମାସ୍କ:**



ସୂତା କପଡ଼ାରେ କଫି ଫିଲ୍ଟର, ପେପର ଟାୱେଲ ବ୍ୟବହାର କରି ଏହି ମାସ୍କ ପ୍ରସ୍ତୁତ କରାଯାଇଥାଏ । ଏହା ୦.୩ ମାଇକ୍ରନ୍‌ର କଣିକାକୁ ୨୩ ରୁ ୩୩ ପ୍ରତିଶତ ପର୍ଯ୍ୟନ୍ତ ରୋକିପାରେ । ଏଭଳି ମାସ୍କ ଭଲଭାବେ ତିଆରି କଲେ ଏହା ସର୍ଜିକାଲ ମାସ୍କ ପରି ସୁରକ୍ଷା ଦେଇଥାଏ । ନାକ ଏବଂ ଚିବୁକକୁ ସମ୍ପୂର୍ଣ୍ଣ ଘୋଡ଼ାଇ ପାରୁଥିବା ଆକାରରେ ଦୁଇ ସ୍ତର କପଡ଼ା ଦେଇ ଏହି ମାସ୍କ ପ୍ରସ୍ତୁତ କରିବା ଉଚିତ । ଏହାକୁ ଠିକ୍ ଭାବେ ପିନ୍ଧିବା ସହ ସାମାଜିକ ଦୂରତା ଏବଂ ବାରମ୍ବାର ହାତ ଧୋଇବା ପ୍ରତି ଯତ୍ନ ନେବା ଅଧିକ ସୁରକ୍ଷିତ ରଖିବ ।



**ସୁନା ମାସ୍କ:**

ଦେଶରେ କରୋନା ସଂକ୍ରମଣ କ୍ଷେତ୍ରରେ ମହାରାଷ୍ଟ୍ରର ସ୍ଥିତି ସବୁଠାରୁ ଖରାପ ଥିବା ବେଳେ ଏହି ରାଜ୍ୟର ଜଣେ ବାସିନ୍ଦା ନିଜ ସଉକ ଲାଗି ସୁନା ତିଆରି ମାସ୍କ ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି । ପୁନେ ଅନ୍ତର୍ଗତ ପିମ୍ପରି ଚିଞ୍ଚୱାଡ଼ା ବାସିନ୍ଦା ଶଙ୍କର କୁରାଡେ ଏହି ମାସ୍କ ପିନ୍ଧୁଛନ୍ତି । ଏହା ଖୁବ୍ ପତଳା ଏବଂ ଏଥିରେ ଛୋଟ ଛୋଟ କଣା ରହିଥିବାରୁ ଶ୍ୱାସକ୍ରିୟାରେ କୌଣସି ସମସ୍ୟା ହେଉନଥିବା ଶଙ୍କର କହନ୍ତି । ତେବେ ସୁନାରେ ତିଆରି ଏହି ମାସ୍କକୁ ପିନ୍ଧିବା ଲାଗି ସାଧାରଣ ଇଲାଷ୍ଟିକ୍ ଲଗାଯାଇଛି । ପୂର୍ବରୁ ହାଇଦ୍ରାବାଦର କେତେକ ଅଳଙ୍କାର ବ୍ୟବସାୟୀ ସୁନା ମାସ୍କ ତିଆରି କରି ଚର୍ଚ୍ଚାକୁ ଆସିଥିଲେ ।

**ପିଲାଙ୍କ ମନ ମୋହୁଛି କାର୍ଟୁନ ମାସ୍କ:**

କରୋନା ମହାମାରୀରୁ ସୁରକ୍ଷିତ ରହିବା ଲାଗି ମାସ୍କ ପିନ୍ଧିବା ଜରୁରୀ ହୋଇଥିଲେ ମଧ ପିଲାମାନଙ୍କୁ ଏହା ପିନ୍ଧାଇବା କାଠିକର ପାଠ ହୋଇଯାଉଛି । ତେବେ ସେମାନଙ୍କୁ ମାସ୍କ ପ୍ରତି ଆକୃଷ୍ଟ କରିବା ଲାଗି ବଜାରକୁ ଆସିଛି କାର୍ଟୁନ ମାସ୍କ । ଡୋରେମନ୍, ସିନ୍‌ଚାନ୍, ପେପା ପିଗ୍, ମିକି ମାଉସ୍, ପୋକେମନ୍ ପରି ଏକାଧିକ ପ୍ରିୟ କାର୍ଟୁନ ଚରିତ୍ରଙ୍କ ଛବି ଥିବା ମାସ୍କ ଦେଖି ପିଲାମାନେ ବି ଖୁସି ।



# ସୁନା କଇଁଚିରେ କେଶକଟା



'ମିସନ୍ ବିଗିନ୍ ଏଗେନ୍' ଅନୁସାରେ, ମହାରାଷ୍ଟ୍ର ସରକାର ଲକ୍‌ଡାଉନ୍ କଟକଣାକୁ କିଛିଟା କୋହଳ କରିଛନ୍ତି । ସେ ଅନୁଯାୟୀ ଜୁନ୍ ୨୮ ତାରିଖରୁ ରାଜ୍ୟ ସେଲୁନ୍ ଏବଂ ବ୍ୟୁଟି ପାର୍ଲର ପୁଣି ଖୋଲିବା ଲାଗି ଅନୁମତି ଦିଆଯାଇଛି । ସରକାରଙ୍କ ଏହି ଅନୁମତି ପରେ କୋହ୍ଲାପୁରରେ ଜଣେ ସେଲୁନ୍ ମାଲିକ ସୁନା କଇଁଚିରେ ଗ୍ରାହକଙ୍କ କେଶ କାଟି ଚର୍ଚ୍ଚାକୁ ଆସିଛନ୍ତି । ସେ ହେଲେ ରାମଭାଉ ଶଙ୍କପାଲ । ରାମଭାଉଙ୍କର କୋହ୍ଲାପୁର ବଜାରରେ ଏକ ସେଲୁନ୍ ରହିଛି । ଲକ୍‌ଡାଉନ୍ ପରେ ସେଲୁନ ପୁଣି ଥରେ ଖୋଲିଥିବା ଯୋଗୁ ଖୁସି ହୋଇ ନିକଟରେ ସେ ନିଜର ପ୍ରଥମ ଗାହକଙ୍କର କେଶ ସୁନା କଇଁଚିରେ କାଟିବାର ବ୍ୟବସ୍ଥା କରିଥିଲେ । ଏ ସଂପର୍କରେ ରାମଭାଉ କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ଆମ ବ୍ୟବସାୟ ବହୁତ ପ୍ରଭାବିତ ହୋଇଛି । ସେଲୁନ୍ ମାଲିକ ଏବଂ କର୍ମଚାରୀଙ୍କୁ ଭୟଙ୍କର ଆର୍ଥିକ ଅନଟନ ଦେଇ ଗତି କରିବାକୁ ପଡ଼ିଛି । କିଛି ସେଲୁନ୍ ମାଲିକ ଅର୍ଥାଭାବ ଯୋଗୁ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି । ଏଭଳି ପରିସ୍ଥିତିରେ ପୁଣି ଥରେ ସେଲୁନ୍ ଖୋଲୁଥିବାରୁ ସେମାନେ ଖୁବ୍ ଖୁସି ଅଛନ୍ତି । ସେହି ଖୁସିକୁ ଜାହିର କରିବା ଲାଗି ସେ ନିଜ ଦୋକାନକୁ ଆସିଥିବା ପ୍ରଥମ ଗ୍ରାହକଙ୍କର କେଶ ସୁନା କଇଁଚିରେ କାଟିବା ଲାଗି ସ୍ଥିର କରିଥିଲେ । ଅନେକ ବର୍ଷ ହେଲା ସେ ଏହି ବ୍ୟବସାୟରେ ଥିବାବେଳେ ନିଜ ସଞ୍ଚିତ ଅର୍ଥରୁ ୨ ସୁନା କଇଁଚି କିଣିଛନ୍ତି । ତାଙ୍କରର ଏହି ୨ କଇଁଚି ୧୦ ତୋଳା ସୁନାରେ ପ୍ରସ୍ତୁତ ହୋଇଛି ।

# ଏକ୍ସ-ରେରୁ ଜଣାପଡ଼ିବ କରୋନା




କରୋନା ଟେଷ୍ଟ ସଂଖ୍ୟା ବଢ଼ାଇବା ପାଇଁ ସରକାର କରୋନା ଟେଷ୍ଟିଂର ମୂଲ୍ୟ ହ୍ରାସି କରିଛନ୍ତି । ତଥାପି ଲୋକେ ଏ ନେଇ ସନ୍ତୁଷ୍ଟ ନାହାନ୍ତି । ଏହି ସମୟରେ ଆଇଆଇଟି ଗାନ୍ଧିନଗରର ଏମ୍ ଟେକ୍ ଛାତ୍ର କୁଶପାଲ ସିଂହ ଯାଦବ ଏକ ନୂଆ ସଫ୍ଟୱେର ବିକଶିତ କରିଛନ୍ତି । ତାଙ୍କ ସହଯୋଗୀ ପ୍ରଫେସର ଏଥିରେ ତାଙ୍କୁ ସାହାଯ୍ୟ କରିଛନ୍ତି । ସେମାନଙ୍କ କହିବା ଅନୁସାରେ, ଛାତି ଏକ୍ସ-ରେ ମାଧ୍ୟମରେ କରୋନା ଚିହ୍ନଟ କରାଯାଇ ପାରିବ । ଗବେଷଣାରେ ସାମିଲ ପ୍ରଫେସର କୃଷ୍ଣା ମିୟାପୁରମ କହନ୍ତି, କରୋନା ରୋଗୀଙ୍କ ଚିହ୍ନଟ ନିମନ୍ତେ କୃତ୍ରିମ ବୁଦ୍ଧିମତାସମ୍ପନ୍ନ ଏକ ସଫ୍ଟୱେର ବିକଶିତ କରିଛନ୍ତି । ଏହା ଏକ ଅନ୍‌ଲାଇନ୍ ଉପକରଣ । ବ୍ୟକ୍ତି କରୋନା ସଂକ୍ରମିତ ଅଛନ୍ତି କି ନାହିଁ, ତାହା ଏକ୍ସ-ରେ ମାଧ୍ୟମରେ ଚିହ୍ନଟ କରେ । ପ୍ରାଥମିକ ଚିକିତ୍ସା ନିମନ୍ତେ ଏହି ଉପକରଣ ପ୍ରୟୋଗ କରାଯାଇପାରେ ବୋଲି ଗବେଷକମାନେ ଦାବି କରୁଛନ୍ତି । ଏ ନେଇ କୁଶପାଲ କହନ୍ତି, କରୋନାର ଟେଷ୍ଟିଂ ସୁବିଧାକୁ ଦୃଷ୍ଟିରେ ରଖି ଏହି ସଫ୍ଟୱେର ସେ ପ୍ରସ୍ତୁତ କରିଛନ୍ତି । ବିଶ୍ୱସନୀୟ ଉପକରଣର ବିକାଶ ନିମନ୍ତେ ଉଚିତ ଆଲ୍‌ଗୋରିଦମ ଓ ତଥ୍ୟ ଆବଶ୍ୟକ ହୁଏ । ଏହି ମାମଲାରେ ସଦ୍ୟ ବିକଶିତ ଉପକରଣ ଉଗଯୋଗ ହେବ । ବ୍ୟାପକ ସ୍ତରରେ ଏହାର ପ୍ରୟୋଗ କରାଯାଇପାରେ ବୋଲି ସେ କହିଛନ୍ତି ।

# ସ୍ୱାସ୍ଥ୍ୟ ମନ୍ତ୍ର



ଭୃଙ୍ଗରାଜ ପତ୍ର ଦ୍ୱାରା କେଶର ଅଧିକାଂଶ ସାଧାରଣ ସମସ୍ୟା ଦୂର କରାଯାଇପାରେ । ଏଥି ପାଇଁ ଲୋଡ଼ା ଏକ କପ୍ ଖାଣ୍ଟି ନଡ଼ିଆ ତେଲ, ଚଉଠ କପ୍ ଭୃଙ୍ଗରାଜ ପତ୍ର ଓ ଏକ ଚାମଚ ମେଥି । ପ୍ରଥମେ ଏକ ପାତ୍ରରେ ନଡ଼ିଆ ତେଲ ଗରମ କରନ୍ତୁ । ତାତିଗଲା ପରେ ଭୃଙ୍ଗରାଜ ପତ୍ର ଓ ମେଥି ପକାନ୍ତୁ । ଅଳ୍ପ ଆଞ୍ଚରେ ଫୁଟାନ୍ତୁ । ତେଲରୁ ଫେଣ ଓ ଫୋଟକା ସଂପୂର୍ଣ୍ଣ ଚାଲିଗଲେ, ଥଣ୍ଡା କରନ୍ତୁ । ବାର ଘଣ୍ଟା ପରେ ଛାଣି, ମେଥି ଓ ଭୃଙ୍ଗରାଜ ପତ୍ର ବାହାରକରିଦିଅନ୍ତୁ । ଏହି ତେଲ ସପ୍ତାହରେ ଦୁଇ ଦିନ କେଶରେ ମାଲିସ କରନ୍ତୁ । ଏକ ଘଣ୍ଟା ପରେ ସାମ୍ପୁ ଦ୍ୱାରା ମୁଣ୍ଡ ଧୁଅନ୍ତୁ । ନିୟମିତ ବ୍ୟବହାର ଦ୍ୱାରା ରୁପି ଓ କେଶ ଝଡ଼ିବା ସମସ୍ୟା ଦୂରହୁଏ ।

# ଚଟଣିରି ବଗିଚା

**ଖାଇବା ଥାଳିରେ ଚଟଣି ରହିଥିଲେ ସାଦାସିଧା ଖାଦ୍ୟ ବି ଖୁବ୍ ରୁଚିକର ହୋଇଯାଏ । ପ୍ରାୟତଃ ଘରେ ପୋଦିନା, ଧନିଆ, ଲଙ୍କା ଚଟଣି ତିଆରି ହୁଏ । ଏବେ ଲକ୍‌ଡାଉନ ଏବଂ ସଟ୍‌ଡାଉନ ମଧ୍ୟରେ ମନପସନ୍ଦର ପନିପରିବା ଯଦି ଆଣି ପାରୁନଥାନ୍ତି, ବିଭିନ୍ନ ପ୍ରକାର ଚଟଣି କରି ଖାଦ୍ୟର ସ୍ୱାଦ ବଢ଼ାଇ ପାରିବେ । ଏଥିପାଇଁ ଘରେ ଚଟଣି କରି ଖାଦ୍ୟର ସ୍ୱାଦ ବଢ଼ାଇ ପାରିବେ । ଏଥିପାଇଁ ଘରେ ଚଟଣି ବଗିଚା କରିବା ସବୁଠାରୁ ଭଲ ଉପାୟ ।**

**କେମିତି କରିବେ:**

ପ୍ରତ୍ୟେକ ଭାରତୀୟଭ୍‌କ ରୋଷେଇଘରେ ଗୋଟା ଧନିଆ, ଶୁଖିଲା ଲଙ୍କା ନିଶ୍ଚୟ ରହିଥିବ । ଏହାକୁ ମଞ୍ଜି ଭାବେ ବ୍ୟବହାର କରାଯାଇପାରେ । ପୋଦିନା ଡାଙ୍ଗ, ଟମାଟୋ ଚାରା ମଧ ମିଳିପାରିବ ।



ପାଚିଲା ଟମାଟୋ ମଞ୍ଜିରୁ ବି ଗଛ ହୋଇପାରିବ । ପ୍ରଥମେ କୁଣ୍ଡଗୁଡ଼ିକୁ ଖତ ମାଟି ଦେଇ ପ୍ରସ୍ତୁତ କରିବା ପରେ ସେଥିରେ ମଞ୍ଜି ଲଗାନ୍ତୁ । ପୁରୁଣା ପ୍ଲାଷ୍ଟିକ ବୋତଲ, ଟିଣ ଡବା ତଥା ଅବ୍ୟବହୃତ ବ୍ୟାଗ୍‌ରେ ବି ଏହି ଗଛ ଲଗାଇହେବ । ଗୋଟା ଧନିଆକୁ ପାଣିରେ ଭିଜାଇ ଗଜା କରିବା ପରେର ମାଟିରେ ବୁଣି ଉପରେ ଅଳ୍ପ ମାଟି ଘୋଡ଼ାଇ ଦିଅନ୍ତୁ । ଲଙ୍କା ମଞ୍ଜିକୁ ଖାଲି ବୁଣିଦେଲେ ବି ସେଥିରୁ ଗଛ ଉଠିଯାଏ । ପୋଦିନା ଡାଙ୍ଗ ବାଲିମିଶା ମାଟିରେ ପୋତିଲେ ଏହା ଭଲ ଭାବେ ବଢ଼ିପାରେ । ଟମାଟୋ ଗଛଗୁଡ଼ିକୁ ଟିକେ ଛାଡ଼ି ଛାଡ଼ି ଲଗାଇବା ଭଲ । ଗୋଟିଏ କୁଣ୍ଡରେ ବହୁତ ଗଛ ଭର୍ତ୍ତି ନକରି ସୀମିତ ସଂଖ୍ୟକ ରଖିଲେ ଏହା ଭଲ ବଢ଼ିଥାଏ । ଗୋଟିଏ ପ୍ରକାର ଗଛ ଏକାଧିକ କୁଣ୍ଡରେ ଲଗାଇଲେ ବିଭିନ୍ନ ସମୟରେ ପର୍ଯ୍ୟାପ୍ତ ପରିମାଣରେ ପାଇପାରିବେ । ନିଜ ହାତ ପାଆନ୍ତାରେ ଲଙ୍କା, ପୋଦିନା, ଧନିଆ ଏବଂ ଟମାଟୋ ମିଳିବା ପରେ ଚଟଣି କରିବା ନିଶ୍ଚୟ ସହଜ ହୋଇଯିବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସମସ୍ୟା ନିଜ ହାତରେ...

କରୋନା ପଞ୍ଝା ଯେତେ ବିସ୍ତାରିତ ହେଉଛି ତା'ର ଭୋକ ସେତେ ବଢ଼ି ଚାଲିଛି । ଜୁନ୍ ୧୧ ତାରିଖ ସୁଦ୍ଧା ଘାତକ କରୋନା ବିଶ୍ୱର ୪ ଲକ୍ଷ ୧୯ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣ ନେଲାଣି । ୨୦୦ କୋଟିରୁ ଊର୍ଦ୍ଧ୍ୱ ଚାକିରି ଖାଇଲାଣି । ବିଶ୍ୱ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିସାରିଲାଣି । ତଥାପି ତା'ର ଭୋକ ଆଉ ଶୋଷ ମେଣ୍ଟିନି । ଆଉ ମାତ୍ର କିଛିଦିନ ପରେ କରୋନା ମହାମାରୀ ସଂକ୍ରମଣଜଦିତ ଜୀବନ ସଙ୍କଟଠାରୁ ଜୀବିକା ସମସ୍ୟା ଟପିଯିବ- ଏହା ଏକପ୍ରକାର ସ୍ପଷ୍ଟ ହୋଇସାରିଛି । କରୋନା ସଂକ୍ରମଣରେ ଯେତିକି ଲୋକଙ୍କ ପ୍ରାଣହାନି ଘଟିବ ତା'ଠାରୁ ଅଧିକ ଲୋକ ବେରୋଜଗାରଜନିତ ଅନାହାର ଓ ଅପୁଷ୍ଟିଜନିତ ରୋଗରେ ପ୍ରାଣ ହରାଇବେ । ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ସୂଚନା ଅନୁଯାୟୀ, ଆଗାମୀ ଦିନରେ ବିଶ୍ୱର ଉତ୍କଟ ଦରିଦ୍ର ସଂଖ୍ୟାରେ ଆଉ ୫ କୋଟି ଯୋଡ଼ି ହୋଇଯିବେ । ବିଶ୍ୱରେ ଏବେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟଶସ୍ୟ ମହଜୁଦ୍ ରହିଛି, କିନ୍ତୁ ସଂକ୍ରମଣ ଭୟଜନିତ କଟକଣା ଯୋଗୁଁ ପ୍ରକ୍ରିୟାକାରଣ ଓ ପରିବହନ ବାଧାପ୍ରାପ୍ତ ହୋଇଛି । ଫଳରେ ୧୪ କୋଟି ୪୦ ଲକ୍ଷ ଶିଶୁଙ୍କ ସମେତ ୮୨ କୋଟି ଲୋକ ଅନାହାର ଓ ଦାରିଦ୍ର୍ୟ ଭିତରେ ବଞ୍ଚିବାକୁ ବାଧ ହେଉଛନ୍ତି । ଆଗକୁ ଏହି ସ୍ଥିତି ଆହୁରି ସାଂଘାତିକ ହୋଇପାରେ । ବିଶ୍ୱ ମୋଟ ଘରୋଇ ଉତ୍ପାଦରେ ଗୋଟିଏ ପର୍ସେଣ୍ଟେଜ୍ ପଏଣ୍ଟ ହ୍ରାସ ପାଇଲେ ୭ ଲକ୍ଷ ଶିଶୁ ଅପୁଷ୍ଟିର ଶିକାର ହେବେ । କରୋନା ମହାମାରୀର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ କେତେ ଭୟଙ୍କର ହେବାକୁ ଯାଉଛି ତାହା ଏବେଠାରୁ ସ୍ପଷ୍ଟ ହୋଇସାରିଛି । ତେଣୁ ଆଗକୁ ଦାରିଦ୍ର୍ୟ ଅନାହାର ଓ ଅପୁଷ୍ଟି ସମସ୍ୟା କେତେ ଉତ୍କଟ ହେବ ତାହା ସହଜରେ ଅନୁମେୟ । ଆନ୍ତର୍ଜାତି ଶ୍ରମିକ ସଂଗଠନର ସୂଚନା ଅନୁଯାୟୀ ମହାମାରୀ ଯୋଗୁଁ ବିଶ୍ୱର ପ୍ରାୟ ଅଧା ଶ୍ରମଜୀବୀଙ୍କ ଜୀବିକା ଏବେ ସଂକଟରେ ପଡ଼ିଛି । ଅଣ-ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରୁ ୧୬୦ କୋଟି ବେକାର ହୋଇଯାଇଛନ୍ତି । ସେମାନଙ୍କ ସାମାଜିକ-ଅର୍ଥନୈତିକ ସୁରକ୍ଷା ବିପନ୍ନ ହୋଇଛି । ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ମଧ୍ୟରୁ ୪୦ କୋଟି ଶ୍ରମିକଙ୍କ ମଜୁରି ବନ୍ଦ ହୋଇଯାଇଛି । ରୋଜଗାର ନାହିଁ ତ ଖାଇବା ନାହିଁ ଓ ଭବିଷ୍ୟତ ନାହିଁ । କରୋନା ଏମାନଙ୍କର ଆହାର ଛଡ଼ାଇ ନେଇଛି । କେବଳ ଶ୍ରମଜୀବୀ ନୁହଁନ୍ତି, ବିଶ୍ୱର ୪୩୬ ନିୟୁତ ଆତ୍ମନିଯୁକ୍ତ ଓ ଛୋଟ ସଂସ୍ଥା ମଧ୍ୟ ଅନିଶ୍ଚିତତା ଓ ଆତଙ୍କିତ ଅବସ୍ଥା ଦେଇ ଗତି କରୁଛନ୍ତି । ବୃହତ୍ ଶିଳ୍ପ ସଂସ୍ଥାରୁ ଆରମ୍ଭ କରି ଲଘୁ ଉଦ୍ୟୋଗ ପର୍ଯ୍ୟନ୍ତ ଛଟେଇ ଆରମ୍ଭ ହୋଇଛି । ଯେଉଁକେତେକ ଭାଗ୍ୟଶାଳୀଙ୍କ ଚାକିରି ବଞ୍ଚିଯାଇଛି ସେମାନଙ୍କ ବେତନର ଅଧା କରୋନା ପାଟିକୁ ଯାଉଛି । ଭାରତରେ ଏହି ସମସ୍ୟା ଆହୁରି ଉତ୍କଟ । ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା ଯୋଗୁଁ କେବଳ ସେମାନେ ରୋଜଗାର ହରାଇ ନାହାନ୍ତି, ବରଂ ଉତ୍ପାଦନ ଓ ବଜାର ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଛି । ବିଭିନ୍ନ ଉପଭୋକ୍ତା ସାମଗ୍ରୀର ଉତ୍ପାଦନ ହ୍ରାସ ଯୋଗୁଁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିବାରେ ଲାଗିଛି । ଏକପକ୍ଷରେ ଛଟେଇ ଓ ରୋଜଗାର ହାସ, ଅନ୍ୟପକ୍ଷରେ ଦରଦାମ ବୃଦ୍ଧି ଯୋଗୁଁ ପରିସ୍ଥିତି ଅଣାୟତ୍ତ ହେବାକୁ ଯାଉଛି । ବୁଲାବେପାରୀ, ଖଟିଖିଆ, ଛୋଟ ଦୋକାନୀମାନଙ୍କ ଆୟ ଶୂନ୍ ହୋଇଯାଇଛି । ଅପରପକ୍ଷରେ ଘରଭଡ଼ା ବାବଦରେ ବୁଝାମଣା କରିବାକୁ ଘରମାଲିକମାନେ ପ୍ରସ୍ତୁତ ନଥିବାରୁ ଲୋକମାନେ ଏବେ ରାଜରାସ୍ତାକୁ ଆସିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । କ୍ଷୁଧାର୍ତ୍ତ କରୋନା ଯେତେ ଜୀବନ ଓ ଜୀବିକା ନେଉଛି ତା'ର ଭୋକ ସେତେ ବଢ଼ି ଚାଲିଛି । ସବୁଠାରୁ ଉଦ୍‌ବେଗଜନକ ହେଲା କରୋନା-ମଣିଷ ଯୁଦ୍ଧରେ ଏବେ ଆଗଧାଡ଼ିର ଯୋଦ୍ଧା କୁହାଯାଉଥିବା ଡାକ୍ତର, ନସୟ, ସ୍ୱାସ୍ଥ୍ୟକର୍ମୀମାନଙ୍କୁ କରୋନା ସିଧାସଳଖ ଆକ୍ରମଣ କରିଛି । ଲୋକମାନେ ଡାକ୍ତରଖାନା ଯିବାକୁ ଭୟ କରୁଛନ୍ତି । କରୋନା ବୋଧହୁଏ ଏହି ସଙ୍କେତ ଦେବାକୁ ଚାହୁଁଛି, ଯେତେବେଳେ ରକ୍ଷାକର୍ତ୍ତାମାନେ ନିଃସହାୟ ସେତେବେଳେ ସାଧାରଣ ନାଗରିକଙ୍କ ନିସ୍ତାର ନାହିଁ । ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ଏବେ ଭାରତରେ ଘଟୁଛି । ଦେଶର ଜନସଂଖ୍ୟା ତୁଳନାରେ ଡାକ୍ତର ଓ ଡାକ୍ତରଖାନାର ଶଯ୍ୟା ସଂଖ୍ୟାର ଅନୁପାତ ଅତି ନୈରାଶ୍ୟଜନକ । ଭାରତରେ ଯଦି କରୋନା ଗଣ-ସଂକ୍ରମଣର ରୂପ ନିଏ ତେବେ ସଂକ୍ରମିତଙ୍କ ଚିକିତ୍ସା ଅସମ୍ଭାଳ ହୋଇଯିବ । ଏବେ ଦିଲ୍ଲୀରେ ଏହି ଆଶଙ୍କା ବାସ୍ତବ ରୂପ ନେବାକୁ ଯାଉଥିବାବେଳେ ଅନ୍ୟାନ୍ୟ ରେଡ୍ ସ୍ପଟ୍ ଅଞ୍ଚଳରେ ମଧ୍ୟ ସମାନ ସ୍ଥିତି ଉତ୍ପନ୍ନ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ଆତ୍ମସଂଯମ ଓ ଶୃଙ୍ଖଳିତ ଜୀବନଚର୍ଯ୍ୟା ହିଁ ମହାମାରୀ ସଂକ୍ରମଣରୁ ରକ୍ଷା ପାଇବାର ଏକମାତ୍ର ଉପାୟ ବୋଲି ବୁଝାପଡୁଛି । ଜୀବିକା ଓ ଅର୍ଥନୀତିର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାରୁ କ୍ଷୁଧାର୍ତ୍ତ କରୋନା ମୁହଁରୁ ବର୍ତ୍ତିବା ଏତେ ସହଜ ନୁହେଁ । ଆମେ ଯେତେ ସୁରକ୍ଷିତ ରହିଲେ ମଧ୍ୟ ଆମ ଚାରିପାଖରେ ଥିବା ପ୍ରତିଟି ସାମଗ୍ରୀ, ସ୍ଥାନ ଓ ବ୍ୟକ୍ତିବିଶେଷ କରୋନା ବାହକ ହେବା ଅସମ୍ଭବ ନୁହେଁ । ତେଣୁ ଏବେ ଜୀବନ ଓ ଜୀବିକାର ନିଷ୍ପତ୍ତି ଲୋକଙ୍କ ହାତରେ । ସେମାନେ ନିଷ୍ପତ୍ତି ନେବେ କରୋନା ମୁହଁର ଆହାର ହେବେ ନା ଆଉ କିଛି ଦିନ ନିଜେ ଭୋକିଲା ରହି କରୋନାକୁ ଦୁର୍ବଳ କରିବେ ।




## ସଚେତନ ରହିବା

ଧୀରେନ୍ଦ୍ର ମଲ୍ଲିକ

ଚିଣ୍ଟୁ ସନା ଜଗା ମୁନା
ବୁଲିବାନି ବାହାରେ,
ସଚେତନ ହେବା ଆମେ
ରହି ନିଜ ଗୃହରେ ।

ବର୍ତ୍ତମାନ ସମୟରେ
ଖେଳକୁଦ ନ'କରି
ଦୂରେ ରହି କଥା ହେବା
ଦେହ ହାତ ନ'ଧରି ।

ଜନଗହଳି ସ୍ଥାନଠୁ
ଦୂରେ ଆମେ ରହିବା,
ମୁହେଁ ମାସ୍କ ପିନ୍ଧିବାକୁ
ସଭିଙ୍କୁ ବି କହିବା ।

ଥଣ୍ଡା କାଶ ଜ୍ୱର ହେଲେ
ଟିକିଏ ନ'ଡରିକି,
ମେଡିକାଲ ଯିବା ଚାଲି
ଦୃଢ଼ମନା ହେଇକି ।

ସାମୁହିକ କାର୍ଯ୍ୟରେ ବି
ଯୋଗ ଆମେ ଦେବାନି,
ସରକାର କଥା ମାନି
କେଉଁଠିକୁ ଯିବାନି ।

ମହାମାରୀ କରୋନା ଯେ
କେତେ ପ୍ରାଣ ନେଲାଣି,
ସତର୍କ ରହିଲେ ବେଗି
ଦେବା ତାକୁ ମେଲାଣି ।

ଅନୁରୋଧ ସାଙ୍ଗମାନେ
ମାନିବ ମୋ କଥାକୁ,
ଅନୁଭବ କରିବ ମୋ
ହୃଦୟର ବ୍ୟଥାକୁ ।


+ ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬


# ଫାରୋଙ୍କ ଅଭିଶାପ-ବ୍ରିଟିଶ ସିଂହର ଶେଷ ଗର୍ଜନ

ଡାକ୍ତର ସୁରେନ୍ଦ୍ର ନାଥ ଦାଶ



ସୁଏଜ ଅଭିଯାନ-୧୯୫୬ରେ ଚରମ ବିଫଳତାର ଶୀକାର ହୋଇ ତତକାଳିନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଏଣ୍ଟୋନୀ ଏଡେନ ନିଜ ପଦବୀରୁ ଜାନୁୟାରୀ ୯ ତାରିଖ୧୯୫୭ ରେ ଇସ୍ତଫା ଦେଲେ । ଲଣ୍ଡନର ପାଉଣ୍ଡ-ଷ୍ଟର୍ଲିଙ୍ଗ ବ୍ୟବସ୍ଥା ଧରାଶାୟୀ ହେଲା । କେଇଟା ଦିନ ଯୁଦ୍ଧରେ ଇଂଲଣ୍ଡ ଦେବାଳିଆ ଅବସ୍ଥାକୁ ଚାଲିଗଲା । ଏ ଖବର ଶୁଣି ସେଦିନ ଇଜିପ୍ଟର ଉଦୀୟ ମାନ ଲୋକପ୍ରିୟ ଯୁବ ପ୍ରଧାନମନ୍ତ୍ରୀ ଗାମେଲ ଅବଦୁଲ ନାସେର କହିଥିଲେ, "It is the curse of Pharo" / ପ୍ରାଚୀନ ମିଶରର ଶାସକ ମାନଙ୍କୁ ଫାରୋ କହୁଥିଲେ ।

ଉନବିଂଶ ଶତାବ୍ଦୀ ଥିଲା ବ୍ରିଟିଶ ମାନଙ୍କର ଯୁଗ । ଏକ କ୍ଷୁଦ୍ର ଦ୍ୱିପରୁ ସେମାନେ ଅଧା ପୃଥିବୀର ମାଲିକ ହୋଇଗଲେ । କୁହାଗଲା, "The Sun never sets in British Empire" ।୧୯୫୭ ମସିହାରେ ସୁଏଜ ଯୁଦ୍ଧରେ ପରାଜିତ,ଅପମାନିତ ହେଲାପରେ ରୁଷର ପ୍ରଧାନମନ୍ତ୍ରୀ କ୍ରୁଶ୍ଚେଭ ନାସେରଙ୍କୁ କହିଥିଲେ, "You have cut the tale of the lion. We have taken his teeth, now the lion can not roar or bite" । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୁଏଜ ସମସ୍ୟା ସାରା ବିଶ୍ୱରେ ତୃତୀୟ ମହାଯୁଦ୍ଧର ଆଶଙ୍କା ସୃଷ୍ଟି କରିଥିଲା । ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ଏକ କାଳିନ ତିନୋଟି ରାଷ୍ଟ୍ର ଇସ୍ରାଏଲ, ଇଂଲଣ୍ଡ ଓ ଫ୍ରାନ୍ସ ଏକ ସାର୍ବଭୌମ, ସଂସ୍କୃତି ସମ୍ପନ୍ନ ଦେଶ ଇଜିପ୍ଟ ଉପରେ ବିନା କାରଣରେ ଆକ୍ରମଣ କରି ବିଶ୍ୱ ଦରବାରରେ ଯେପରି ଅପ୍ରସ୍ତୁତ ହେଲେ ତାହା ସବୁଦିନ ପାଇଁ ବ୍ରିଟିଶର ସମ୍ମାନକୁ ଭୁଲୁଣ୍ଠିତ କରିଦେଲା । ଇଂଲଣ୍ଡ ଏକ ମହାଶକ୍ତିରୁ ତୃତିୟ ଶ୍ରେଣୀର ଦେବାଳିଆ ରାଷ୍ଟ୍ରରେ ପରିଣତ ହେଲା ।

୧୮୬୯ ମସିହାରେ ଫେଂଚ୍ରା ସ୍ଥପତି ଡି. ଲେପସା ତାଙ୍କ ବନ୍ଧୁ ଇଜିପ୍ଟର ପାଶାଙ୍କ ସାହାଯ୍ୟରେ ଭୁମଧ୍ୟ ସାଗରକୁ ଲୋହିତ ସାଗର ସହିତ ଯୋଡିବା ପାଇଁ ୧୩୦ ମାଇଲ ଲମ୍ବର ଏହି କେନାଲ ତିଆରି କରିଥିଲେ । ଏହା ଫଳରେ ସମଗ୍ର ପ୍ରାଚ୍ୟ ଓ ଅଷ୍ଟ୍ରେଲିଆ, ନ୍ୟୁଜଲାଣ୍ଡ ସହ ୟୁରୋପର ଦୁରତା ପାଂଚ ହଜାର ମାଇଲ କମିଗଲା । ମାତ୍ର କେନାଲ ହେବାର ଅଳ୍ପଦିନ ପରେ ଆର୍ଥୀକ ଅନାଟନ ଯୋଗୁ ପାଶା ନିଜର ୪୪ ଭାଗ ସେୟାର ବ୍ରିଟିଶ ସରକାରଙ୍କୁ ବିକିଦେଲେ(୧୮୭୪) ଓ ତାହା ଏକ ଆଂଗ୍ଲୋ-ଫେଂଚ୍ରା କମ୍ପାନୀରେ ପରିଣତ ହେଲା । ସେ ସମୟରେ ଇଜିପ୍ଟ, ଇରାକ,ସିରିଆ ଇରାନ ଭଳି ଆରବ ରାଜ୍ୟ ଅଟୋମାନ ତୁର୍କିର ଅନ୍ତର୍ଗତ ଥିଲା । ତୁର୍କି ଦିନକୁ ଦିନ ଦୁର୍ବଳ ହୋଇ ଯାଉଥିବାରୁ ୟୁରୋପୀୟ ରାଷ୍ଟ୍ର ମାନେ ପରୋକ୍ଷରେ ନିଜ ମନୋନିତ ବ୍ୟକ୍ତିଙ୍କୁ ଶାସନରେ ରଖୁଥିଲେ । ବେଦୁଇନ କ୍ୟାମ୍ପରୁ ଖୋଜିଆଣି ସାଉଦି ଆରବ, ଇରାକ, ଇଜିପ୍ଟ ଓ ଜୋର୍ଡାନରେ ଶାସକ ଗାଦିରେ ନିଜ ଲୋକଙ୍କୁ ବସାଇଲେ । ୧୮୮୨ ମସିହାରେ ଇଂଲଣ୍ଡ ମିଶରକୁ ଆକ୍ରମଣ କରି. ଚୁକ୍ତି ଦ୍ୱାରା ଇଜିପ୍ଟର ବୈଦେଶିକ, ଗମନାଗମନ ଓ ପ୍ରତିରକ୍ଷା ଦାୟିତ୍ୱ ବୁଝିବାକୁ ଲାଗିଲା । ସୁଏଜ କେନାଲ ପାଖରେ ଅଶି ହଜାର ସୈନ୍ୟ ମୁତୟନ କଲା । ଏହା ମଧ୍ୟରେ ପ୍ରଥମ ମହାଯୁଦ୍ଧରେ ଅଟୋମନ ସାମ୍ରାଜ୍ୟ ଭାଙ୍ଗି ଗଲା । ତାର ଅଂଶ ମାନ ଇଂଲଣ୍ଡ ଓ ଫ୍ରାନ୍ସ ବାଂଟି ନେଲେ । ୧୯୨୨ ମସିହା ରେ ଇଜିପ୍ଟକୁ ଇଂଲଣ୍ଡ ନାମମାତ୍ର ସ୍ୱାଧିନତା ଦେଲା । ଦ୍ୱିତୀୟ ମହାଯୁଦ୍ଧ ପରେ ଇଂଲଣ୍ଡ ଓ ଆମେରିକା ଇହୁଦି ମାନଙ୍କ ପାଇଁ ଇସ୍ରାଏଲ ରାଷ୍ଟ୍ରର ପ୍ରତିଷ୍ଠା କରାଇଲେ । ଏହାକୁ ଆରବ ମାନେ ଗ୍ରହଣ କଲେନାହିଁ ।୧୯୪୮ ମସିହାରେ ଉଭୟ ଙ୍କ ମଧ୍ୟରେ ଯେଉଁ ଯୁଦ୍ଧ ହେଲ; ବିଶାଳ ସେନା ଥାଇ ମଧ୍ୟ ଆରବ ରାଜ୍ୟ ମାନେ ପରାସ୍ତ ହେଲେ । ସେହି ଅପାରଗ ଶାସକ ମାନଙ୍କ ବିରୁଦ୍ଧରେ ଜନ ଆନ୍ଦୋଳନ ସୃଷ୍ଟି ହେଲା । ମୁସଲିମ ବ୍ରଦର ହୁଡ, ପାଲେଷ୍ଟାଇନ ଲିବରେସନ ଅର୍ଗାନାଇଜେସନ ଭଳି ସଂଗଠନ ଗଢି ଉଠିଲା । ଅନେକ ଶାସକ ଗାଦିଚ୍ୟୁତ ହେଲେ । କେତେକ ଆତତାୟୀ ହାତରେ ମଲେ । ଇଜିପ୍ଟରେ ମଧ୍ୟ ପାଶା ଫାରୁକ୍‌ଙ୍କୁ କ୍ଷମତାଚ୍ୟୁତ କରାଗଲା । ଦେଶ ଛାଡିଲା ବେଳେ ସେ ହିଁ କହିଥିଲେ, "ଏଣିକି ତାସ ଖେଳର ଚାରି ଓ ଇଂଲଣ୍ଡର ଗୋଟିଏ, ଏମତି ପାଂଚଟି ରଜା ପୃଥିବୀ ରେ ରହିବେ !"

ଜଣେ ଜୁନିଅର କମାଣ୍ଡର ଫ୍ରି ସୋଲଡରସ ଆସୋସିଏସନ ନାମରେ ଏକ ସଂଗଠନ ଗଢି ଶାସନ ଅଧିକାର କଲେ । ସେ ଥିଲେ ଗାମେଲ ଅବଦୁଲ ନାସେର(୧୯୫୪)। ସେ ନେହେରୁଙ୍କର ବନ୍ଧୁଥିଲେ ଓ ନେହେରୁଙ୍କ ଭଳି ଇଂଲଣ୍ଡ ଓ ଫ୍ରାନ୍ସ, ଯେଉଁମାନେ ଶହଶହ ବର୍ଷ ଧରି ଆଫ୍ରୋ ଏସିଆନ ମାନଙ୍କୁଶୋଷଣ କରିଥିଲେ, ସେମାନଙ୍କୁ ଘୃଣା କରୁଥିଲେ । ସେ ଇସ୍ରାଏଲର ତିବ୍ର ବିରୋଧ ଥିଲେ । ତାଙ୍କ ଦେଶର ସୀମାରେ ଥିବା ଗାଜା ଅଂଚଳରୁ ଦଳଦଳ ଆତଙ୍କବାଦୀ ବା ଫାୟାଦ୍ଦିନ ଇସ୍ରାଏଲ ଭିତରକୁ ଆକ୍ରମଣ ପାଇଁ ପଠାଉଥିଲେ । ଅଳ୍ପ ଦିନ ମଧ୍ୟରେ ନାସେର ଏକ ବିଶ୍ୱସ୍ତରୀୟ ନେତା ହୋଇଗଲେ । ସାରା ବିଶ୍ୱରୁ ଉପନିବେଶବାଦର ବିଲୋପ ପାଇଁ ସେ ସଂଗ୍ରାମ ଆରମ୍ଭ କଲେ । ଆମେରିକା ତାଙ୍କ ଦେଶରେ ହେଉଥିବା ଆଶ୍ୱାନ ବନ୍ଧପାଇଁ ସାହାଯ୍ୟ ନଦେବାରୁ ସେ ଋଷ ଠାରୁ ଋଣ ଆଣିବନ୍ଧ କରାଇଲେ । ଅସ୍ତ୍ର ଶସ୍ତ୍ର ସାହାଯ୍ୟ ଆମେରିକା, ଇଂଲଣ୍ଡ ନ ଦେବାରୁ ସେ ଋଷିଆଠାରୁ ଚେସ୍ଲୋଭିଆ ମାଧ୍ୟମରେ କିଣିଲେ । ଆରବ ରାଜ୍ୟ ମାନଙ୍କରୁ ୟୁରେପୀୟ ମାନଙ୍କୁ ବିଦା କରିବା ପାଇଁ ସେ ଆଲଜେରିଆ, ସୁଦାନ, ମରକୋ ଭଳି ଦେଶର ସ୍ୱାଧିନତା ଆନ୍ଦୋଳନକୁ ସମର୍ଥନ ଓ ସାହାଯ୍ୟ ପ୍ରଦାନ କଲେ । ନୁତନ ଭାବେ ତୈଳ ସମ୍ପଦ ଆବିଷ୍କୃତ ହେଲା ପରେ ସୁଏଜ କେନାଲର ପ୍ରାଧାନ୍ୟ ବଢିଗଲା । ପାରସ୍ୟ ଓ କୃଷ୍ଣ ସାଗର କୂଳରେ ତେଲ ଖଣି ମାନ ବାହାରିଲା । ଦରିଦ୍ର ବେଦୁଇନ ମାନେ ସୁନା ପାହାଡ ଉପରେ ବସିଲେ । ସାରା ଦୁନିଆ ତେଲ ପାଇଁ ତାଙ୍କ ନିକଟରେ ହାତ ପାତିଲେ । ନାସେର ଏହି ସୁଯୋଗରେ ସୁଏଜ ଅଂଚଳରୁ ବ୍ରିଟିଶ ସୈନ୍ୟ ଅପସାରଣ ଦାବି କଲେ ।୧୯୫୩ ମସିହାରେ ଚୁକ୍ତି ସ୍ୱାକ୍ଷର ହେଲା ।୨୦ ମାସ ମଧ୍ୟରେ ସମସ୍ତ ସୈନ୍ୟ ଚାଲିଯିବେ । ମାତ୍ର ଶିବିର ରହିବ । ସାତ ବର୍ଷ ଭିତରେ ଆବଶ୍ୟକ ପଡିଲେ ବ୍ରିଟିଶ ମାନେ ଫେରିପାରିବେ ।୧୯୬୮ ମସିହା ପର୍ଯ୍ୟନ୍ତ ସୁଏଜ ର ପରିଚାଳନା ଇଂରେଜ - ଫ୍ରେଂଚ କମ୍ପାନି ବୁଝିବେ । ମାତ୍ର ୧୯୫୬ ମସିହା ଜୁଲାଇ ୨୬ ତାରିଖ ଦିନ ନାସେର କେନାଲକୁ ଜାତୀୟ କରଣ କଲେ । ସେୟାର ନିବେଶ କାରୀଙ୍କୁ ସେହିଦିନ ପାରିସ ଷ୍ଟକ ଏକ୍ସଚେଂଜର ମୁଲ୍ୟ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି ଘୋଷଣା କଲେ ଓ କେନାଲ ଅଫିସ ଅଧିକାର କଲେ। ସେ ଏ ବିଷୟରେ କାହା ସହିତ ଆଲୋଚନା କଲେନାହିଁ । ଏହା ଇଂରେଜ ଓ ଫ୍ରେଂଚ ମାନଙ୍କୁ ଉତକ୍ଷିପ୍ତ କଲା । ଏହି ସମୟରେ ଜର୍ଡାନ ରାଜା ଇଂଲଣ୍ଡର ଅନୁଗତ ସେନାପତି ତଥା ଆରବ ଲେଜିଅନର ମୁଖ୍ୟ ଗୁଲାବ ପାଶାଙ୍କୁ ବହିଷ୍କାର କଲେ । ଏହା ପଛରେ ନାସେରଙ୍କ ହାତଥିବା ଇଂଲଣ୍ଡ ଭାବିଲା । ଆଲଜେରିଆର ଆନ୍ଦୋଳନକୁ ନାସାରଙ୍କ ସମର୍ଥନ ଫ୍ରାନ୍ସ କୁ ଉତ୍ୟକ୍ତ କଲା । ଇସ୍ରାଏଲକୁ ସୁଏଜ କେନାଲ ବ୍ୟବହାର ପାଇଁ ଇଜିପ୍ଟ ନାନା ହଇରାଣ କରୁଥିଲା । ଆକାବା ଉପସାଗର ଦେଇ ତିରାନା ପ୍ରଣାଳୀ ଅତିକ୍ରମ କଲେ। ଜାହାଜ ରେଡସିରେ ପହଂଚୁଥିଲା । ସେ ବାଟ ମଧ୍ୟ ବନ୍ଦ କଲା । ତେଣୁ ଇସ୍ରାଏଲ, ଇଂଲଣ୍ଡ ଓ ଫ୍ରାନସଏକାଠି ଇଜପ୍ଟ ଉପରେ ଆକ୍ରମଣ କରିବାକୁ ସ୍ଥିର କଲେ । ଫ୍ରାନ୍ସ ସରକାର ଇସ୍ରାଏଲକୁ ସମସ୍ତ ଆଧୁନିକ ଅସ୍ତ୍ର ଶସ୍ତ୍ର ପ୍ରଦାନ କଲା । । ଇଂଲଣ୍ଡ ଓ ଫ୍ରାନ୍ସ ଅଭିଯାନର ନାମ ଦେଲେ ଅପରେସନ ମସକେକେଟିଅର । ଇସ୍ରାଏଲର ଅଭିଯାନ ନାମ ହେଲା ଅପରେସନ ରିଭାଇଜ । ଅକ୍ଟୋବର ୨୯ ତାରିଖରେ ଇସ୍ରାଏଲ ଗାଜା ଷ୍ଟ୍ରିପ ଓ ସିନାଇ ଅଂଚଳ ଅଧିକାର କରି ତିରାନ ମୁହାଣକୁ ମୁକ୍ତ କରି ସୁଏଜ କେନାଲ ଅତିକ୍ରମ କରି ଆଂଗ୍ଲୋଲୋ-ଫ୍ରେଂଚ ସେନା ସହ ଇଜିପ୍ଟର ମୁଳ ଭୁଖଣ୍ଡରେ ମିଳିତ ହେବା ଏହାର ଲକ୍ଷ୍ୟ ରହିଲା । ନାସେରଙ୍କୁ ହଟାଇ ଏକ ମନୋନିତ ସରକାର ବସାଯିବ । ସେଥିପାଇଁ ଆଠ ଘଂଟିଆ ଚରମପତ୍ର ନାସେରଙ୍କୁ ନାମ ମାତ୍ର ଦିଆଯିବ । ସେତେବେଳେ ଆନ୍ଥୋନି ଏଡେନ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ଥାଆନ୍ତି । ଗେମୋଲେଟ ଫ୍ରାନ୍ସର ପେସିଡେଂଟ ଥାଆନ୍ତି । ଆନ୍ଥୋନୀଙ୍କର ବେଳେ ବେଳେ ମୁଣ୍ଡକୁ ପିତ ଚଢି ଯାଏ । ସବୁବେଳେ ଆମ୍ଫେଟାମିନି ବଟିକା ଖାଉଥାଆନ୍ତି । ଫାଷ୍ଟ ସି ଲର୍ଡ ମାଉଂଟ-ବାଟେନ ଓ ଫିଲଡ ମାର୍ଶାଲ ମେଂଟଗୋମେରୀ ଏପରି ଭୁଲ ପଦକ୍ଷେପ ନ ନବାକୁ ଉପଦେଶ ଦେଲେ । ଏକ ସାର୍ବଭୌମ ରାଷ୍ଟ୍ର ଉପରେ ଆକ୍ରମଣ କଲେ, ଇଂଲଣ୍ଡ ଚିରଦିନ ନିନ୍ଦିତ ହେବ । ସବୁ ଆରବ ରାଜ୍ୟ ଆମର ଶତ୍ରୁ ହୋଇଯିବେ । ମାତ୍ର ଏଡେନ ତାଙ୍କ ଯୋଜନାରେ ଆଗେଇଲେ । ପ୍ରଥମେ ଯୁଦ୍ଧ ବିମାନରୁ ଆକ୍ରମଣ ହେବ । ତାପରେ ପାରାଚ୍ୟୁଟ୍ ବାହିନି କେନାଲ ପାଖରେ ଉହ୍ଲାଇବେ । ସାଇପ୍ରସ ଓ ମାଲଟା ବିମାନ ଘାଟିରୁ ଆକ୍ରମଣ ହେବ ।୧୦ ଦିନ ପରେ ଯୁଦ୍ଧଜାହାଜରେ ସୈନ୍ୟ ମାନେ ଆଲେକଜାଣ୍ଡ୍ରିଆରେ ଓହ୍ଲାଇବେ । ରାଜଧାନୀ କାଇରୋ ଅଧିକାର କରାଯିବ । ନାସେର ଙ୍କୁ ପଦଚ୍ୟୁତ କରାଯାଇ ଏକ ବନ୍ଧୁ ଭାବାପନ୍ନ ସରକାର ବସାଯିବ ।

୨୯ ତାରିଖ ଅକ୍ଟୋବର ଅପରାହ୍ନ ୩ଟା ବେଳେ ଇସ୍ରାଏଲ ସେନା ସିମା ଅତିକ୍ରମ କରି ଏକ କାଳିନ ଗାଜା ଓ ସିନାଇ ଅଂଚଳକୁ ପ୍ରବେଶ କଲେ । ସେତେବେଳେ ପ୍ରଧାନମନ୍ତ୍ରୀ ଥାଆନ୍ତି ୧୯୪୮ଯୁଦ୍ଧର ନାୟକ ଡାଭିଡ ବେନ ଗୁଆରିନ । ରକ୍ଷା ମନ୍ତ୍ରୀ ଥାଆନ୍ତି ଏକ ଆଖିଆ ମୋସେ ଦାୟନ । ପ୍ରଧାନ ସେନାପତି ସାଇମନ ପେରେସ । ଏରିଏଲ ସାରନଙ୍କ ନେତୃତ୍ୱରେ ସେନା ଇଜିପ୍ଟର ସେନାଙ୍କୁ ପରାସ୍ତ କରି ଆଗକୁ ମାଡି ଚାଲିଲେ । ଗାଜାର ରେମସ ଓ ଗାଜା ସିଟି ଖାନ-ୟାନ ଅଧୀକୃତ ହେଲା । ସିନାଇର ତିରାନା ଘାଟର ସାମ-ଏଲ-ସେଖ ସହର ଅଧୀକୃତ ହେଲା । ତାପରେ ଇଜିପ୍ଟର ମୂଳ ଭୁଖଣ୍ଡ ଆଡେ ଯାଇ ମିଲେଟ ଘାଟି ଅଧିକାର କଲେ । ସାରନଙ୍କୁ ଏହିପର୍ଯ୍ୟନ୍ତ ଯିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ସେ ଆହୁରି ଆଗେଇ ଜେବାଲ-ହେଲଟନ ଅଧିକାର କରି କେନାଲ ଅତିକ୍ରମ କରିଗଲେ ।

୧ ତାରିଖ ନଭେମ୍ବର ଦିନ ଏକ ଚରମ ପତ୍ର ଦେଇ ମାତ୍ର ଆଠ ଘଂଟାପରେ ଇଂଲଣ୍ଡ ଓ ଫ୍ରାନ୍ସ ବିମାନ ଆକ୍ରମଣ ଆରମ୍ଭ କଲେ । ରାଜଧାନୀ କାଇରୋ ଓ ବନ୍ଦର ସହର ଆଲେକଜାଣ୍ଡ୍ରିଆକୁ ଧ୍ୱଂସ କରିଦିଆଗଲା । ପୋର୍ଟ ସୟଦ ଠାରେ ଆକାଶ ଛତା ବାହିନି ଶହ ଶହସଂଖ୍ୟାରେ ଓହ୍ଲାଇଲେ । ପରେ ରୟାଲ ନାଭିର ଯୁଦ୍ଧ ଜାହାଜ ମାନ ପୋର୍ଟ ସୟଦ ରେ ପହଂଚି ସୈନ୍ୟ ଓ ଟ୍ୟାଙ୍କ ମାନ ଓହ୍ଲାଇଲା । ହାତାହାତି ଯୁଦ୍ଧ ଚାଲିଲା । ନାସେର ଋଷିଆରୁ ଆସିଥିବା ଅସ୍ତ୍ରକୁ ସାଧାରଣରେ ବାଂଟିଦେଲେ । ସୈନ୍ୟ ମାନଙ୍କୁ ମଧ୍ୟ ସାଧା ପୋଷାକ ରେ ଲଢେଇ କରିବାକୁ କହିଲେ । ସାଧାରଣ କିଏ ସାମରିକ କିଏ ଇଂରେଜ, ଫ୍ରାନ୍ସ ସେନା ଚିହ୍ନି ପାରିଲେ ନାହିଁ । ହଡବଡେଇ ଗଲେ । ନିରିହ ଲୋକଙ୍କୁ ମାରି ନାଜି ମାନେ କିପରି ନିନ୍ଦିତ ହେଲେ ତାହା ମନେପଡିଲା ।

ଆକ୍ରମଣ ଖବର ଶୁଣି ସୋଭିଏତ ରୁଷିଆର ପ୍ରେସିଡେଂଟ ବୁଲଗାନିନ କ୍ଷୁବ୍ଧ ହୋଇ ଆମେରିକାର ପ୍ରେସିଡେଂଟ ଆଇଜେନହାୱାରଙ୍କ ପାଖକୁ ଲଣ୍ଡନ ଓ ପାରିସ ଉପରେ ଆଣବିକ କ୍ଷେପଣାସ୍ତ୍ର ମାଡ କରିବେ ବୋଲି ଧମକ ଦେଲେ । ମିଳିତ ଜାତିସଂଘ ରେ ଆଲୋଚନା ହେଲା । ସମସ୍ତେ ତିନି ଆକ୍ରମଣ କାରୀଙ୍କୁ ନିନ୍ଦା କଲେ । ଷାଠିଏ ସପକ୍ଷରେ ଓ ବିପକ୍ଷରେ ମାତ୍ର ପାଂଚ ଭୋଟରେ ଯୁଦ୍ଧ ବନ୍ଦ ଓ ଆର୍ଥିକ କଟକଣା ପାଇଁ ନିର୍ଦ୍ଦେଶ ଦିଆଗଲା । ଆମେରକା ମଧ୍ୟ ଏମାନଙ୍କ ଉପରେ ଉତକ୍ଷିପ୍ତ ହୋଇ ନିଜର ସମସ୍ତ ଜମା ଇଂଲଣ୍ଡ ବ୍ୟାଙ୍କରୁ ଉଠାଇ ନେଲା । ଇଂଲଣ୍ଡର ଅର୍ଥନୀତି ଭାଙ୍ଗି ପଡିଲା । ଆରବ ରାଷ୍ଟ୍ର ମାନେ ତେଲ ବନ୍ଦ କଲେ । କେହି ଋଣ ଦେଲେ ନାହିଁ । ଶେଷରେ ଜାତିସଂଘର ନିର୍ଦ୍ଦେଶରେ ଯୁଦ୍ଧ ୬ ତାରିଖ, ନଭେମ୍ବର ଦିନ ବନ୍ଦ ହେଲା । ମୁହଁ କୁ କଳା କରି ଦୁଇଜଣ ଫେରିଗଲେ । ଜାତିସଂଘର ସଭାପତି ହାମର କୋଜଲଡ ସୁଏଜ କେନାଲ ରକ୍ଷା ପାଇଁ ଏକ ନିରପେକ୍ଷ ଶାନ୍ତି ବାହିନି ପଠାଇଲେ । ଭାରତ ତାହାର ଏକ ମୁଖ୍ୟ ଅଂଶଧର ଥିଲା । ସୁଏଜ କେନାଲରେ ନାସେର ୮୦ ଟି ଜାହାଜ ବୁଡାଇ ଏହାକୁ ଅଚଳ କରିଦେଲେ ।୧୯୫୮ମସିହାରେ ଏହା କାର୍ଯ୍ୟକ୍ଷମ ହେଲା । ଇସ୍ରାଏଲ ୧୯୫୭ ମସିହା ପର୍ଯ୍ୟନ୍ତ ବିଜିତ ଅଂଚଳ ନିଜ ଅଧିକାରରେ ରଖିଲା । ତିରନା ଘାଟ "Strait of Tiran" ବାଟେ ତାର ଜାହାଜମାନ ନିର୍ବିଘ୍ନ ରେ ଯାଇପାରିବ ବୋଲି ଘୋଷିତ ହେଲା ପରେ ସେ ପଛକୁ ଘୁଂଚି ଆସିଲା । ଗୁଇନ୍ଦା ସୁତ୍ରରୁ ଆକ୍ରମଣର ସୂଚନା ଜାଣିଲା ପରେ ନାସେର ମଧ୍ୟ ଆଶ୍ଚର୍ଯ୍ୟ ହୋଇ କହିଥିଲେ, "ଇସ୍ରାଏଲ ଓ ଫ୍ରାନ୍ସ ଏପରି କରିପାରନ୍ତି, ଇଂଲଣ୍ଡ କିପରି ଏହା କରିବ ?"ଇଂଲଣ୍ଡର ସମ୍ମାନକୁ ମାଟିରେ ମିଶାଇ ଥିବାରୁ ଲୋକମାନେ ୧୦ଡାଉନିଙ୍ଗ ରୋଡ ପ୍ରଧାନମନ୍ତ୍ରୀ ବାସଭବନରେ ପଶି ଭଙ୍ଗାରୁଜା କରିଥିଲେ। ଏହି ସମୟରେ ବିଶ୍ୱର ଅନ୍ୟ ପାର୍ଶ୍ୱରେ ଆଉ ଏକ ଘଟଣା ଘଟିଗଲା । ତାହା ହେଉଛି କମ୍ୟୁନିଷ୍ଟ ଲୌହ ପରଦାର ଅନ୍ତରାଳରେ କ୍ଷୁଦ୍ର ରାଷ୍ଟ୍ର ହଙ୍ଗେରୀରେ ରୁଷର ନିର୍ମମ ଏକଛତ୍ରବାଦ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ । ସେମାନେ ଗଣତନ୍ତ୍ର ଶାସନ ଚାହାଁନ୍ତି, ଡାକରା ଦେଇ ରାସ୍ତାକୁ ଲକ୍ଷ ଲକ୍ଷ ଲୋକ ବାହାରିଥିଲେ। ମାତ୍ର ସୋଭିଏତ ଋଷ ଟ୍ୟାଙ୍କ, ମେସିନ ଗନ ଓ ଲକ୍ଷଲକ୍ଷ ସୈନ୍ୟ ନେଇ ତାହା ନିର୍ମମ ଭାବରେ ଦମନ କଲେ ମଧ୍ୟ କେବଳ ବାଚନିକ ପ୍ରତିବାଦ ଛଡା କେହି ବାଧା ଦେବାକୁ ଆଗେଇ ନଥିଲେ ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬


# କରୋନାର କରାଳକାଳ ବଳୟ ପରର ପୃଥିବୀ

ମାୟାଧର ନାୟକ



କରୋନାର କରାଳକାଳ ବଳୟରେ ସମଗ୍ର ବିଶ୍ୱ ଆଜି ଜ୍ୱଳନ୍ତ ଜତୁଗୃହ । ସବୁଠି ନିଆଁ ଲାଗିଛି - ସବୁଠି ନିଆଁ ଜଳୁଛି - ମଶାଣିରେ, ମନ୍ଦିରରେ, ମସଜିଦ୍‌ରେ, କଳ-କାରଖାନାରେ, କ୍ଷେତରେ, ଖାଦାନରେ, ଗାଁଗଣ୍ଡାରେ, ସହରରେ - ସବୁଠି ମଣିଷ ମନରେ ନିଆଁ ଲାଗିଛି - ନିଆଁ ଲାଗିଛି ପ୍ରବଂଚିତ ଜନତାର ସଂଚିତ ସ୍ୱପ୍ନରେ ! ସବୁ ଦେଶର ଦିଗନ୍ତରେ ଘନିଭୂତ ଅନ୍ଧକାର ରାତ୍ରୀ । ଯେଉଁଠି ଚାହିଁଲେ ବି କେବଳ ଗଦା ଗଦା ନୈରାଶ୍ୟ, ଆତଙ୍କର ଅପଛାୟା, ସ୍ୱପ୍ନ ଭଙ୍ଗର କରୁଣ କ୍ରନ୍ଦନ । ହଠାତ୍ ଏକ ଅଦୃଶ୍ୟ ଭୂତାଣୁର ଆକ୍ରମଣରେ ସମଗ୍ର ବିଶ୍ୱରେ କୋକୁଆଭୟ ଦେଖାଦେଇଛି । ଏହି ଭୂତାଣୁକୁ ରୋକିବା ପାଇଁ କୌଣସି ଦେଶ ଏପର୍ଯ୍ୟନ୍ତ ସକ୍ଷମ ହୋଇପାରି ନାହାଁନ୍ତି । କରୋନାର କରାଳକାଳ ବଳୟରେ ଏ ବିଶ୍ୱ ପ୍ରତିଦିନ ଧ୍ୱଂସ ଆଡକୁ ଗତି କରୁଛି । ସମଗ୍ର ଜୀବ ଜଗତ ଭବିଷ୍ୟତରେ କିଭଳି କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି ତାହା ଏବେଠୁ କଳନା କରିବା କଷ୍ଟକର ।

ସତ କଥା ଲେଖିବାକୁ ଗଲେ - କେବଳ ଭୟ, କଷ୍ଟ, ମୃତ୍ୟୁ ଛଡା ଆଉ କିଛି ଦେଖା ଯାଉନି । ଏଭଳି ଏକ କାଳଖଣ୍ଡରେ ଆମେ ପହଂଚି ଯାଇଛେ - ସତେ ଯେମିତି କଳିକାଳ ପରେ ମହାକଳିକାଳ ମାଡି ଆସିଛି । ଆମେ ସବୁ କଳିଯୁଗର ମଣିଷ । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗର କଥା ଶୁଣି ଆସୁଛେ । ଏ ତିନିଯୁଗ ପରେ କଳିଯୁଗରେ କ'ଣ କ'ଣ ସବୁ ଘଟିବ, ସେସବୁ କଥା ମହାପୁରୁଷ ମାନେ କହିଯାଇଛନ୍ତି । ସେହି ମହାପୁରୁଷମାନଙ୍କ ବାଣୀ ଆମେଶୁଣି ମଧ ଅଶୁଣା ଥିଲୁ । ଏବେ କରୋନା ଆମକୁ ବାଧ କରୁଛି ଶୁଣିବାକୁ, ଭୋଗିବାକୁ ।

କଥାରେ ଅଛି - ସମ୍ପଦ ଯେତେବେଳେ ଆସେ ସାଙ୍ଗସାଥୀ ନେଇ ଆସେ - ସେଇ ଭଳିବିପଦ ମଧ ଆସେ। ଏବେ କରୋନା ମହାମାରୀ ବେଳେ ବାତ୍ୟା, ମହାବାତ୍ୟା, ଖାଦ୍ୟା ଭାବ, ପଙ୍ଗପାଳ ଆକ୍ରମଣ ସବୁ ଏକାସାଙ୍ଗରେ ମାଡି ଆସୁଛି । ଏବେ କେତେକ ବୈଜ୍ଞାନିକ କହୁଛନ୍ତି କରୋନା ସହିତ ଅନ୍ୟ ଅଦୃଶ୍ୟ ଭୂତାଣୁ ମାନେ ମାଡି ଆସିବେ । ସମଗ୍ର ବିଶ୍ୱରେ ଅଶି କୋଟିରୁ ଅଧିକ ମଣିଷ ଲୋପ ପାଇବେ ! ଏ ତ ଭବିଷ୍ୟତ ବାଣୀ - ଅଶି କୋଟିକି ଆହୁରି ବେଶି ଏବେଠୁ କିଛି କହିହେବନି । ରୋଗ କେବଳ ଜୀବନ ନେବନି - ତା'ଠାରୁ ବେଶି ଭୋକରେ ମରିବେ । ଭୟଙ୍କର ଦୁର୍ଭିକ୍ଷ ମାଡିଆସିବ । କିଛି ଅବିବେକି ଦେଶ ଯଦି ଯୁଦ୍ଧରେ ମାତି ଯାଆନ୍ତି - ତା'ହେଲେ ରୋଗ ଓ ଭୋଗ କବଳରେ ଆଉଟୁ ପାଉଟୁ ହେଉଥିବା ମଣିଷ ଓ ସୈନ୍ୟ ଯୁଦ୍ଧରେ ମଧ ମୃତ୍ୟୁ ବରଣ କରିବେ । ଏ ପୃଥିବୀ ବହୁଳାଂଶରେ ଜନମାନବ ଶୂନ୍ୟ ହୋଇଯିବ ?

ସମ୍ପ୍ରତି କରୋନାର କରାଳକାଳ ବଳୟ ମଧ୍ୟରେ ସବୁଠାରୁ ବେଶି ପ୍ରୟୋଜନ ଖାଦ୍ୟ । ଭୂତାଣୁ ନାଶ ପାଇଁ ବିଶ୍ୱରେ ଏପର୍ଯ୍ୟନ୍ତ କୌଣସି ମେଡିସିନ୍ ଉଦ୍‌ଭାବନ ହୋଇପାରିନି । ହୁଏତ ମେଡିସିନ୍ ଉଦ୍‌ଭାବନ ହେଲା ବେଳକୁ କରୋନା ତା'ର ରୂପ ବଦଳାଇ ଅନ୍ୟ ସହସ୍ର ଭୂତାଣୁ ଜନ୍ମ ନେଇ ସାରିଥିବ । ସମଗ୍ର ବିଶ୍ୱବାସୀ ଏ ଭୟଙ୍କର ମହାମାରୀ ବିରୁଦ୍ଧରେ ଲଢୁଥିବା ବେଳେ ପ୍ରାୟତଃ ସବୁଦେଶର ଅର୍ଥନୀତି ଧ୍ୱଂସମୁଖୀ । ସବୁଦେଶରେ ଅର୍ଥନୀତିକୁ ବଂଚେଇ ରଖିବା ପାଇଁ ନାନା ପ୍ରକାର କୌଶଳ ଅବଲମ୍ବନ କରାଯାଉଛି । ସବୁକୌଶଳ କାମ ଦେଉନି । ଅର୍ଥନୀତି ସହିତ ଜଡିତ ଥିବା ମଣିଷ ଛିନ୍‌ଛତ୍ର ହୋଇଯାଇଛି । ଯିଏ ଯେଉଁଠି ଜୀବନ ଜୀବିକା ପାଇଁ ପଡି ରହିଥିଲେ, ସେମାନେ ଆପଣା ଘରକୁ ବାହୁଡି ଆସୁଛନ୍ତି । ଏହାଦ୍ୱାରା ଏକ ଭୟଙ୍କର ଅର୍ଥନୈତିକ ସଂକଟ ଦେଖା ଦେଲାଣି । ସେମାନେ ଯେଉଁ ଯେଉଁ କଳକାରାଖାନା ଓ ଅନ୍ୟାନ୍ୟ ପ୍ରତିଷ୍ଠାନରେ କର୍ମରତ ଥିଲେ ସେମାନଙ୍କ ଅନୁପସ୍ଥିତ ସେସବୁ ଅନୁଷ୍ଠାନରେ ଅଚଳାବସ୍ଥା ସୃଷ୍ଟି କରିଛି । ପୁନଃଶ୍ଚ ସେମାନେ ଭିଟାମାଟିକୁ ଫେରି ଆସିଥିବାରୁ ଭୀଷଣ ଖାଦ୍ୟାଭାବ ଓ ନିଯୁକ୍ତିର ସାମ୍ନା କରୁଛନ୍ତି । ଉତ୍ପାଦନ କ୍ଷେତ୍ର ଭୀଷଣ ବାଧାପ୍ରାପ୍ତ । ଅଦୂର ଭବିଷ୍ୟତରେ ଅର୍ଥନୀତି ଭୟଙ୍କର କ୍ଷତି ଗ୍ରସ୍ତ ହେବାକୁ ଯାଉଛି । ଯେଉଁ ଦେଶର ଶାସକ ମାନେ ଯେତେ ବାହାସ୍ଫୋଟ ମାରନ୍ତୁନା କାହିଁକି, ସେମାନଙ୍କର ମୁଣ୍ଡ କାମ କରୁନଥିବାରୁ ସଠିକ୍ ନିଷ୍ପତି ନେଇପାରୁ ନାହାଁନ୍ତି । ଯାହା ଫଳରେ ଗଚ୍ଛିତ ଥିବା ଧନ, ସମ୍ପଦ, ଖାଦ୍ୟ ସରିସରି ଆସୁଛି । (କ୍ରମଶଃ)


+ ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଭାରତର ଇସ୍ରାଏଲ 'କସୌଲ'



ଗ୍ରୀଷ୍ମରେ ଭାରତର ଅନ୍ୟ ପ୍ରାନ୍ତ ତୁଳନାରେ ଉତ୍ତରାଖର୍ଡର ହିଲ-ଷ୍ଟେସନଗୁଡ଼ିକରେ ଭିଡ଼ ଅଧିକ ଜମିଥାଏ । ତନ୍ମଧ୍ୟରୁ ଅନ୍ୟତମ ସ୍ଥାନ ହେଲା କସୌଲ। ଭାରତର ମିନି ଇସ୍ରାଏଲ ଭାବେ ଜଣାଯାଉଥିବା ଏଇ ପ୍ରନ୍ତରେ ସ୍ୱାଧୀନତା ପୂର୍ବରୁ କେବଳ ଇଂରେଜ ଶାସକଙ୍କ ଭିଡ଼ ଜମୁଥିଲା । ଏବେ ଦେଶବିଦେଶରୁ ସଂଖ୍ୟାଧିକ ପର୍ଯ୍ୟଟକ ଏଠାକୁ ଛୁଟି ଆସୁଛନ୍ତି । ଡିସେମ୍ବର ଶେଷ ସପ୍ତାହରୁ ଫେବୃଆରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏଇ ଅଞ୍ଚଳରେ ବରଫପାତ ହେଉଥିବାବେଳେ ବର୍ଷର ଅନ୍ୟ ସମୟରେ ତାପମାତ୍ରା ୧୨-୨୧ ଡିଗ୍ରୀ ମଧ୍ୟରେ ରହିଥାଏ । ତେବେ ଗ୍ରୀଷ୍ମଦିନେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଅଧିକ ଜମିଥାଏ । ପାର୍ବତୀ ନଦୀ ନିକଟସ୍ଥ ଏଇ ଛୋଟ ସହରରେ ଇସ୍ରାଏଲୀ ଖାଦ୍ୟପାନୀୟର ଆଦର ହିଁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରେ । ଶାନ୍ତ ବାତାବରଣ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ କସୌଲରେ ଲୋକେ କ୍ୟାମ୍ପିଂ କରିବାକୁ ମଧ୍ୟ ପସନ୍ଦ କରିଥାନ୍ତି । ଏଇ ସହରର ନିକଟସ୍ଥ ବିମାନବନ୍ଦର ହେଉଛି ଭୂନ୍ତର ବିମାନବନ୍ଦର ଯାହା କସୌଲଠାରୁ ମାତ୍ର ୩୮ କିମି ଦୂରରେ ଅବସ୍ଥିତ । ସଡ଼କପଥ ଓ ରେଳପଥରେ ମଧ୍ୟ ଏଠାକୁ ଯାତାୟାତର ସୁବିଧା ଉପଲବ୍ଧ ।

# ମଣିଷ ହେଟା

୧୫୬୪ ମସିହାରେ ଜର୍ମାନୀର କଲୋନ ନିକଟବର୍ତ୍ତୀ ଏକ ଅଞ୍ଚଳରେ ଆତଙ୍କ ଖେଳିଗଲା । ଅଳ୍ପ କେଇ ମାସ ମଧ୍ୟରେ ସେହି ଛୋଟ ଇଲାକାରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଲା । ଲୋକେ ଅନୁମାନ କଲେ ଯେ ହେଟାବାଘଟିଏ ଲୋକମାନଙ୍କୁ ମାରି ଖାଇଯାଉଛି। ତାହା ଛଡ଼ା ମୃତ ବ୍ୟକ୍ତିମାନଙ୍କ ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗ ଏଠି ସେଠି ପଡ଼ିଥିବାର ଦେଖାଯାଇଥିଲା । କାହାର ଖପୁରୀ ଦି' ଫାଳ ହୋଇଥିଲା । ତ କାହା ହୃତପିଣ୍ଡରୁ ଖଣ୍ଡେ ନଥିଲା । ଲୋକେ ଭୟରେ ଘରୁ ପଦାକୁ ବାହାରିଲେ ନାହିଁ । କଲୋନ ମେୟର ସେହି ଇଲାକାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ନିଯୁକ୍ତ କଲେ ହେଟା ବାଘଟିର ସନ୍ଧାନ ନେବା ପାଇଁ । ସେମାନେ ଦେଖିଲେ ବ୍ୟବସାୟୀ ପିଟର ଷ୍ଟୁବ୍ରେ ବଣ ବୁଦା ଆଡୁଆଳକୁ ଯାଇ ଦୁଇ ହାତ ତଳେ ଭରା ଦେଇ ଚାରିଗୋଡ଼ିଆ ପଶୁ ଭଳି ଚାଲୁଛନ୍ତି । ହେଟା ବାଘ ଭଳି ଗର୍ଜନ କରୁଛନ୍ତି । ଏବଂ ତାଙ୍କ ଦୌଡ଼ିବା ବେଗ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଉଛି । ନଖ ଓ ଦାନ୍ତ ଆକସ୍ମିକ ଭାବେ ବଢ଼ିଯାଉଛି ।

ଶେଷରେ ତାଙ୍କୁ ଗିରଫ କରାଗଲା । ପ୍ରଥମରୁ ସେ ଏପରି ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କଲେ ବି ହାଜତରେ ଅକଥନୀୟ ନିର୍ଯ୍ୟାତନା ପରେ ସେ ଅପରାଧ ସ୍ୱୀକାର କଲେ । ଏପରିକି ସେ, ହେଟାବାଘ ପାଲଟିଲା ବେଳେ ତାଙ୍କର କିପରି ନଖ ବଢ଼ିଯାଏ, ଦେହରେ ବଡ଼ ବଡ଼ ରୁମ ଠିଆହୋଇଯାଏ, ଦାନ୍ତ କେମିତି ବଢ଼ିଯାଏ, ନଖଗୁଡ଼ିକ କିଭଳି ପଞ୍ଝା ପାଲଟିଯାଏ, ତାହା ପୁଲିସ ନିକଟରେ ପ୍ରଦର୍ଶନ କଲେ । ଦୀର୍ଘ ବର୍ଷର ବିଚାର ଚାଲିବା ପରେ ତାଙ୍କୁ ୧୫୮୯ ଅକ୍ଟୋବର ୩୧ ତାରିଖରେ ସର୍ବସାଧାରଣରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା ।

# ବିଉଟୀ ଟିପ୍ସ



୧ଚାମଚ ବନ୍ଧାକୋବିପତ୍ର ରସ, ୧ଚାମଚ ଗୋଲାପଜଳ, ୧ଚାମଚ କାକୁଡ଼ିରସ ମିଶାଇ ଏକ ପ୍ୟାକ ପ୍ରସ୍ତୁତ କରନ୍ତୁ ଏବଂ ଏହି ପ୍ୟାକକୁ କିଛି ସମୟ ପାଇଁ ଫ୍ରିଜରେ ରଖନ୍ତୁ । ପରେ ପ୍ୟାକଟିକୁ ଥଣ୍ଡା କରି ଦେଇ, ତୁଳା ସାହାଯ୍ୟରେ ମୁଖରେ ଲଗାନ୍ତୁ ଏହି ପ୍ୟାକକୁ ଦିନକୁ ୭/୮ ଥର ବ୍ୟବହାର କରିପାରିବେ । ତେବେ ନିୟମିତ ଏପରି କରିବା ଦ୍ୱାରା ଏହା ତ୍ୱଚାର ରଙ୍ଗ ଫିଟିବା ସହିତ ନମନୀୟ ମଧ୍ୟ ହୋଇଥାଏ ।

# ବଢ଼ିପାରେ ଏଚ-ୱାନବି ଭିସା ଲିମିଟ୍

ଆମେରିକା ଭାରତକୁ ଦେଉଥିବା ଏଚ-ୱାନବି ଭିସା ୧୦ ପ୍ରତିଶତ ସୀମିତ ଥିବାବେଳେ ଏହା ୧୫ ପ୍ରତିଶତକୁ ବଢ଼ିବା ନେଇ ଗୁଜବ ପ୍ରକାଶ ପାଇଛି । ଅବଧି ବଢ଼ିବା ନେଇ ଦୁଇ ବିଦେଶୀ ର୍କ୍ମଚାରୀ କହିଛନ୍ତି । ପ୍ରତିବର୍ଷ ଆମେରିକା ୮୫,୦୦୦ ଏଚ-ୱାନବି ଭିସା ଜାରି କରୁଥିବାବେଳେ ଏଥିରେ ୭୦ ପ୍ରତିତ ଭିସା କେବଳ ଥାଏ ଭାରତୀୟଙ୍କର । ଯଦି ଭିସାର ଅବଧି ବଢ଼େ ତେବେ ଏହା ଭାରତୀୟଙ୍କ ପ୍ରତି ଲାଭଜନକ ସାବ୍ୟସ୍ତ ହେବ । ଟିସିଏସ ଓ ଇଥନଫୋସିସ ପରି ବଡ଼ କମ୍ପାନୀମାନେ ଏଚ-ୱାନବି ଭିସା ମାଧ୍ୟମରେ ଡେଭଲପରମାନଙ୍କୁ ଆମେରିକା ପଠାନ୍ତି । ଆଇଟି ସେକ୍ଟର ଲୋକଙ୍କୁ ଏନେଇ ସୁବିଧା ହୋଇପାରେ । ୧୦.୫ଲକ୍ଷ କୋଟି ଟଙ୍କାର ଆଇଟି କମ୍ପାନୀ ପାଇଁ ଆମେରିକା ସବୁଠାରୁ ବଡ଼ ବଜାର । ଆମେରିକା ପ୍ରତିବର୍ଷ ଅନ୍ୟଦେଶରୁ କର୍ମଚାରୀମାନଙ୍କୁ ନିଜ ଦେଶରେ କାମ କରେଇବା ପାଇଁ ମଞ୍ଜୁରି ଦେବା ପାଇଁ ଏଚ-ୱାନବି ଭିସା ଜାରି କରିଥାଏ ।

# ସ୍ୱାସ୍ଥ୍ୟକାରୀ ଦହି



କ୍ଷୀର ଭଳି ଦହି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବିଶେଷ ଲାଭକାରୀ ହୋଇଥାଏ । ଦହିରେ ଭରପୁର ମାତ୍ରାରେ ଫସଫରସ ଏବଂ ଭିଟାମିନ ରହିଥାଏ, ଯାହା କ୍ୟାନ୍ସର ଏବଂ ପେଟର ଅନ୍ୟ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୁଏ । ଏଣୁ ପ୍ରତ୍ୟେକ ବ୍ୟକ୍ତି ନିୟମିତ ଦହିର ସେବନ କରିବା ଆବଶ୍ୟକ । ଦହି ରକ୍ତକୋଶିକା ପାଇଁ ବିଶେଷ ଫଳପ୍ରଦ ହୋଇଥାଏ । ନିୟମିତ ରୂପେ ଦହିର ସେବନ କରିବା ଦ୍ୱାରା ରକ୍ତକୋଶିକା ମଜଭୁତ ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ବୟସ୍କ ବ୍ୟକ୍ତିବିଶେଷଙ୍କ ପାଇଁ ଦହି ସର୍ବୋତ୍କୃଷ୍ଟ ହୋଇଥାଏ । ଅନେକ ଡାଇଟିସିଆଲ ନିୟମିତ ରୂପେ ଦହି ଖାଇବା ପାଇଁ ଉପଦେଶ ହୋଇଥାନ୍ତି । ଦହି ହୃଦରୋଗରୁ ରକ୍ଷା କର୍ଇ ବା । ସହ ଶରୀରରେ କୋଲେଷ୍ଟ୍ରୋଲ କମ କରିଥାଏ । ଦହି ଶରୀରର ତାପମାତ୍ରାକୁ ନିୟନ୍ତ୍ରିତ ରଖିବାରେ ବିଶେଷ ସହାୟକ ହୋଇଥାଏ । ଏଥିପାଇଁ ଖରାଦିନରେ ଅନେକ ଲୋକ ଦହିରେ ପ୍ରସ୍ତୁତ ହୋଇଥିବା ସରବତକୁ ପାନୀୟ ଭାବେ ଗ୍ରହଣ କରିଥାନ୍ତି ।

# ପିଲାଙ୍କୁ ଶିଖାନ୍ତୁ ଶିଷ୍ଟାଚାର



ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ଛୋଟ ବୟସରୁ ହିଁ ପିଲାଙ୍କୁ ଆଦବକାଇଦା, ଭଦ୍ରାମି, ଶିଷ୍ଟାଚାର ଶିଖାଗଲେ ତାହା ବଡ଼ଦିନରେ ତାଙ୍କ ବ୍ୟବହାରରେ ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ମନସ୍ତତ୍ତ୍ୱବିତ୍ ଇଶିତା ଭୁଖାର୍ଜୀ କହିଛନ୍ତି ସେ ଏଯାବତ୍ ବିଭିନ୍ନ ବୟସର ପିଲାଙ୍କୁ ଅନୁଧ୍ୟାନ ପକରିସାରିଲେଣି । ପରିବାରରେ ପିଲାଙ୍କୁ ଶିଷ୍ଟାଚାର ତଥା ଭଦ୍ରାମି ପ୍ରଥମେ ମା ହିଁ ଶିଖାଇଥାନ୍ତି । ତେବେ କେତେକ ପରିସ୍ଥିତିରେ ଘରର ବୟୋଜ୍ୟେଷ୍ଠ ଯେପରି ଜେଜେମା', ଜେଜେବାପା' ନାତିନାତୁଣୀଙ୍କୁ ଗେହ୍ଲା ଆଦର କରି ଏସବୁ ଏବେ କରିବାର ଆବଶ୍ୟକତା ନାହିଁ ବୋଲି ବୁଝାଇନିଅନ୍ତି । ଅଧିକାଂଶ ଘରେ ଜେଜେମା'ମାନଙ୍କ ଯୁକ୍ତି ଯେ ଆମ ପିଲା ବଡ଼ ହେଲେ ସବୁ ଆପେ ଆପେ ଶିଖିଯିବ । ଏହା ହିଁ ସେଇ ଛୋଟ ପିଲାକୁ ଭୁଲ ଦିଗରେ ବଢ଼ିବାକୁ ପ୍ରୋତ୍ସାହିତ କରେ ।

ଘରକୁ କେହି ଆସିଲେ ପ୍ରଣାମ କରିବା, ସେମାନଙ୍କ ସହ ବସି ବାର୍ତ୍ତାଳାପ କରିବା ଇତ୍ୟାଦି ପିଲାଙ୍କୁ ଶିଖାନ୍ତୁ । ପାଖାପାଖି ୧୫୦ରୁ ଅଧିକ ପରିବାର ଏକ ସର୍ବେକ୍ଷଣରେ ସାମିଲ ହୋଇଥିଲେ । ଏଥିରେ ୯ବର୍ଷରୁ ୧୫ ବର୍ଷ ପୟସର ପିଲାମାନେ ସାମିଲ ଥିଲେ । ୬୭% ପିଲା ଅତିଥିଙ୍କ ସାମ୍ନାକୁ ଆସିନଥିବା ବେଳେ ପ୍ରଣାମ କରିବାକୁ ମଧ୍ୟ ଉଚିତ୍ ମଣିନଥିଲେ । ଭାରତୀୟ ପରିବାରରେ ଜୀବନଶୈଳୀ ପରିବର୍ତ୍ତନ ହେବା ସହ ବିଦେଶୀ ଢ଼ାଞ୍ଚାକୁ ଅଧିକ ଆପଣାଉଛନ୍ତି । ପରିବାରର ପ୍ରତ୍ୟେକ ସଦସ୍ୟ ଏ ଦିଗ ପ୍ରତି ସଚେତନ ହେବା ସହ ଯଥା ପଦକ୍ଷେପ ନେବା ଆବଶ୍ୟକ।

# ରୋଷେଇଘର ବଡ଼ ଦେଖାଯିବ



ସାଧାରଣତଃ ରୋଷେଇଘର ଅନ୍ୟ କକ୍ଷଗୁଡ଼ିକଠାରୁ ଛୋଟ ହୋଇଥାଏ । ହେଲେ, ଏଠାରେ ବ୍ୟବହାର ହେଉଥିବା ଜିନିଷ ସଂଖ୍ୟା ଅଧିକ । ଏପରି କେତେକ କଥା ପ୍ରତି ଦୃଷ୍ଟି ଦେଲେ ରୋଷେଇ ଘରେ ବି ପର୍ଯ୍ୟାପ୍ତ ସ୍ଥାନ ପାଇପାରିବେ ।

ପ୍ଲାଟଫର୍ମ ଉପରେ ଅଧିକ ଜିନିଷ ରଖନ୍ତୁ ନାହିଁ । ଏଥିରେ ଜିନିଷ ଖୋଜିବା ବିଳମ୍ବ ହେବା ସହିତ ରୋଷେଇଘର ଅବ୍ୟବସ୍ଥିତ ଦେଖାଯିବ ।

କ୍ୟାବିନେଟ ତଳେ ପ୍ଲାଟଫର୍ମ ମଧ୍ୟରେ ମ୍ୟାଗନେଟ୍ ହୋଲଡର ଲଗାନ୍ତୁ । ଏଥିରେ ଛୁରୀ, ଚାମଚ, ଡାଲି ଓ ମସଲା ଡବା ଆଦି ଲଗାଇପାରିବେ ।

ଏକାଧିକ ଭାବେ ବ୍ୟବହାର ହୋଇପାରୁଥିବା କାଠବୋର୍ଡ ରୋଷେଇଘରେ ଲଗାଇଲେ ଏହାକୁ ଚପିଙ୍ଗ ବୋର୍ଡ ସହିତ ରୁଟି, ପୁରି ଆଦି ବେଲିବା ଲାଗି ବ୍ୟବହାର କରିପାରିବେ ।

ବେସିନ ପାଖରେ ଧୋଇଥିବା ବାସନ ରଖିବା ପାଇଁ ଯେଉଁ ଜାଲିଥିବ, ଏହାର ଦୁଇ ପାଖରେ ଛୋଟଛୋଟ ହୋଲଡର ଲଗାଇ ଅଧିକ ବାସନ ରଖିପାରିବେ ।

ମସଲା ଡବା ଲାଗି ଘୂରୁଥିବା ଥାକ ବ୍ୟବହାର କରିବା ଭଲ ।

# ଅମୃତଭଣ୍ଡା

ଅମୃତଭଣ୍ଡା ସ୍ୱାସ୍ଥ୍ୟ ପାଇଁ ଏକ ଉପାଦେୟ ଫଳ । ଏଥିରେ ଏକାଧିକ ଜୀବସାର ଓ ଖଣିଜ ଭରି ରହିଥାଏ । ଗୋଟିଏ ସାଧାରଣ ଆକାରର ଅମୃତଭଣ୍ଡାରେ ୧୨୦ କ୍ୟାଲୋରି ରହିଥାଏ । ଏହା ସହିତ ୩୦ଗ୍ରାମ କାର୍ବୋହାଇଡ୍ରେଟ୍ସ, ୫ଗ୍ରାମ ଫାଇବର, ୧୮ଗ୍ରାମ ଶର୍କରା ଓ ସୁଇଗ୍ରାମ ପ୍ରୋଟିନ ଥାଏ । ମ୍ୟାଗନେସିୟମ ଓ କପର ପଣ୍ଟେଥେନିକ ଏସିଡ୍ ପରି ଶରୀର ପାଇଁ ଆବଶ୍ୟକ ବହୁତତ୍ତ୍ୱ ରହିଥିବାରୁ ଏହାର ନାମ ଅମୃତଭଣ୍ଡା ରଖାଯାଇଛି ।



ଫାଇଦା:

ଅର୍ଶ , ଅଗ୍ନିମାନ୍ଦ୍ୟ ଓ କୋଷ୍ଠକାଠିନ୍ୟ ଭୋଗୁଥିବା ରୋଗୀଙ୍କ ପାଇଁ ଅମୃତଭଣ୍ଡା ବିଶେଷ ଉପକାରୀ ।

କଞ୍ଚା ଅମୃତଭଣ୍ଡା ସିଝା ପ୍ରତିଦିନ କାଇଲେ ଶୂନରାଗରୁ ଉପଶମ ମିଳିଥାଏ ।

ତ୍ୱଚାକୁ ଉଜ୍ଜ୍ୱଳ କରିବାର ବିଶେଷ କ୍ଷମତା ଅମୃତଭଣ୍ଡାର ରହିଛି । ଏହାର ରସ ମୃତ କୋଷଗୁଡ଼ିକ ଦୂର କରି ତ୍ୱଚାରେ ଚମକ ସୃଷ୍ଟି କରେ । ଏହାକୁ ଫେସପ୍ୟାକ ପରି ବ୍ୟବହାର କଲେ ମୁଖର ସୌନ୍ଦର୍ଯ୍ୟ ବୃଦ୍ଧିହୁଏ ।

ଏହା ରକ୍ତରେ କୋଲେଷ୍ଟରଲକୁ ନିୟନ୍ତ୍ରଣ କରେ ।

କଞ୍ଚା ଅମୃତଭଣ୍ଡାକୁ ପରିବା ଓ ଫଳ ଭାବରେ ଖାଆନ୍ତୁ । ଏହା ଅକାଳ ବାର୍ଦ୍ଧକ୍ୟ ଦୂର କରିବାରେ ସହାୟକ ହୁଏ । ବ୍ରଣ ପାଇଁ ଅମୃତଭଣ୍ଡା ଫୁଲ ବେଶ ଉପକାରୀ । ଫୁଲକୁ ବାଟି ବ୍ରଣ ଉପରେ ଲଗାଇଲେ, ବ୍ରଣ ଭଲ ହୁଏ । ଯେଉଁମାନଙ୍କ ଓଜନ ବେଶି ସେମାନେ ପ୍ରତିଦିନ ଅମୃତଭଣ୍ଡା ଖାଇବା ୁଚିତ । ଜୀବସାର ଓ ଖଣିଜ ପ୍ରଚୁର ମାତ୍ରାରେ ରହିଥିବାରୁ ଅମୃତଭଣ୍ଡା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୁଏ । ଏହାର ନିୟମିତ ଭୋଜନ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ।

ଥଣ୍ଡା, ଜ୍ୱର, ଓ କାଶର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ । ଭୋକ ହେଉ ନଥିଲେ ଖାଇବା ପୂର୍ବରୁ ଦୁଇ ଚାମଚ ଅମୃତଭଣ୍ଡା କ୍ଷୀର ସହିତ ଏକ ଚାମଚ ଚିନି ମିଶାଇ ଖାଆନ୍ତୁ ଭୋକ ଲାଗିବ ।

# ବର୍ଷାଋତୁରେ ଗହଣା



ଆଜିର ସମୟରେ ଯୁବତୀ ଓ ମହିଳାମାନେ ବିଭିନ୍ନ ଡିଜାଇନର ଆଭୁଷଣ ପିନ୍ଧୁଛନ୍ତି । ସୁନା ରୂପା ସହ ବ୍ଲାକମେଟାଲ, କାଠ ଓ ମାଟିରେ ନିର୍ମିତ କାନଫୁଲ ଓ ହାରର ଚାହିଦା ଏବେ ଅଧିକ । ତେବେ ବର୍ଷାଦିନେ ଏସବୁର ବିଶେଷ ଯତ୍ନ ନେବା ନିତାନ୍ତ ଆବଶ୍ୟକ । କାରଣ ଏହି ଋତୁରେ ନିତ୍ୟବ୍ୟବହାର୍ଯ୍ୟ ଆଭୂଷଣକୁ ସୁରକ୍ଷିତ ନ ରଖିଲେ, ତାହା ଶୀଘ୍ର ଖରାପ ହୋଇଯାଏ । ଅନଲାଇନ ସାଇଟ ଦୋକାନରେ କାନଫୁଲ ଓ ହାର ନିମନ୍ତେ ଭିନ୍ନଭିନ୍ନ ଆକାରର ଅର୍ଗାନାଇଜର ବକ୍ସ ମିଳୁଛି । ଏସବୁ କିଣି କାନଫୁଲକୁ ଯଥାସ୍ଥାନରେ ରଖନ୍ତୁ । ଏହା ସହ ଏହି ଅର୍ଗାନାଇଜରରେ ଗନ୍ଧକର୍ପୂର ମଧ୍ୟ ରଖିବା ଉଚିତ । ପ୍ରତ୍ୟେକ ଗହଣା ବାକ୍ସରେ ସିଲିକା ପ୍ୟାକେଟ ରଖିବା ଉଚିତ । ବର୍ଷାଦିନେ ଇମିଟେସନ ଗହଣା ନପିନ୍ଧିବା ଭଲ । କାରଣ ବର୍ଷାରେ ଏସବୁର ରଙ୍ଗ ଧୋଇଯିବାର ଆଶଙ୍କା ରହିଛି । ବର୍ଷାରେ ଓଦା ହୋଇଗଲେ, ଘରକୁ ଫେରିବା ପରେ ତୁରନ୍ତ ଗହଣା ବାହାର କରି ଶୁଖିଲା କପଡ଼ାରେ ପୋଛି ଯଥାସ୍ଥାନରେ ରଖିଦିଅନ୍ତୁ ।

# ବର୍ଷା ପୂର୍ବର ସତର୍କତା

ମୌସୁମୀର ସ୍ପର୍ଶରେ ପୂରା ବର୍ଷର ସବୁଜିମା ରୂପ ଦେଖାଦେଇଛି। ଏଇ ଦିନେ ପ୍ରତ୍ୟେକ ବର୍ଗର ଲୋକ ନିଜ ଖାଦ୍ୟପାନୀୟ ବାବଦରେ ଅଧିକ ସତର୍କ ରହିବା ଦରକାର । ଖାଇବାରେ ସାମାନ୍ୟ ଏପଟ ସେପଟ ହେଲେ ପେଟ ଖରାପ ହେବାର ଆଶଙ୍କା ସବୁଠୁ ଅଧିକ । ଏଇ ଋତୁରେ ସେଓ, କଦଳୀ, ମ୍ଲମ୍ବ, ପରି ଫଳ ଖାଆନ୍ତୁ । ଆମ୍ବ ବର୍ଷା ଦିନେ ଖାଇଲେ ପେଟ ଖରାପ ହୋଇଥାଏ । କାରଣ ଆମ୍ବ ଫଳଟି ସମଜରେ ହଜମ ହୋଇପାରବନି । ଅଧିକ ଲୁଣି ଖାଦ୍ୟ ମଧ୍ୟ ସ୍ୱାସ୍ଥ୍ୟଗତ ଅସୁବିଧା କରିପାରେ । କ୍ୱଚିତ୍ ଛଣାଛଣି ଖାଦ୍ୟ ଖାଇପାରନ୍ତି ।

ଏଇଦିନେ ଶାରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ହଳଦୀ ମିଶା ଉଷୁମ ଖିର ପିଇବା ଉଚିତ ବୋଲି ଖାଦ୍ୟ ବିଶେଷଙ୍କ ମତ ।

ପ୍ରତ୍ୟେକ ପରିବାକୁ ଭଲଭାବେ ଧୋଇ ପରିଷ୍କାର କରିବା ପରେ ତାହାକୁ କାଟି ରୋଷେଇ କରନ୍ତୁ ।

ଚିକେନ ମଟନ ପରିବର୍ତ୍ତେ ମାଛ ଖାଇପାରନ୍ତି। ସହଜରେ ହଜମ ହେଲା ଭଳି ଭୋଜନ କରିବା ଏଇ ଦିନେ ହିତକାରୀ ।

ଥଣ୍ଡା, ସର୍ଦ୍ଦି ନିୟମିତ ହେଉଥିଲେ ମୂଳା ଭଜା ଖାଇବା ସହ ମୂଳା ରସ ମଧ୍ୟ ପିଇପାରନ୍ତି । ବାହାର ଖାଦ୍ୟ ଏଇଦିନେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଉଚିତ ।



# ସଟଡାଉନ୍ ଓ ଲକଡାଉନ୍ ଯୋଗୁଁ କନ୍ଧମାଳ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାମ ସରିପାରୁନି

କନ୍ଧମାଳ, ୦୭/୭ (ନି.ପ୍ର): ଜିଲ୍ଲାରେ ସବୁ ଠିକ୍ ଠାକ୍ ଚାଲିଥିଲା ଉନ୍ନୟନ ମୂଳକ କାର୍ଯ୍ୟ। ହେଲେ କରୋନା ସଂକ୍ରମଣ ଯୋଗୁଁ ସବୁ କିଛି ଓଲଟପାଲଟ ହୋଇଗଲା। ଉନ୍ନୟନ ମୂଳକ କାର୍ଯ୍ୟ ସବୁ ଠପ୍ ହୋଇଗଲା। ଯଦିଓ ଏବେ ଗତ କିଛିଦିନ ହେଲା ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ସେଥିରେ ଲୋକମାନଙ୍କୁ ଏମର୍ଜେନଥାରଇର୍ଜେସ ଯୋଜନାରେ ହିଁ କାମ ଯୋଗାଇ ଦିଆଯାଉଛି। କରୋନା ମୁକାବିଲାରେ ସମସ୍ତେ ପ୍ରଶାସନିକ ଅଧିକାରୀ ଲାଗି ପଡିଥିବାରୁ ଆବାସ ଯୋଜନା କାର୍ଯ୍ୟ ଧିମାଗତିରେ ଚାଲିଛି। ଲକ୍ଷ୍ୟ ଥିଲା ଚଳିତ ମାର୍ଚ୍ଚ ୩୧ ରେ ସବୁ ଆବାସ ଯୋଜନା ଗୃହକାମ ସାରିବାକୁ। ଏଥିପାଇଁ ବ୍ଲକର ଯନ୍ତ୍ରୀ, ବିଡିଓ ସବୁ ଯୋର ସୋରରେ ଲାଗିଥିଲେ। ରିଭ୍ୟୁ ମଧ ହେଉଥିଲା। ତେବେ, କରୋନା ସଂକ୍ରମଣ ଯୋଗୁଁ ସବୁ ବିଗିଡିଗଲା। ଜିଲ୍ଲାରେ ୬ ହଜାର ୯୫୦ଟି ଆବାସ ଘର ମଧ୍ୟରୁ ପାଖାପାଖି ୫୦ ପ୍ରତିଶତ ଘରକାମ ସରିନଥିବା ଜଣାପଡିଛି। ୨୦୧୯-୨୦ ବର୍ଷରେ କନ୍ଧମାଳ ଜିଲ୍ଲାର ୧୨ଟି ବ୍ଲକରେ ୬ହଜାର ୯୫୦ ଘରର କାର୍ଯ୍ୟାଦେଶ ଦିଆଯାଇଥିଲା। ସେଥିମଧ୍ୟରୁ ୩ ହଜାର ୪୪୭ଟି ଘରକାମ ଫେବୃୟାରୀ ମାସରେ ସରିଥିବା ବେଳେ ୩ ହଜାର ୫୦୩ ଟି ଘରକାମ ଚାଲିଥିଲା। ଏସବୁ ଘରକାମ ମାର୍ଚ୍ଚ ୩୧ ସୁଦ୍ଧା ସାରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଥିଲା। ତେବେ, ମାର୍ଚ୍ଚ ୨୨ରୁ ଜନତା କର୍ଫ୍ୟୁ, ତା'ପରେ ଲକଡାଉନ୍ ସବୁ ଆରମ୍ଭ ହୋଇଗଲା ଯେ, ଏବେ ପର୍ଯ୍ୟନ୍ତ ଚାଲିଛି। ଜିଲ୍ଲାରେ ୨୦୧୯-୨୦ ରେ ବାଲିଗୁଡା ବ୍ଲକରେ ୮୩୬, ଚକାପାଦ ୧୦୪୭, ଦାରିଙ୍ଗବାଡି ୯୦, କ.ନୂଆଗାଁ ୫୭୮, ଖଜୁରୀପଡା ୭୮୦, କୋଟଗଡ ୫୯୨, ଫିରିଙ୍ଗିଆ ୧୧୪୯, ଫୁଲବାଣୀ ୨୯୦, ରାଇକିଆ ୩୪୭, ଟିକାବାଲି ୨୯୭, ତୁମୁଡିବନ୍ଧ ୯୪୦ ଏହିପରି ମୋଟ ୬ ହଜାର ୯୫୦ ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୬ ହଜାର ୯୧୧ ଜଣ ହିତାଧିକାରୀଙ୍କୁ ଅର୍ଥରାଶି ମଂଜୁର କରାଯାଇଥିଲା। ତେବେ, କରୋନା ସଂକ୍ରମଣ ଯୋଗୁଁ କାମ ଧିମାଗତିରେ ଚାଲିଥିବା କୁହାଯାଉଛି। ତଥାପି ଆବାସ ଘରକାମ ଗୁଡିକ ଯେପରି ଶିଘ୍ର ସରିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି।

# ବ୍ରଜରାଜନଗର କଂଗ୍ରେସ ପକ୍ଷରୁ ମ୍ୟୁନିସିପାଲଟି ଅଫିସ ଘେରାଓ

ଝାରସୁଗୁଡା, ୦୭/୭ (ନି.ପ୍ର): ସାରା ରାଜ୍ୟରେ ଏବେ କରୋନା କାୟା ବିସ୍ତାର କରିଥିବା ବେଳେ ଏହାକୁ ନେଇ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ସାଧାରଣ ଲୋକେ ଚିନ୍ତାର ପଡ଼ିଲେଣି । କିନ୍ତୁ କେତେକ ଅମାନିଆଙ୍କ ଯୋଗୁ ଜିଲ୍ଲା ପ୍ରଶାସନ ବହୁ ସମୟରେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେଉଛି । ଖାଲି ସେତିକି ନୁହେଁ ସାଧାରଣ ଲୋକେ ସେହି ଅମାନିଆଙ୍କ ପାଇଁ ମୃତ୍ୟୁମୁଖକୁ ଠେଲି ହୋଇଯାଉଛନ୍ତି । ବାହାରୁ ଆସିଲେ କ୍ୱାରେଣ୍ଟାଇନର ରହିବାର ନିୟମ ଥିଲେ ମଧ ଏହାକୁ କେତେକ ମାନୁନାହାନ୍ତି । ଯାହାର ଫଳ ସ୍ୱରୂପ କରୋନା ଚାରିଆଡ଼େ ବ୍ୟାପିବାରେ ଲାଗିଛି । ଅପରପକ୍ଷରେ ହୋମ୍ କ୍ୱାରେନଟାଇନ ପାଇଁ ସୁବିଧା ସୁଯୋଗ ନଥାଇ ମ୍ୟୁନିସିପାଲିଟ୍ ନିର୍ବାହୀ ଅଧିକାରୀ କେମିତି ହୋମ କ୍ୱାରେଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦେଉଛନ୍ତି ତାହା ଏବେ ବଡ଼ ପ୍ରଶ୍ନ ହୋଇଛି । ହୋମ୍ କ୍ୱାରେନଟାଇନ୍ରେ ରହୁଥିବା ବ୍ୟକ୍ତିଙ୍କ ଘରେ ସୁବ୍ୟବସ୍ଥା ଅଛି କି ନାହିଁ ତାହା ତଦାରଖ କରିବାର ନିୟମ ଥିଲେ ମଧ କରାଯାଉନାହିଁ । ଖାଲି ସେତିକି ନୁହେଁ କେତେକ ସ୍ଥାନରେ ପରିଚୟ ମୁହଁ ଦେଖି ମଧ ଅଧିକାରୀ ଜଣକ କ୍ୱାରେଣ୍ଟାଇନ୍ ନିୟମ କାର୍ଯ୍ୟକାରୀ କରୁଛନ୍ତି । ଏଭଳି ଅଭିଯୋଗ ଆସିଛି ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଅଂଚଳରେ । ମହାରାଷ୍ଟ୍ରରୁ ଆସିଥିବା ଜଣେ ୨୬ ବର୍ଷୀୟ ଯୁବକଙ୍କୁ ହୋମ କ୍ୱାରେଣ୍ଟାଇନରେ ରହିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ସଂପୃକ୍ତ ବ୍ୟକ୍ତି ଜଣକ ହୋମ କ୍ୱାରେଣ୍ଟାଇନରେ ନରହି ସାଙ୍ଗସାଥୀ, ସଂପର୍କୀୟ ଓ ବିଭିନ୍ନ ସ୍ଥାନରେ ବୁଲାବୁଲି କରିଥିଲେ । ତେବେ ଯେଉଁଠାରେ ସଂପୃକ୍ତ ବ୍ୟକ୍ତିଙ୍କୁ କ୍ୱାରେନଟାଇନରେ ରଖାଯାଇଥିଲା ସେଠାରେ ସମସ୍ତ ପ୍ରକାର ସୁବ୍ୟବସ୍ଥା ଅଛି କି ନାହିଁ ତାହା ତଦାରଖ କରିବା କଥା । କିନ୍ତୁ ଏହା କରାଯାଇନଥିବା ଅଭିଯୋଗ ହୋଇଛି । ଫଳରେ ହୋମ କ୍ୱାରେନଟାଇନ ବ୍ୟବସ୍ଥା ନଥିବାରୁ ସଂପୃକ୍ତ ଯୁବକଜଣକ ଏଣେତେଣେ ଯାଇଥିବା ଜଣାପଡ଼ିଛି । ସଂପୃକ୍ତ ବ୍ୟକ୍ତି ଜଣକ କୁଟ୍ରାଡେରା ଠାରେ ଥିବା ବେଳେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ତେଣୁ ଏପରି କୋଭିଡ ଆଇନ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ କରି ବ୍ରଜରାଜନଗର କଂଗ୍ରେସ ପକ୍ଷରୁ ଥାନାରେ ବ୍ରଜରାଜନଗର ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଦିଲ୍ଲୀପ ପଟେଲଙ୍କ ବିରୋଧରେ ଏତଲା ଦିଆଯାଇଛି । କଂଗ୍ରେସ ପକ୍ଷରୁ ପ୍ରମୋଦ ପଣ୍ଡା, ଗୁଡୁ ଦାସ, କିରଣ ଦାସ, ପିଂଟୁ ସିଂ, ରାଜେଶ, ପ୍ରଶାନ୍ତ ପ୍ରମୁଖ ଏସ୍ଡିପିଓ ଦିଲ୍ଲୀପ ଦାସଙ୍କୁ ଏହି ଏତଲା ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ମ୍ୟୁନିସିପାଲିଟି ଅଧିକାରୀ ଓ ପୁଲିସ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ରହୁଥିବା ଜଣାପଡ଼ିଛି । ମ୍ୟୁନିସିପାଲିଟି ପକ୍ଷରୁ କେଉଁଠାରେ କନଟ୍ନେମେଂଟ ଜୋନ୍ କରାଯାଉଛି ତାହା ପୁଲିସକୁ ଜଣାଯାଉନାହିଁ । ଫଳରେ ପୁଲିସ ମଧ ବିଭିନ୍ନ ସମୟରେ ଅଡୁଆର ସମ୍ମୁଖୀନ ହେଉଛି ।

# ଅଧୁରା ରହିଲା ଜିଲ୍ଲାବାସୀଙ୍କ ସ୍ୱପ୍ନ : ଭଦ୍ରକ ମହାବିଦ୍ୟାଳୟର ୭୩ତମ ପ୍ରତିଷ୍ଠା ଦିବସ

ଭଦ୍ରକ, ୭/୭ (ହି.ସ.) - ଭଦ୍ରକ ମହାବିଦ୍ୟାଳୟର ୭୩ତମ ପ୍ରତିଷ୍ଠା ଦିବସ ଆଜି କଲେଜ ପରିସରରେ କଲେଜର ପ୍ରତିଷ୍ଠାତା ନରେନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତି ନିକଟରେ ନିରାଡମ୍ବର ଭାବେ ପାଳନ କରାଯାଇଛି । ପ୍ରଥମେ ଉତ୍କଳକେଶରୀ ଡ. ହରେକୃଷ୍ଣ ମହାତାବଙ୍କ ପ୍ରତିମୂର୍ତ୍ତିରେ କଲେଜ ଅଧକ୍ଷ ପ୍ର. ବଙ୍କିମ ଚନ୍ଦ୍ର ସାହୁ ପୁଷ୍ପମାଲ୍ୟ ଦେଇଥିବା ବେଳେ ଛକଡି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦ ପୂର୍ବତନ ସମ୍ପାଦକ ଅଧିବକ୍ତା ନିତ୍ୟାନନ୍ଦ ଦାସ ମାଲ୍ୟାର୍ପଣ କରିଥିଲେ । ନରେନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ପୁରାତନ ଛାତ୍ର ସଂସଦର ସଦସ୍ୟମାନଙ୍କ ସମେତ କଲେଜରେ ଉପସ୍ଥିତ ଅଧାପକ ମାନେ ମାଲ୍ୟାର୍ପଣ କରିବା ପରେ ପୁରାତନ ଛାତ୍ର ସଂସଦ ସମ୍ପାଦକ ଅଜୟ ନାୟକ ପତାକା ଉତ୍ତୋଳନ କରିବା ସହିତ ପୌରୋହିତ୍ୟ କରିଥିଲେ । ଶ୍ରୀ ନାୟକ ୭୩ ବର୍ଷ ପୂର୍ବରୁ ଡ. ହରେକୃଷ୍ଣ ମହତାବ ଭଦ୍ରକ କଲେଜକୁ ପଲ୍ଲି ବିଶ୍ୱବିଦ୍ୟାଳୟରେ ପରିଣତ କରିବା ନେଇ ଦେଖିଥିବା ସ୍ୱପ୍ନକୁ ଆଜି ପର୍ଯ୍ୟନ୍ତ ସାକାର ହେଇ ନପାରିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଏକଦା ଭଦ୍ରକ କଲେଜକୁ ରାଜ୍ୟର ଦ୍ୱିତୀୟ ସର୍ବବୃହ ମ କଲେଜ କୁହାଯାଉଥିବା ବେଳେ ୩୦ ଏକର ପରିମିତ ଜମି ଏବଂ ପ୍ରାୟ ୭ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏପରିକି ୫ହଜାର ଛାତ୍ରୀ ଅଧୟନ କରୁଥିବା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ପାଇବା ଦୂରର କଥା ଓଡ଼ିଶାର ଅନ୍ୟାନ୍ୟ ମହାବିଦ୍ୟାଳୟମାନଙ୍କରେ ଯାଉଁ ହାରରେ ଉନ୍ନତି ହୋଇଛି, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସେହିଭଳି ଉନ୍ନତି ହେବାରୁ ବଂଚିତ ହୋଇଛି । ଯାହା ଭଦ୍ରକ ଜିଲ୍ଲାବାସୀଙ୍କ ପାଇଁ ଲଜ୍ଜାଜନକ ବୋଲି ମତ ପ୍ରକାଶ ପାଇଥିଲା । ଅଧିବକ୍ତା ପବନ ଶର୍ମା, ଶାନ୍ତନୁ ରାଉତ, ବୈଲୋଚନ ବେହୁରିଆ, ରୂପକ ବିହାରୀ ରାୟ, ଚାରୁଲତା ମହାପାତ୍ର, ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସାମାଜିକ ଦୂରତାକୁ ଆଖି ଆଗରେ ରଖି କଲେଜର ଅଧାପକ ଲକ୍ଷ୍ମୀକାନ୍ତ ନାୟକ, ଗୋକୁଳି ଚନ୍ଦ୍ର ମହାନ୍ତି, ଅଧିବକ୍ତା ଗଦାଧର ବଳ, ଦୁର୍ଗାଶଙ୍କର ଦାସ, ରମାକାନ୍ତ ସାମଲ ପ୍ରମୁଖ ପୁରାତନ ଛାତ୍ର ସଂସଦ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମିତ କୁମାର ଦାଶ, ଅଜିତ କୁମାର ଦାସ, ପ୍ରମୋଦ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପୁରାତନ ଛାତ୍ର ସଂସଦର ସହସମ୍ପାଦକ ଅମରେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଲିସ ଗୁଳିରେ ୪ ହାର୍ଡକୋର ମାଓବାଦୀ ଏନକାଉଣ୍ଟର ପରେ

## ମିଳିନି ମୃତ ମାଓବାଦୀଙ୍କ ପରିଚୟ, ସିର୍ଲା ପଂଚାୟତବାସୀ ଭୟଭୀତ ଅବସ୍ଥାରେ

କନ୍ଧମାଳ, ୦୭/୭ (ନି.ପ୍ର): ରବିବାର କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ବ୍ଲକର ସିର୍ଲା ପଂଚାୟତର ସିର୍ଲା ଜଙ୍ଗଲରେ ପୋଲିସ ଗୁଳିରେ ୪ ମାଓବାଦୀଙ୍କ ମୃତ୍ୟୁ ହୋଇଛି ଏବଂ ଏହାସହିତ ଜବାନ ମାନଙ୍କ ମଧ୍ୟରୁ କିଛି ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ତେବେ ଆଜି ମୃତ ମାଓବାଦୀ ମାନଙ୍କର ଶବକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଛେଦ କରାଯାଇଛି । ଏଯାବତ ମୃତ ମାଓବାଦୀମାନଙ୍କର ପରିଚୟ ଏଯାଏଁ ମିଳିନଥିବା କନ୍ଧମାଳ ଏସପି ପ୍ରତୀକ ସିଂ କହିଛନ୍ତି । ଏନକାଉଣ୍ଟର ହୋଇଥିବା ସ୍ଥଳ ଅଂଚଳରେ ଦୀର୍ଘଦିନ ଧରି ମାଓବାଦୀମାନେ କ୍ୟାମ୍ପ କରି ରହିଥିବା ବଂଶଧାରା-ଘୁମୁସର-ନାଗାବଳୀ ଡିଭିଜନର କ୍ୟାମ୍ପକୁ ଧ୍ୱଂସ କରିଥିଲା ପୋଲିସ । ଏହାପରେ ଏବେ ସିର୍ଲା ଗ୍ରାମପଂଚାୟତ ଅଂଚଳରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ଗାଁ ଲୋକେ ସଂପୂର୍ଣ୍ଣ ଭୟଭୀତ ହୋଇପଡିଛନ୍ତି । ବିଶେଷକରି ଜଙ୍ଗଲ ପାହାଡ ତଳିରେ ଥିବା ଗାଁ ଗୁଡିକରେ ରହୁଥିବା ଲୋକେ ସଂପୂର୍ଣ୍ଣ ଡରି ଯାଇଛନ୍ତି । ମାଓବାଦୀ ମାନେ ଗାଁର କିଛି ଲୋକଙ୍କୁ ସନ୍ଦେହ କରୁଛନ୍ତି । ଗାଁ ଲୋକେ ପୋଲିସ ଇନଫର୍ମର ଭାବେ କାମ କରି ପୋଲିସକୁ ସେମାନଙ୍କୁ ଗୁପ୍ତ କ୍ୟାମ୍ପ ସଂପର୍କରେ ସଠିକ୍ ତଥ୍ୟ ଦେବା ଫଳରେ ପୋଲିସ ସକାଳୁ ସକାଳୁ ଅତର୍କିତ ଭାବେ ପଂହଚି ଗୁଳି କରିବା ଫଳରେ ତାଙ୍କର ୪ ଜଣ ସାଥି କମ୍ରେଡଙ୍କର ମୃତ୍ୟୁ ଘଟିଲା । ଅନେକ ଆହତ ହୋଇଛନ୍ତି ମଧ । ଏଣୁ, ମାଓବାଦୀ ମାନେ ଗାଁର ପୋଲିସ ଇନଫର୍ମର ସନ୍ଦେହରେ କେତେକଙ୍କୁ ହତ୍ୟା କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ଫଳରେ ଏବେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ପୋଲିସ ସେମାନଙ୍କୁ ସୁରକ୍ଷା ଦେବାକୁ ଦାବୀ କରିଛନ୍ତି ଗ୍ରାମବାସୀ ।

# ଶବଦାହ ନିମନ୍ତେ ଶ୍ମଶାନ ସ୍ଥାନ ନିର୍ଦ୍ଧାରଣ ପାଇଁ ଦାବି

କେନ୍ଦ୍ରାପଡ଼ା, ୦୭/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଚାନ୍ଦୋଳ ଗ୍ରାମ ପଂଚାୟତ ୧୪ନଂ ୱାର୍ଡରେ ଶବଦାହ ନିମନ୍ତେ ଶ୍ମଶାନ ସ୍ଥାନ ନିର୍ଦ୍ଧାରଣ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ପ୍ରକାଶ ଯୋଗ୍ୟ ଯେ, ଚାନ୍ଦୋଳ ଗ୍ରାମ ପଂଚାୟତ ୧୪ନଂ ୱାର୍ଡ ଖରିଦାସାହି ଗାଁରେ ୧୪୦ ପରିବାର ରହୁଛନ୍ତି । ମାତ୍ର ଏହି ଗାଁର ଶବଦାହ କରିବା ପାଇଁ କୌଣସି ସ୍ୱତନ୍ତ୍ର ଶ୍ମଶାନ ସ୍ଥାନ ନାହିଁ । ଦୀର୍ଘ ବର୍ଷ ହେବ ଏହି ଗାଁରେ ମୃତ୍ୟୁ ବରଣ କରୁଥିବା ବ୍ୟକ୍ତିଙ୍କୁ ଗୋଚର ଜମିରେ ଦାହ କରାଯାଉଛି । ଏଣୁ ଶ୍ମଶାନ ସ୍ଥାନ ନିର୍ଦ୍ଧାରଣ ନିମନ୍ତେ ଚାନ୍ଦୋଳ ସରପଂଚ ଅନୁପମା ଷଡଙ୍ଗୀଙ୍କ ସମେତ ଭଞ୍ଜନ କୁମାର ମହାନ୍ତି, ହିମାଂଶୁ ଶେଖର ସିହ୍ନା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ଏଟିଏମ ସାନିଟାଇଜେସନ କରିବାକୁ ଦାବୀ

ଜୟପୁର, ୦୭/୭ (ନି.ପ୍ର): ଜୟପୁର ସହରରେ ଥିବା ଏଟିଏମ କାଉଂଟର ଗୁଡିକ ସାନିଟାଇଜେସନ କରାଯାଉ ନାହିଁ। ସରକାରଙ୍କ ନିୟମକୁ ବ୍ୟାଙ୍କ କର୍ତ୍ତୃପକ୍ଷ ମାନୁନଥିବା ଅଭିଯୋଗ ହୋଇଛି । କୋରନା ମୁକାବିଲା ପାଇଁ ସବୁ କ୍ଷେତ୍ରରେ ସଚେତନା କରାଯାଉଛି । ଏମିତି ଜୟପୁର ସହରରେ ଥିବା ଏଟିଏମ ସାନିଟାଇଜେନ କରାଯାଉ ନାହିଁ । ତାହା କରିବା ପାଇଁ ଟାଉନ କଂଗ୍ରେସ ତରଫରୁ ନବ ନିଯୁକ୍ତ ଜୟପୁର ଉପ ଜିଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ବର୍ତମାନ ଭୟବହ ପରିସ୍ଥିତିରେ ଜନକଲ୍ୟାଣ ନିମନ୍ତେ ସାମିଜିକ ଦୂରତା, ମାସ୍କର ବ୍ୟବହାର, ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଜନଗହଳି ସ୍ଥାନରେ ସାନିଟାଇଜେସନ କରିବା ପାଇଁ କଡା ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଅଳ୍ପ କେତେ ଜଣ ମାନୁଥିବା ବେଳେ ଅନ୍ୟ କେତେକଙ୍କ ଅବହେଳା ଯୋଗୁଁ ଏହି ମହାମାରି ଦୃତ ଗତିରେ ବ୍ୟାପୁଛି । ମୁଖମନ୍ତ୍ରୀ ମହାମାରି ମୁକାବିଲା ପାଇଁ ଯେଉଁ ନିୟମ ଧାର୍ଯ୍ୟ କରାଯାଇଛି ସମସ୍ତ ନିୟମ ମାନିବାକୁ ବାଧ୍ୟ ଓ ଅବହେଳାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ଭାବେ ନିର୍ଦ୍ଦେଶ ରହିଛି । ଏହି ପରିସ୍ଥିତିରେ ବ୍ୟାଙ୍କ ଏଟିଏମ କାଉଂଟରେ ଭିଡ ରହୁଥିବା ବେଳେ ସାମାଜିକ ଦୁରତା ରହୁନଥିବା ସହ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ଧ୍ୟାନ ଦେଉ ନାହାଁନ୍ତି । ଏଟିଏମ ଗୁଡିକ ସାନିଟାଇଜ କରାଯାଉ ନାହିଁ । ତେଣୁ ଏହା କରୋନା ବ୍ୟାପିବା ଆଶଙ୍କା ରହିଛି ତେଣୁ ଉପଜିଲ୍ଲାପାଳ ବ୍ୟାଙ୍କ ମାନଙ୍କ ସହ ଆଲୋଚନା କରି ସାନିଟାଇଜ କରିବାକୁ ନଗର କଂଗ୍ରେସର ନିହାର ବିଷୋୟୀ, ଗଙ୍ଗା ସାହୁ, ସତ୍ୟ ନାରାୟଣ ନାୟକ, ବିଶ୍ୱଜିତ ଦଣ୍ଡସେନା, ବଳ ରାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀଲୋକନାଥ ଘାଟରେ ଶୁଭିଲାନି ବୋଲବମ ଶବ୍ଦ

ପୁରୀ, ୦୭/୭ (ନି.ପ୍ର): ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ଶ୍ରୀଲୋକନାଥ ଘାଟରେ ହଜାର ହଜାର କାଉଡିଆ ଜମା ହୋଇଥାନ୍ତି । ଏ ବର୍ଷ କରୋନା କଟକଣା ଭୂତାଣୁ ସଂକ୍ରମଣ ନବ୍ୟାପିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲାପ୍ରଶାସନ କାଉଡିଆଙ୍କ ଉପରେ ରୋକ ଲଗାଇଛି । ଯାହାଫଳରେ ଏ ବର୍ଷ ଆଉ ବଡଦାଣ୍ଡ, ଲୋକନାଥ ରୋଡରେ ବୋଲବମ ଶୁଭୁନାହିଁ। ଏ ସଂପର୍କରେ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲାପାଳ ବଳବନ୍ତ ସିଂ କୋଭିଡ ଆଇନ ଅନୁଯାୟୀ ସମସ୍ତ ତହସିଲଦାର ଓ ପ୍ରତି ଥାନା ଆଇଆଇସିଙ୍କୁ ତାଙ୍କ ଅଂଚଳରେ ଯେପରି କେହି କାଉଡିଆ ଶିବ ମନ୍ଦିରରେ ଏକାଠି ନହୁଅନ୍ତି ସେ ସଂପର୍କରେ ଜଣାଇଛନ୍ତି । କାଉଡିଆମାନେ ବିଭିନ୍ନ ଶିବ ମନ୍ଦିରରେ ଦର୍ଶନ କରି ନପାରି ଓ ଏକାଠି ହୋଇନପାରିବେ ସେ ସଂପର୍କରେ ସତର୍କ ରହିବା ପାଇଁ ଥାନାଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏସପି, ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ପିପିଲି, ନିମାପଡା, କୋଣାର୍କ ଏନଏସି ଅଧିକାରୀ, ପିଡି ଡିଆରଡିଏ, ଉପଜିଲ୍ଲାପାଳ, ଜିଲ୍ଲାର ୧୧ଜଣ ବିଡିଓ, ତହସିଲଦାର, ଟୁରିଷ୍ଟ ଅଫିସର, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କୁ ପତ୍ର ଦ୍ୱାରା ଜଣାଇ ଦିଆଯାଇଛି ।

# କେନ୍ଦ୍ରାପଡାରେ ପରିବା ଦର ଅହେତୁକ ବୃଦ୍ଧି

କେନ୍ଦ୍ରାପଡ଼ା, ୦୭/୭ (ନି.ପ୍ର): କରୋନା ପାଇଁ କେନ୍ଦ୍ରାପଡା ର ବିଭିନ୍ନ ସ୍ଥାନରେ ପରିବା ଦର ଆକାଶ ଛୁଆଁ ଧରିଛି । କୋଭିଡ-୧୯, ଆଷାଢ ମାସ ସହ ବାହାଘର ଥିବାରୁ ଏବଂ ସ୍ଥାନୀୟ ଅଂଚଳରୁ ପରିବାପତ୍ର ଆମଦାନି କମ୍ ହୋଇ ଥିବାରୁ ପରିବା ଦର ଅହେତୁକ ବୃଦ୍ଧି ପାଇଛି । ଅଦିନିଆ ବର୍ଷାରେ ପରିବା ନଷ୍ଟ ହୋଇଥିବାରୁ ରେଟ ବଢିବା ମଧ ଏହାର ଅନ୍ୟ ଏକ କାରଣ ହୋଇଛି । ବାଇଗଣ-୫୦, ବିଲାତି-୫୦, ବିନ୍-୮୦, ଝୁଡଙ୍ଗ-୬୦, କଲରା-୪୦, ସଜନା ଛୁଇଁ-୧୦୦, କାକୁଡି-୪୦, ଶିମଳା-୧୫୦, ଛଂଚିଣା-୪୦, ଲଙ୍କା-୧୦୦, ପୋଟଳ-୫୦ ଟଙ୍କା ପ୍ରଭୃତି ଦର ରହିଛି । ଜିଲ୍ଲାର ବାହାର ଅଂଚଳରୁ ପରିବା ଆସୁଥିବାରୁ ରେଟ ବୃଦ୍ଧି ପାଇଥିବା ନେଇ ବ୍ୟବସାୟୀଙ୍କ ଠାରୁ ସୂଚନା ମିଳିଛି ।

# ବାରିପଦା ଅର୍ବାନ ବ୍ୟାଙ୍କରେ ଜମା ଟଙ୍କା ଫେରାଇବାର ପ୍ରକ୍ରିୟା ଆରମ୍ଭ

## ଜମାକାରୀଙ୍କ ଡକ୍ୟୁମେଂଟ ଦାଖଲ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ବ୍ୟାଙ୍କରେ ଜମାକାରୀଙ୍କ ଭିଡ

ବାରିପଦା, ୦୭/୭ (ନି.ପ୍ର): ସ୍ଥାନୀୟ ସମବାୟ ବ୍ୟାଙ୍କ ଭାବରେ ସାରା ଓଡିଶାରେ ବାରିପଦା ଅର୍ବାନ କୋପରେଟିଭ ବ୍ୟାଙ୍କର ସୁନାମ ଥିଲା ବେଶ ନିଆରା ତେବେ ୨୦୧୪ ମସିହାରେ ବାରିପଦା ଅର୍ବାନ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କ କଟକଣା ଲଗାଇବା ପରେ ବ୍ୟାଙ୍କର ସମସ୍ତ କାରବାର ବନ୍ଦ ହୋଇଯାଇଥିଲା । ଫଳରେ ବ୍ୟାଙ୍କର ଛୋଟବଡ ୭୨ ହଜାର ଜମାକାରୀ ନିଜ ଗଚ୍ଛିତ ଅର୍ଥ ଫେରିପାଇବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଜମାକାରୀ ସଂଘ ମଧ୍ୟ ଦୀର୍ଘ ମାସ ଧରି ଜମା ଅର୍ଥ ଫେରିପାଇବା ନିମନ୍ତେ ଚଳାଇଥିଲା ଆନ୍ଦୋଳନ । ତେବେ ଗତ ୨୫ ତାରିଖ ମାନ୍ୟବର ହାଇକୋର୍ଟଙ୍କ ଆନ୍ତରୀଣ ଅର୍ଡର ଆସିବା ପରେ ଆଶ୍ୱସ୍ତ ହୋଇଛନ୍ତି ଜମାକାରୀ ମାନେ । କୋର୍ଟ ତାଙ୍କ ଅର୍ଡରରେ ଜମାକାରୀ ଚିହ୍ନଟ କରି ସେମାନଙ୍କୁ ଜମାଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜମାକାରୀଙ୍କ ବହୁ ଦିନର ଦୁଃଖ ଲାଘବ ହୋଇଛି । ଅର୍ବାନ କୋପରେଟିଭ ବ୍ୟାଙ୍କ ଦାୟିତ୍ୱରେ ଥିବା ବାରିପଦା ଅତିରିକ୍ତ ଜିଲ୍ଲାପାଳ ଏଥି ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ତେବେ ଆଜି ଠାରୁ ଜମାକାରୀ ମାନେ ବ୍ୟାଙ୍କରେ ନିଜ ଜମା ସମ୍ପର୍କୀତ କାଗଜାତ ପ୍ରମାଣ ପତ୍ର ଦାଖଲ କରୁଥିବାର ଜଣାଯାଇଛି । କାଗଜପତ୍ର ଜମାପାଇଁ ବାରିପଦା ଅର୍ବାନ ବ୍ୟାଙ୍କ ପରିସରରେ ଜମାକାରୀଙ୍କ ଗହଳି ଲାଗିଛି । ତେବେ କରୋନା କଟକଣା ନିମନ୍ତେ ବ୍ୟାଙ୍କ ପରିସରରେ ପୋଲିସ ମୁତୟନ କରାଯାଇ ସାମାଜିକ ଦୂରତା ବଜାୟ ରଖିବାକୁ ଯଥେଷ୍ଟ ପ୍ରୟାସ କରାଯାଉଥିବା ବେଳେ ଏକକାଳୀନ ଜମାକାରୀଙ୍କୁ ବ୍ୟାଙ୍କ ପରିସରକୁ ପ୍ରବେଶ କରିବାକୁ ଦିଆଯାଉନାହିଁ । ତେବେ ଦୀର୍ଘ ବର୍ଷ ଧରି ଜମାକାରୀ ମାନେ ସମସ୍ୟାରେ ଥିବାବେଳେ ଓ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବାରୁ ବର୍ତମାନ କୋର୍ଟ ନିର୍ଦ୍ଦେଶ ଆସିବା ପରେ କତୃପକ୍ଷ ଜମାଟଙ୍କା ଫେରାଇବାର ପ୍ରକ୍ରିୟା ଆରମ୍ଭ କରିଦେଇଥିବାରୁ ଜମାକାରୀ ମାନେ ବେଶ ଖୁସି ଥିବାର ଜଣାଯାଇଛି ।

# ଦଳିତ ନାବାଳିକାକୁ ଦୁଷ୍କର୍ମ

କେନ୍ଦ୍ରାପଡ଼ା, ୦୭/୭ (ନି.ପ୍ର): ଜିଲ୍ଲାର ରାଜକନିକା ଥାନା ଅନ୍ତର୍ଗତ ଜୟନଗର ପଂଚାୟତର କୋଠସାହୀଠାରେ ଜଣେ ୧୦ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରାଯାାଇଥିବା ନେଇ ରାଜକନିକା ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏହି କୁକର୍ମ ଘଟଣାରେ ସଂପୃକ୍ତ ବୃଦ୍ଧଙ୍କୁ ଗିରଫ କରିବା ସହିତ ନାବାଳିକା ଓ ବୃଦ୍ଧଙ୍କୁ ଡାକ୍ତରୀ ମାଇନା କରିଥିବା ଜଣାପଡିଛି । ଖବରରୁ ପ୍ରକାଶ, କୋଠସାହୀ ଗ୍ରାମର ବୃଦ୍ଧ ନାରାୟଣ ବାରିକ ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ବିଭିନ୍ନ ସମୟରେ ମନ୍ଦ ଉଦ୍ଦେଶ୍ୟ ରଖି ଥଟା ପରିହାସ କରୁଥିଲେ । ଗତ ୪ ତାରିଖ ସକାଳ ୭ଟାରେ ଉକ୍ତ ନାବାଳିକା ଜଣକ ଘରପାଇଁ ସଉଦା ଆଣିବାକୁ ଦୋକାନକୁ ଆସୁଥିଲେ । ଆସାମୀ ନାରାୟଣ ନାବଳିକାଙ୍କ ପାଟିକୁ ଚାପିଧରି ଘରକୁ ଉଠାଇ ନେଇଥିଲା । ଏହାପରେ ନାରାୟଣ ଏହି ନାବାଳିକା ସହିତ ଦୁଷ୍କର୍ମ କରିଥିଲା । ଏହି ଘଟଣା ଜଣାପଡିବାପରେ ପିଡିତା ଜଣକ କାନ୍ଦି କାନ୍ଦି ନିଜ ଜେଜେମା ଆଗରେ ସବୁକଥା କହିଥିଲେ । ପିଡିତାଙ୍କ ଜେଜେମା ରାଜକନିକା ଥାନାରେ ଗତ ୪ତାରିଖରେ ଅଭିଯୋଗ କରିବା ପରେ ପୁଲିସ ଦଫା ୩୭୬, ଏ, ବି, ଆଇପିସି ୩ ଏସ୍‌ସି ଏସ୍‌ଟି ଆକ୍ଟ ଓ ୬ ପୋକସୋ ଆକ୍ଟରେ ମାମଲା ନଂ ୧୪୭/୨୦ ରୁଜୁକରିବା ସହିତ ଆସାମୀ ନାରାୟଣ ବାରିକଙ୍କୁ ଗିରଫ କରିଥିଲେ ।

# ସ୍ୱାଧୀନତାର ୭୦ବର୍ଷ ପରେ କାଠପୋଲ ଭରସା

ପୁରୀ, ୦୭/୭ (ନି.ପ୍ର): ସ୍ୱାଧୀନତାର ୭୦ବର୍ଷ ପରେ ଏବେବି ବ୍ରହ୍ମଗିରି ଅଂଚଳ ପ୍ରଗତିର ପସାପାଲିରେ ଛନ୍ଦିହୋଇ ରହିଛି । ବିଗତ ୧୦ବର୍ଷ ଧରି ନେତାମାନେ ବ୍ରହ୍ମଗିରି ପ୍ରଗତି କରୁଛି ଡିଣ୍ଡିମ ପିଟୁଥିବା ବେଳେ ପ୍ରଗତିର ମୁକଶାଖୀ ପାଲଟିଛି ବିନ୍ଧେଇବସ୍ତ କାଠପୋଲ । ବିଗତ ୨୫ବର୍ଷ ଶାସନ କାଳରେ ବ୍ରହ୍ମଗିରିର ଏହି କାଠପୋଲଟି ସ୍ଥାୟୀପୋଲ ହୋଇପାରିନାହିଁ । ନେତା ପରେ ନେତା ବଦଳୁଛନ୍ତି । କିନ୍ତୁ କପିଳେଶ୍ୱରପୁର ଗ୍ରାମପଂଚାୟତର ବାଲିଘାଟ ବିନ୍ଧେଇବସ୍ତ ଭାର୍ଗବୀ ନଦୀ ଉପରେ ଏହି କାଠପୋଲର ଭାଗ୍ୟ ବଦଳୁନାହିଁ । ଏ ସଂପର୍କରେ ଯୁବନେତା ଜୟୀରାମ ପଟ୍ଟନାୟକ କୁହନ୍ତି ବ୍ରହ୍ମଗିରିକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ହେଉଥିବା ବେଳେ ସେଠାରୁ ଜିତିଥିବା ବିଧାୟକ ମନ୍ତ୍ରୀ ପଦ ପାଇଥିଲେ । କିନ୍ତୁ ସେମାନଙ୍କ ଶାସନ କାଳରେ ଏହି କାଠପୋଲକୁ ନିର୍ଭର କରି ୨୨ଖଣ୍ଡ ଗ୍ରାମର ଲୋକମାନେ ଯିବାଆସିବା କରୁଛନ୍ତି । ଏଥିପ୍ରତି କାହାର ଦୃଷ୍ଟି ପଡିନାହିଁ । ପ୍ରତିମାସରେ ପଂଚାୟତକୁ ଭତା ନେବା ପାଇଁ ଏହି କାଠପୋଲରେ ବୟସ୍କ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମମାନେ ଆସିଥାନ୍ତି । ବିଗତ ୧୦ବର୍ଷ ଭିତରେ ଏହି କାଠପୋଲକୁ ବଡ ବ୍ରିଜ କରିବା ପାଇଁ ପ୍ରତିଶ୍ରୁତି ଦେଇ ଜଣେ ଟାଣୁଆ ଯୁବନେତା ଭୋଟ ନେଇ ପରେ ଦେଖାନଥିବାରୁ ଅଂଚଳବାସୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି । ଅନ୍ୟପକ୍ଷରେ ନେତା ଜଣକ ମନ୍ତ୍ରୀସ୍ତରୀୟ ପଦବୀ ପାଇ ନୂଆ ଗାଡିରେ ବୁଲୁଛନ୍ତି ବୋଲି ଅଂଚଳବାସୀ କହୁଛନ୍ତି । ଏହି ସମସ୍ୟାର ସ୍ଥାୟୀ ପ୍ରତିକାର କରାନଗଲେ ଅଂଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ନବରଙ୍ଗପୁରରେ ପୁଣି ୨୪ଜଣ କରୋନା ଆକ୍ରାନ୍ତ : ଜଣେ ରୋଗୀ ଡାକ୍ତରଖାନାର କାନ୍ଥ ଡେଇଁ ଚମ୍ପଟ

ନବରଙ୍ଗପୁର, ୦୭/୭ (ନି.ପ୍ର): ନବରଙ୍ଗପୁରଜିଲାରେ କରୋନା ଆକ୍ରାନ୍ତଙ୍କର ସଂଖ୍ୟା ବଢିବାରେ ଲାଗିଛି । ଜିଲାରେ ପୁଣି ସର୍ବାଧିକ ୨୪ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ଜିଲାପାଳ ଡଃ.ଅଜିତ କୁମାର ମିଶ୍ର ଭିଡିଓ ବାର୍ତା ମାଧ୍ୟମରେ ସୂଚନା ଦେଇଛନ୍ତି । ତେବେ ଆକ୍ରାନ୍ତମାନେ ଝରିଗାଁ ବ୍ଲକ ଅଂଚଳରେ ହୋଇଥିବାବେଳେ ସେମାନେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ରରେ ରହୁଥିଲେ । ଜିଲାରେ ମୋଟ ଆକ୍ରାନ୍ତଙ୍କର ସଂଖ୍ୟା ୭୯କୁ ବୃଦ୍ଧି ପାଇଛି । ସମସ୍ତ ଆକ୍ରାନ୍ତକାରୀଙ୍କୁ ନବରଙ୍ଗପୁର କୋଭିଡ ଡାକ୍ତର ଖାନାରେ ଭର୍ତି କରାଯାଇଛି । ତେବେ ଗତ ଦୁଇ ଦିନ ମଧ୍ୟରେ କୋଭିଡ ଡାକ୍ତରଖାନରେ ଚିକିତ୍ସିତ ହେଉଥିବା ୧୯ଜଣ ଆକାନ୍ତକାରୀ ସଂପୂର୍ଣ୍ଣ ସୁସ୍ଥ ହୋଇଥିବା ଜିଲାପାଳ ଡଃ.ମିଶ୍ର କହିଛନ୍ତି । ଅନ୍ୟପକ୍ଷରେ ଘଟଣାକ୍ରମେ ରବିବାର ଦିନ କୋଭିଡ ଡାକ୍ତରଖାନରେ ଚିକିତ୍ସିତ ହେଉଥିବା ଅନ୍ୟଜଣେ କରୋନା ରୋଗୀ ଡାକ୍ତରଖାନାର ପାଚେରୀ ଡେଇଁ ଚମ୍ପଟ ମାରି ଫେରାହୋଇଥିବା ଜଣାଯାଇଛି । ଏସଂପର୍କରେ ଡାକ୍ତରଖାନାର ଅଧିକ୍ଷକ ଡଃ.ସନ୍ତୋଷ କୁମାର ନାଗ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି । ପୁଲିସ ଛାନଭିନ କରିଥିବାବେଳେ ତାଙ୍କୁ ଧରିପାରିନାହାନ୍ତି । ରୋଗୀର ଘର ଉମରକୋଟ ଅଂଚଳରେ ବୋଲି ଜଣାପଡିଛି । ତେବେ ତାଙ୍କୁ ଖୁବଶୀଘ୍ର ଧରାଯିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଜିଲାପାଳ ଡଃ,ମିଶ୍ର କହିଛନ୍ତି ।

# ଶ୍ରାବଣମାସର ପ୍ରଥମ ସୋମବାର : ବିନା ଭକ୍ତରେ ସମ୍ପନ୍ନ ହେଲା ଆଖଣ୍ଡଳମଣିଙ୍କ ଜଳାଭିଷେକନୀତି

## ଶୁଭିଲାନି କାଉଡିଆ ଭକ୍ତଙ୍କ ବୋଲବୋମ-ହରହରବୋମ ଧ୍ୱନୀ

ଭଦ୍ରକ, ୭/୭ (ହି.ସ.) - ପୂର୍ଣ୍ଣିମା ତିଥି ଅନୁଯାୟୀ ପବିତ୍ର ଶ୍ରାବଣମାସର ପ୍ରଥମ ସୋମବାରରେ ସମ୍ପନ୍ନ ହୋଇଛି ଆରଡିପୀଠର ଆରାଧ ଦେବ ବାବା ଆଖଣ୍ଡଳମଣିଙ୍କର ଜଳାଭିଷେକ ନୀତିକାନ୍ତି । ଏହି ପବିତ୍ରମାସରେ ହଜାର-ହଜାର ଶ୍ରଦ୍ଧାଳୁ ଏକମାସ ବ୍ରତ ରଖିବା ସହ ନିଜକୁ କାଉଡିଆ ବେଶରେ ସଜ୍ଜିତ ହୋଇ ବିଭିନ୍ନ ନଦୀରୁ ଜଳଭାର ଉଠାଇବା ସହ ଖାଲିପାଦରେ ମାଇଲମାଇଲ ବାଟ ଚାଲି ଆସିଥାନ୍ତି ମହାଦେବଙ୍କୁ ଜଳଲାଗି କରିବା ପାଇଁ । ହେଲେ ଚଳିତବର୍ଷ ମହମାରୀ କରୋନା ପାଇଁ ଦୀର୍ଘ ୩ମାସରୁ ଉର୍ଦ୍ଧ ହେବ ସମସ୍ତ ଧାର୍ମିକ ଅନୁଷ୍ଠାନରେ ଶ୍ରଦ୍ଧାଳୁମାନଙ୍କର ଦର୍ଶନ, ପାର୍ଥନା ଓ ପୂଜାର୍ଚ୍ଚନା ଉପରେ କଟକଣା ଜାରି କରାଯାଇଥିବା ବେଳେ ଶ୍ରାବଣୀଯାତ୍ରାରେ କାଉଡିଆଙ୍କୁ ଜଳାଭିଷେକ ନକରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଷ୍ପତ୍ତି ନିଆଯିବା ସହ ସମସ୍ତ ଶୈବପୀଠରେ ୧୪୪ଧାରା ଜାରି କରାଯାଇଛି । ଯାହାର ପ୍ରଭାବରେ ପ୍ରସିଦ୍ଧ ଶୈବପୀଠ ଆରଡିଧାମର ଆଖଣ୍ଡଳମଣିଙ୍କ ମନ୍ଦିର ପରିସର ଭକ୍ତଶୂନ୍ୟ ହୋଇ ପଡିବା ସହ ପୂର୍ବଭଳି ଶ୍ରାବଣୀ ମେଳା ଭଳି ଶୁଭିଲାନି କାଉଡିଆ ଭକ୍ତଙ୍କର ବୋଲବୋମ, ହରହରବୋମ ଧ୍ୱନି । ଅନ୍ୟପଟେ ମନ୍ଦିରର ସେବାୟତମାନେ ମଣିବାବାଙ୍କର ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ କରିବା ସହ ଶ୍ରାବଣୀ ନୀତିକାନ୍ତି ନିମନ୍ତେ ଜଳାଭିଷେକ ଓ ଘର୍ଷଣଲାଗି କରିଥିଲେ । ଅପରାହ୍ନରେ ମଣିବାବାଙ୍କୁ ବଡସିଂହାର ବେଶରେ ସଜ୍ଜିତ କରାଯାଇ ସଂଧ୍ୟା ନୀତକାନ୍ତି କରାଯାଇଥିଲା । ପ୍ରଶାସନିକ କଟକଣା ଓ ପୀଠରେ ୧୪୪ଧାରା ଜାରି କରାଯାଇଥିବାରୁ ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକଙ୍କ ପକ୍ଷରୁ ପୀଠର ସମସ୍ତ ପ୍ରବେଶ ପଥରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ବୈତରଣୀନଦୀର ମୁଆଁ ଓ ତିନିତର ଘାଟ, ସାଳନ୍ଦୀନଦୀର ଧାନଖଣିଆ ଘାଟରେ ପୁଲିସ ମୃତ୍ୟୟନ କରାଯାଇଥିଲା । ସେହିପରି ପୀଠରେ ଯେପରି କୌଣସି ସ୍ଥାନରେ ବହୁ ଲୋକଙ୍କ ସମାଗମ ନହେବ ସେଥିପାଇଁ ଦିନତମାମ ପେଟ୍ରୋଲିଂ ବ୍ୟବସ୍ଥା କରାଯାଇଥିବା ଫାଣ୍ଡି ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# ଜବରଦସ୍ତ ରଣକିସ୍ତି ଆଦାୟର ପ୍ରତିବାଦ:
# ଜିଲ୍ଲାପାଳଙ୍କଠାରେ ନୀଳଗିରି ଏସଏଚଜି ମହିଳାଙ୍କ ଫେରାଦ

ବାଲେଶ୍ୱର,୭।୭ (ନି.ପ୍ର): ଲକ୍ ଡାଉନ୍ ପ୍ରଭାବରୁ ଜୀବିକା ହରାଇଥିବା ବର୍ଗର ଲୋକଙ୍କ ପ୍ରତି ସରକାର ସମ୍ବେଦନଶୀଳ ହୋଇଥିଲେ ବି ମାଇକ୍ରୋ ଫାଇନାନ୍ସ ସଂସ୍ଥାଙ୍କ ରଣକିସ୍ତି ଆଦାୟ ପ୍ରତି ଅଦ୍ୟାବଧି କୌଣସି ଅଂକୁଶ ଲାଗିପାରୁ ନାହିଁ। ମାଇକ୍ରୋ ଫାଇନାନ୍ସ ସଂସ୍ଥା ପ୍ରତିନିଧିଙ୍କ ରଣକିସ୍ତି ଆଦାୟରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ପ୍ରତି କରୁଥିବା ଜୁଲମ୍‌କୁ ନେଇ ପ୍ରତିଦିନ ଜିଲ୍ଲାପାଳଙ୍କଠରେ ଶହ ଶହ ମହିଳା ଫେରାଦ ହେଉଛନ୍ତି। ଏମିତିକି ଏହାକୁ ନେଇ କଂଗ୍ରେସ ପକ୍ଷରୁ କେତେକ ମାଇକ୍ରୋ ଫାଇନାନ୍ସ ସଂସ୍ଥା ଉପରେ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ଏହା ସତ୍ତ୍ୱେ ବାଲେଶ୍ୱର ଜିଲ୍ଲାରେ ଏକାଧିକ ମାଇକ୍ରୋ ଫାଇନାନ୍ସ ସଂସ୍ଥା ପକ୍ଷରୁ ଚାଲିଥିବା ରଣକିସ୍ତି ଆଦାୟ ଉପରେ ଅଙ୍କୁଶ ଲଗାଇବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ନୀଳଗିରି ଅଞ୍ଚଳରୁ ବିଭିନ୍ନ ଏସଏଚଜିର ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ସାକ୍ଷାତ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାଙ୍କ ଜୁଲମ ସମ୍ପର୍କରେ ଵଗତ କରିଥିଲେ। ନେଇଥିବା ରଣଅର୍ଥରେ ସେମାନେ ଛୋଟମୋଟ ବ୍ୟବସାୟ କରି ଗୁଜରାଣ ମେଣ୍ଟାଉଥିଲେ। ମାତ୍ର କରୋନା ଜନିତ ଲକ୍ ଡାଉନ୍ ଓ ସଟ୍ ଡାଉନ୍ ଯୋଗୁଁ ବ୍ୟବସାୟ ଦୀର୍ଘ ୪ ମାସଧରି ବନ୍ଦ ରହିବା ଫଳରେ ସେମାନେ ବ୍ୟାପକ କ୍ଷତି ସହିବା ସହିତ ରଣଅର୍ଥକୁ ବି ଖର୍ଚ୍ଚ କରିଦେଇଛନ୍ତି। ଅନ୍ୟପକ୍ଷରେ ବାହାରେ ରହି କାର୍ଯ୍ୟ କରୁଥିବା ସେମାନଙ୍କ ସ୍ୱାମୀ ଓ ପୁତ୍ରଙ୍କୁ ଆଣିବାରେ ସେମାନେ ବହୁ ଟଙ୍କା ଖର୍ଚ୍ଚ କରିଥିବା ମହିଳାମାନେ ପ୍ରକାଶ କରିଛନ୍ତି। ଋରଣ କିସ୍ତି ଆଦାୟ ନକରିବା ପାଇଁ ସରକାରଙ୍କ ପକ୍ଷରୁ ନର୍ଦ୍ଦେଶ ଥିଲେ ମଧ୍ୟ ସଂସ୍ଥାର ପ୍ରତିନିଧିମାନେ ଜୋର ଜବରଦସ୍ତ କିସ୍ତି ଆଦାୟ ସହ ସେମାନଙ୍କୁ ମାନସିକ ନିର୍ଯାତନା ଦେଇ ଚାଲିଛନ୍ତି। ଏ ବାବଦରେ ଉଚିତ ପଦକ୍ଷେପ ନେବା ସହ ସେମାନଙ୍କୁ ପୁନଃ ରଣ ପ୍ରଦାନ ପାଇଁ ମହିଳାମାନେ ଜିଲ୍ଲାପାଳଙ୍କଠାରେ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।

## ଅଶ୍ଳୀଳ ମେସେଜ ପଠାଇବା ଅଭିଯୋଗରେ ଆୟୁଷ ଅଧିକାରୀଙ୍କୁ ନୋଟିସ ଜାରି

ଭୁବନେଶ୍ୱର,୭।୭ (ନି.ପ୍ର): ଅଶ୍ଳୀଳ ମେସେଜ ପଠାଇବା ଅଭିଯୋଗରେ ଆୟୁଷର ଅଧିକାରୀ ବିଭୁ ପ୍ରସାଦ ଷଡ଼ଙ୍ଗୀଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଆଧାରରେ ମହିଳା ଥାନା ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କୁ ନୋଟିସ୍ ଜାରି କରାଯାଇଛି । ଏ ସମ୍ପର୍କରେ ନିଜର ପକ୍ଷ ଆଇ.ଓ ଙ୍କ ପାଖରେ ରଖିବା ପାଇଁ ନୋଟିସରେ କୁହାଯାଇଛି । ଅନ୍ୟପକ୍ଷରେ ଉକ୍ତ ଅଧିକାରୀ ଷଡ଼ଙ୍ଗୀଙ୍କ ମୋବାଇଲରୁ କୌଣସି କଲ୍ ଯାଇନାହିଁ କି ସେ ମେସେଜ କରିନାହାନ୍ତି ବୋଲି କହିଛନ୍ତି । ଏହା ଏକ ମିଥ୍ୟା ଅଭିଯୋଗ ବୋଲି ପାଲଟା ଅଭିଯୋଗ ଓ ପ୍ରତିଅଭିଯୋଗରେ କହିଛନ୍ତି । ଅପରପକ୍ଷରେ ଡିସିପି ଅନୁପ ସାହୁ କହିଛନ୍ତି ଯେ, ଅଭିଯୋଗକାରିଣୀ ଅସ୍ଥାୟୀ କର୍ମଚାରୀ ମହିଳାଙ୍କ ଅଭିଯୋଗ ଏବଂ ଶ୍ରୀ ଷଡ଼ଙ୍ଗୀଙ୍ଗ ପ୍ରତିଅଭିଯୋଗ ଉପରେ ସତ୍ୟତା ଜାଣିବା ପାଇଁ ଭଏସକଲ୍ ଓ ମେସେଜ୍ ଉପରେ ତଦନ୍ତ କରାଯିବ । ତା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ସରକାରୀ ନିୟମକୁ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବଜ୍ଞା

## ଓଡ଼ିଶା ଅଭିଭାବକ ମହାସଂଘର କାର୍ଯ୍ୟାନୁଷ୍ଠାନ ଦାବି



ବାଲେଶ୍ୱର,୭।୭ (ନି.ପ୍ର): ନାମଲେଖା କ୍ଷେତ୍ରରେ ଶିକ୍ଷା ଅଧିକାର ନିୟମ ଉଲ୍ଲଂଘନ କରୁଥିବା ଘରୋଇ ଇଂଲିସ ମିଡିୟମ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ଓଡ଼ିଶା ଅଭିଭାବକ ସଂଘର ବାଲେଶ୍ୱର ଶାଖା। ଶିକ୍ଷାଧିକାର ଆଇନ୍ ଅନୁସାରେ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ୨୫ ପ୍ରତିଶତ ସିଟ୍ ସଂରକ୍ଷଣ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଘୋଷିତ ନିର୍ଦ୍ଦେଶନାମାକୁ ଏହି ବିଦ୍ୟାଳୟଗୁଡ଼ିକ ଅବଜ୍ଞା କରିଚାଲିଥିବା ମହାସଂଘର କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି। ସରକାରଙ୍କ ସ୍ୱତନ୍ତ୍ର ନିୟମକୁ କାର୍ଯ୍ୟକାରୀ କରିବା ପାଇଁ ୨୦୧୯ ମସିଆ ଅକ୍ଟୋବର ୨ ତାରିଖ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହା ସତ୍ତ୍ୱେ ବାଲେଶ୍ୱର ସମେତ ରାଜ୍ୟର ବହୁ ଗରିବ ଛାତ୍ରଛାତ୍ରୀ ଘରୋଇ ଇଂଲିସ ମିଡିୟମ ସ୍କୁଲରେ ନାମ ଲେଖାଇବାରୁ ବଞ୍ଚିତ ହେଉଛନ୍ତି। ସବୁ ଜାଣି ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ ଏ କ୍ଷେତ୍ରରେ ହସ୍ତକ୍ଷେପ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଅଭିଭାବକ ମହାସଂଘର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଗଠନ ପକ୍ଷରୁ ନିବେଦନ କାଯାଇଛି। ଏହି ପରିପ୍ରେକ୍ଷୀରେ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ମହାସଂଘର ଆବାହକ ଆଶିଷ କୁମାର ଘୋଷଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

# ଲକ୍‌ଡ଼ାଉନ୍ ସମୟରେ ପୂର୍ବ ତଟ ରେଳପଥର ଉନ୍ନତିକରଣ କାର୍ଯ୍ୟ

ଭୁବନେଶ୍ୱର,୭।୭ (ନି.ପ୍ର): ଲକ୍‌ଡ଼ାଉନ୍ ସମୟରେ ଶ୍ରମିକ ସ୍ପେଶାଲ ଟ୍ରେନ୍ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଟ୍ରେନ୍ ବ୍ୟତୀତ ନିୟମିତ ଯାତ୍ରୀ ଟ୍ରେନ୍ ଗୁଡ଼ିକର ଚଳାଚଳକୁ ବନ୍ଦ ରଖାଯାଇଥିଲା। ଏହି ସମୟକୁ ରେଳପଥର ଭିତିଭୂମିର ଉନ୍ନତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟଗୁଡ଼ିକୁ ସମ୍ପାଦିତ କରିଥିଲା। ଏହି ସମୟାବଧି ମଧ୍ୟରେ ବିକଳ୍ପ ମାର୍ଗର ବ୍ୟବସ୍ଥା ସହିତ ତିନୋଟି ପ୍ରହରୀଯୁକ୍ତ ରେଳ ଫାଟକକୁ ବନ୍ଦ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନରେ ୧୮ ଟି ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ମାନଙ୍କର ନିର୍ମାଣ ସମ୍ପୂର୍ଣ୍ଣ କରାଯାଇଥିଲା। ଭଦ୍ରକ-ଖୋର୍ଦ୍ଧା ରୋଡ଼ ରେଲ୍‌ୱେ ସେକ୍ସନରେ ରୋଡ଼୍ ଓଭର୍ ବ୍ରିଜ୍‌ରେ ୩୬ ମିଟର ଲମ୍ବାର ୫ ଟି ଗାର୍ଡ଼ର ସ୍ଥାପନା କରାଯାଇଥିଲା। ଏହା ବ୍ୟତୀତ ୧୬୭ କି.ମି. ରେଳ, ୭.୫ କି.ମି. ସ୍ଲିପର୍, ୩୫୬ ସଂଖ୍ୟକ ଗ୍ଲୁଡ଼୍ ଜଏଂଟ୍‌ର ନବୀକରଣ, ୪୯ ଟି ପୋଲର ପୁନଃନିର୍ମାଣ ଓ ୨୫୫୭ ଟି ୱାଗନ୍‌ର ମରାମତି କାର୍ଯ୍ୟ କରାଯାଇଛି। ଶାଳଗାଁ - ରାଜଆଠଗଡ଼ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ୍ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଚାରବାଟିଆ ଏବଂ ଗୁରୁଡ଼ିଝାଟିଆ ଷ୍ଟେସନ ଠାରେ, ଭଦ୍ରକ - ନିର୍ଗୁଣ୍ଡି ତୃତୀୟ ଲାଇନ୍ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ କପିଳାସ ରୋଡ଼ ଠାରେ, ଏବଂ ସମ୍ବଲପୁର - ତାଳଚେର ଦୋହରୀକରଣ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ତାଳଚେର ରୋଡ଼୍ ଷ୍ଟେସନ ଠାରେ ଫୁଟ୍ ଓଭର ବ୍ରିଜ୍ ଗାର୍ଡ଼ର ଗୁଡ଼ିକର ସ୍ଥାପନା କରାଯାଇଛି। ୬୫୭ ଟି ବଡ଼ ଓଭର୍ ହେଡ୍ ଉପକରଣ (ଓଏଚ୍‌ଇ) ଅନୁସୂଚିତ କାର୍ଯ୍ୟ ଓ ୨୯୮ ଟି ସ୍ଥାନରେ ଟ୍ରାକ୍ ସର୍କିଟ୍ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ମିଶାଇ କୋଟାଭାଲସା - କୋରାପୁଟ୍ - କିରଣ୍ଡୁଲ (କେକେ) ଲାଇନ୍‌ରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ନନ୍-ଇଂଟରଲକିଂ ସମ୍ବନ୍ଧୀୟ କାର୍ଯ୍ୟ ଗୁଡ଼ିକର ପ୍ରସ୍ତୁତି କାମ ସମ୍ପୂର୍ଣ୍ଣ ହୋଇଛି। କେକେ ଲାଇନ୍‌ରେ ଦୋହରୀକରଣ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ୩୨୫୦୦ ଘନ ମିଟରର ପଥର ବ୍ଲାଷ୍ଟିଙ୍ଗ୍ କାର୍ଯ୍ୟ ହୋଇଯାଇଛି। ଏହି ସବୁ ବାକିଥିବା କାର୍ଯ୍ୟର ସମ୍ପାଦନ ଅଧିକ ନିରାପତା ସହିତ ଟ୍ରେନ୍ ଯାତାୟାତ ବୃଦ୍ଧି କରିବା ପାଇଁ ସହାୟକ ହେବ। ଅନ୍ୟ ସମୟ ହୋଇଥିଲେ ଏହିପରି କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ନିମନ୍ତେ ରେଳ ଯାତାୟାତକୁ ଅନେକ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ପଡ଼ିଥାଆନ୍ତା। ଏହି ଲକ୍‌ଡ଼ାଉନ୍ ସମୟାବଧିରେ ଯାତ୍ରୀ ସୁବିଧା କ୍ଷେତ୍ରରେ ମଧ୍ୟ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଗୁଡ଼ିକର ସମ୍ପାଦନ କରାଯାଇପାରିଛି। ୬ ଟି ଷ୍ଟେସନରେ ଫୁଟ୍ ଓଭର ବ୍ରିଜ୍, ୪ଟି ଷ୍ଟେସନରେ ଲିଫ୍ଟ, ୮ ଟି ଷ୍ଟେସନରେ ଦିବ୍ୟାଙ୍ଗଜନଙ୍କ ନିମନ୍ତେ ଶୌଚାଳୟ, ୮ ଟି ଷ୍ଟେସନରେ ପ୍ଲାଟ୍‌ଫର୍ମ ଉଚ୍ଚା କରିବା କାର୍ଯ୍ୟ, ୬ଟି ଷ୍ଟେସନରେ ଅତିରିକ୍ତ ପ୍ଲାଟ୍‌ଫର୍ମ ସେଡ୍‌ର ବ୍ୟବସ୍ଥା ସହିତ ବିଭିନ୍ନ ଷ୍ଟେସନରେ ୫୩୪ ଟି ଷ୍ଟେନ୍‌ଲେସ୍ ଷ୍ଟିଲ୍ ବେଞ୍ଚର ବ୍ୟବସ୍ଥା ଏବଂ ୨ ଟି ଷ୍ଟେସନକୁ ଉନ୍ନତ କରାଯାଇ ଆଦର୍ଶ ଷ୍ଟେସନ ରୂପେ ପରିଣତ କରାଯାଇପାରିଛି। ଏହି ସମୟ ମଧ୍ୟରେ ୧୦ ଟି ଷ୍ଟେସନରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଷ୍ଟେସନ ପରିକ୍ଷେତ୍ର ଓ ପ୍ରତିକ୍ଷା ହଲ୍ ଗୁଡ଼ିକର ଉନ୍ନତିକରଣ କରାଯାଇପାରିଛି। ଏହା ବ୍ୟତୀତ ବିଦ୍ୟୁତ୍, ଯାନ୍ତ୍ରୀକ, ସଙ୍କେତ ଓ ଦୂରସଂଚାର ସମ୍ବନ୍ଧୀୟ ଆହୁରି ଅନେକ ନିରାପତା ଓ ରକ୍ଷଣାବେକ୍ଷଣ କାର୍ଯ୍ୟମାନ ହାତକୁ ନିଆଯାଇଥିଲା। ରେଳ ଯାତ୍ରା ଆସନ୍ତା ଦିନ ମାନଙ୍କରେ ଅଧିକ ନିରାପତ୍ତାଜନକ ଓ ଆରମ ଦାୟକ ହୋଇପାରିବ ଏବଂ ପୂର୍ବ ତଟ ରେଳପଥ ଏହାର ଗ୍ରାହକ ଓ ଯାତ୍ରୀମାନଙ୍କର ସର୍ବାଧିକ ସନ୍ତୁଷ୍ଟି ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନେଉଅଛି।

# ନୀଳଗିରିରେ କରୋନା ମୁକାବିଲା ପାଇଁ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ

ନୀଳଗିରି,୭।୭ (ନି.ପ୍ର): ପୂର୍ବାହ୍ନରେ ନୀଳଗିରି ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ସିଡିଏମଓ ଡ.ଦୁଲାଲସେନ ଜଗଦେବ, ଡିପିଏମ, ଅନୀଲ କୁମାର ମହାନ୍ତି, ଡିପିଓ, ଅରୁପ କୁମାର ଦାସ,କରୋନା କଂଟ୍ୟଲ ରୁମ ଇନଚାର୍ଜ ବ୍ରଜେଶ୍ୱର ନନ୍ଦ ପିଏଚଇଓ ଦେବବ୍ରତ ମାଉରୀ, ଏସଡିଏମଓ ଡ.ଅଜୟକୃଷ୍ଣ ସାମଲ,କରୋନା ପରିସ୍ଥିତିକୁ କିପରି ମୁକାବିଲା କରାଯିବା ସେନେଇ ବୈଠକରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା। ସିଦ୍ଧାନ୍ତ ଅନୁଯାୟୀ ବିଜେପି କାର୍ଯ୍ୟାଳୟ ଓ ସଜନାଗଡ ଅଂଚଳରେ ବିଧାୟକଙ୍କ ଓ ପ୍ରବାସୀ ଓଡିଆଙ୍କ ସର୍ମ୍ପଶରେ ଆସିଥିବା ଲୋକମାନଙ୍କର ସ୍ୱାବ ନିଆଯାଇ ପରୀକ୍ଷା କରାଯିବା ସହିତ ଉକ୍ତ ଅଂଚଳ ଗୁଡିକୁ ସାନିଟାଇଜେସନ କରାଯିବ। ସୂଚନା ଥାଉକି ବିଧାୟକଙ୍କ ବ୍ୟତିତ ଯେଉଁ ମାନଙ୍କର ପଜେଟିଭ ବାହାରିଛି ସେମାନେ ସମସ୍ତେ କ୍ୱାରେନଟାଇନ ସେଂଟର ଓ ହୋମକ୍ୱାରେନଟାଇନ ସେଂଟରରେ ଥିଲେ। ଏଥିରେ କିଛି ଭୟଭୀତ ହେବା ଆବଶ୍ୟକ ନାହିଁ ବୋଲି ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ସ୍ୱାବ ରିପୋର୍ଟ ଆସିବା ପରେ ପରବର୍ତ୍ତି କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ସୁସ୍ଥ ହେଲେ ୨୧୭ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୭।୭ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ଦିନ ୨୧୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ଏଯାବତ ରାଜ୍ୟରେ ୬୭୦୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇସାରିଲେଣି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହି ସୂଚନା ଦେଇଛି। ମଙ୍ଗଳବାର ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୯୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହିତ ଖୋର୍ଦ୍ଧାରୁ ୧୮ଜଣ, ବାଲେଶ୍ୱରରୁ ୧୬ଜଣ, ମୟୁରଭଞ୍ଜରୁ ୧୫ଜଣ, ବରଗଡ଼ରୁ ୧୩ଜଣ, କେନ୍ଦୁଝରରୁ ୧୨ଜଣ, ଝାରସୁଗୁଡ଼ାରୁ ୮ଜଣ, ମାଲାକାନଗିରିରୁ ୭ଜଣ, ଯାଜପୁରରୁ ୬ଜଣ ଲେଖାଏଁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହା ବ୍ୟତୀତ ଅନୁଗୁଳ ଓ କଟକ ଜିଲ୍ଲାରୁ ୫ଜଣ ଲେଖାଏଁ, ଢ଼େଙ୍କାନାଳ ଓ ପୁରୀ ଜିଲ୍ଲାରୁ ୪ଜଣ, ଜଗତସିଂହପୁର ଜିଲ୍ଲାରୁ ୩ଜଣ, କେନ୍ଦ୍ରାପଡ଼ା ଓ ସୋନପୁର ଜିଲ୍ଲାରୁ ୨ଜଣ ଓ ବଲାଙ୍ଗୀର ଜିଲ୍ଲାରୁ ଜଣେ ଲେଖାଏଁ ସୁସ୍ଥ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି।

# କୋଭିଡ-୧୯ ପରିପ୍ରେକ୍ଷୀରେ ୟୁଜିସି ପକ୍ଷରୁ ଜାରି କରାଗଲା ସଂଶୋଧିତ ପରୀକ୍ଷା ଓ ଏକାଡେମିକ କ୍ୟାଲେଣ୍ଡରର ନିର୍ଦ୍ଦେଶାବଳୀ

ନୂଆଦିଲ୍ଲୀ, ୦୭ ଜୁଲାଇ (ହି.ସ.) କୋଭିଡ-୧୯ ମହାମାରୀ ପରିପ୍ରେକ୍ଷୀରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ରମେଶ ପୋଖରିୟାଲ ନିଶଙ୍କ ବିଭିନ୍ନ ପରୀକ୍ଷା ଓ ଏକାଡେମିକ କ୍ୟାଲେଣ୍ଡର ସଂକ୍ରାନ୍ତ ବିଶ୍ୱବିଦ୍ୟାଳୟ ମଞ୍ଜୁରି ଆୟୋଗ (ୟୁଜିସି)ର ସଂଶୋଧିତ ନିର୍ଦ୍ଦେଶାବଳୀକୁ ଗତକାଲି ନୂଆଦିଲ୍ଲୀଠାରେ ଭର୍ଚୁଆଲ ବ୍ୟବସ୍ଥାରେ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ, ନିରାପତା ଓ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ନୀତିରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଏହି ସମୟରେ ପିଲାଙ୍କ ପାଠପଢା ଓ ପରୀକ୍ଷାର ମଧ୍ୟ ବିଶେଷ ଗୁରୁତ୍ୱ ରହିଛି । ପାଠପଢାର ସୁବିଧା ଦେଇ ସେମାନଙ୍କ ଭବିଷ୍ୟତକୁ ସୁନିଶ୍ଚିତ କରିବା ଏକ ବଡ ଦାୟିତ୍ୱ । କରୋନା ମହାମାରୀ କାଳରେ ଶିକ୍ଷାଦାନ, ଅଧ୍ୟୟନ, ପରୀକ୍ଷା, ଏକାଡେମିକ କ୍ୟାଲେଣ୍ଡର ପ୍ରସ୍ତୁତି ଆଦି ସହଜ କାମ ନୁହେଁ । ଏହା ସତ୍ୱେ ୟୁଜିସି ବିଭିନ୍ନ ସମୟରେ ଏସବୁ ବିଷୟରେ ନାନାବିଧ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରୁଥିବାରୁ ସେ ଏହି ସଂସ୍ଥାକୁ ପ୍ରଶଂସା କରିଛନ୍ତି । ପରୀକ୍ଷା ଏବଂ ଏକାଡେମିକ କ୍ୟାଲେଣ୍ଡର ସଂପର୍କରେ ଅନୁଧ୍ୟାନ କରି ଆବଶ୍ୟକ ସୁପାରିସ କରିବାକୁ ୨୦୨୦ ଏପ୍ରିଲରେ ୟୁଜିସି ଏକ ବିଶେଷଜ୍ଞ କମିଟି ଗଠନ କରିଥିଲା । ସେହି କମିଟିର ସୁପାରିସ ଅନୁସାରେ ୟୁଜିସି ପରୀକ୍ଷା ଓ ଏକାଡେମିକ କ୍ୟାଲେଣ୍ଡର ସଂପର୍କରେ ଏକ ନିର୍ଦ୍ଦେଶାବଳୀ ଏପ୍ରିଲ ୨୯ରେ ଜାରି କରିଥିଲା । ତେବେ ପରବର୍ତ୍ତୀ ସମୟରେ କରୋନ ସଂକ୍ରମଣ ବଢିବାରୁ ୟୁଜିସି ପୁନର୍ବାର ଏହି କମିଟିକୁ ଏ ସଂକ୍ରାନ୍ତରେ ଏକ ନୂଆ ସୁପାରିସ କରିବାକୁ ଅନୁରୋଧ କରିଥିଲା । ଏଥିରେ ପରୀକ୍ଷା ପରିଚାଳନା, ପାଠପଢା, ନାମଲେଖା ଆଦି ସଂପର୍କରେ ଆବଶ୍ୟକ ପ୍ରସ୍ତାବ ଦେବାକୁ କୁହାଯାଇଥିଲା । ଏହି କମିଟି ଏହାର ରିପୋର୍ଟ ଦେବାପରେ ୟୁଜିସିର ଏକ ଜରୁରୀ ବୈଠକ ଗତକାଲି ଅନୁଷ୍ଠିତ ହୋଇ ତାହାକୁ ଅନୁମୋଦନ କରିଥିଲା । ଏହାପରେ ୟୁଜିସି ପକ୍ଷରୁ ଏହି ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି ।ନିର୍ଦ୍ଦେଶାବଳୀର ମୁଖ୍ୟାଂଶ: କରୋନା ମହାମାରୀ ସମୟରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ନିରାପତାକୁ ଗୁରୁତ୍ୱ ଦେବାସହ ସମସ୍ତଙ୍କୁ ସମ୍ମାନ ଓ ନ୍ୟାୟୋଚିତ ସୁବିଧା ସୁଯୋଗ ଯୋଗାଣ ଆବଶ୍ୟକତା ରହିଛି । ସେ ଦୃଷ୍ଟିରୁ ଶିକ୍ଷାନୁଷ୍ଠାନଗୁଡିକର ପାଠପଢା, ପରୀକ୍ଷା, ଶୈକ୍ଷିକ କ୍ୟାଲେଣ୍ଡର ଏବଂ ଅନ୍ୟାନ୍ୟ ବିଷୟର ସଂଶୋଧନ ଜରୁରି ହୋଇଛି । ଆହୁରି ମଧ୍ୟ ଶିକ୍ଷାଦାନ, ପରୀକ୍ଷା ପରିଚାଳନା ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ସୁରକ୍ଷା ଦୃଷ୍ଟିରୁ କିଛି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ସେ ଦୃଷ୍ଟିରୁ ମହାମାରୀ ସମୟରେ ଶୈକ୍ଷିକ ବ୍ୟବସ୍ଥାରେ କେତେକ ସଂଶୋଧନ ଓ ପରିବର୍ତ୍ତନ ଜରୁରୀ ହୋଇଛି ।ଟର୍ମିନାଲ ସିମେଷ୍ଟର/ ଶେଷବର୍ଷର ପରୀକ୍ଷା ସଂପୃକ୍ତ ବିଶ୍ୱବିଦ୍ୟାଳୟ କିମ୍ବା ଶିକ୍ଷାନୁଷ୍ଠାନ ଦ୍ୱାରା ୨୦୨୦ ସେପ୍ଟମ୍ବର ଶେଷସୁଦ୍ଧା ସଂପନ୍ନ ହେବ । ଏହି ପରୀକ୍ଷା ଉଭୟ ଅଫ ଲାଇନ (ଖାତା କଲମ)/ଅନ୍ ?ଲାଇନ/ ଉଭୟ ମିଶ୍ରିତ ବା ଅନ୍ ?ଲାଇନ + ଅଫ୍ ?ଲାଇନରେ କରାଯିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମୋ ସରକାରରେ ସାମିଲ...

ରୋଗୀମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରିବା ସମ୍ପର୍କରେ ଅଧିକ ବିଚାର ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ରାଜ୍ୟର ସମସ୍ତ ଚିକିତ୍ସାଳୟରେ ଆଂଟିଜେନ୍ ଟେଷ୍ଟ ପରେ ହିଁ ଜରୁରୀଶଲ୍ୟ ଚିକିତ୍ସା କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା। ଆଲୋଚନାରୁ ଜଣାଯାଇଛି ଯେ ରାଜ୍ୟର ପ୍ରତିପଂଚାୟତରେ ଗ୍ରାମକଲ୍ୟାଣ ସମିତି ସ୍ତରରେ ୪୭୬୧୩ ଟି କୋଭିଡ୍ କେୟାର କମିଟି ଗଠନ କରାଯାଇଥିବା ବେଳେ ଏହାର ସଦସ୍ୟ ମାନଙ୍କ ତାଲିମ ମଧ ଶେଷ କରାଯାଇଛି। ସେହିପରି ଗ୍ରାମପଂଚାୟତ ଗୁଡିକରେ ୪୯୨୧୮ ଶଯ୍ୟା ବିଶିଷ୍ଟ ୫୪୮୦ କୋଭିଡ୍ ଗୃହ ସ୍ଥାପନ କରାଯାଇଛି।ଏହା ସହିତ ୩୭୯୯୮ ଶଯ୍ୟା ବିଶିଷ୍ଟ ୧୧୦୫ ଟି ସିଏସି କ୍ଲଷ୍ଟର ମଧ କାର୍ଯ୍ୟ କରୁଛି । ୧୧୪ ଟି ପୌରାଂଚଳରେ ୨୦୩୫ ଟି କୋଭିଡ୍ କେୟାର କମିଟି ଗଠନ କରାଯାଇଥିବା ବେଳେ ୫୯୫୬ ଶଯ୍ୟା ବିଶିଷ୍ଟ କୋଭିଡ୍ ଗୃହ ମଧ ସ୍ଥାପନ କରାଯାଇଛି । ଏହା ସହିତ ୫୮୯୮୮ ଶଯ୍ୟା ବିଶିଷ୍ଟ ୮୧୮ଟି ଟିଏମସି କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ରାଜ୍ୟରେ କୋଭିଡ୍ ପରୀକ୍ଷଣ ୩ ଲକ୍ଷରେ ପହଂଚିଥିବା ବେଳେକେବଳ ଆରଏମଆରସି ଦ୍ୱାରା ଏକ ଲକ୍ଷ ଟେଷ୍ଟ କରାଯାଇଛି। ମାର୍ଚ୍ଚ ମାସରେ ରାଜ୍ୟରେ କେବଳ ଆରଏମଆରସିରେ ପରୀକ୍ଷା କରାଯାଉଥିବା ବେଳେ ବର୍ତମାନ ୧୯ ଟି ଲାବୋରେଟୋରୀରେ ପରୀକ୍ଷା କରାଯାଉଛି । ଆଗାମୀ ଦିନରେ ପୁରୀ, ଅନୁଗୁଳ, ଯାଜପୁର, ଝାରସୁଗୁଡା, କଳାହାଣ୍ଡି ଓ କେନ୍ଦୁଝରଠାରେ ମଧ ପରୀକ୍ଷାର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯଇଥିଲା । ପୁରୀ, ଭୁବନେଶ୍ୱର ଓ ଗଞ୍ଜାମରେ ସେରୋଲୋଜିକାଲ ଟେଷ୍ଟ ଚାଲିଛି ଏବଂ ଗଞ୍ଜାମକୁ ଆଂଟିଜେନ ଟେଷ୍ଟ ପାଇଁ ଅଧିକ କିଟ୍ ପଠାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ପୋଲିସ ମହାନିର୍ଦ୍ଦେଶକ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ପ୍ରମୁଖ ଯୋଗ ଦେଇଥିଲେ।

### ପୁଣି ଜଣେ ମାଓବାଦୀ...

କାର୍ଯ୍ୟାଳୟରେ ପହଂଚିବା ପରେ ସେଠାରେ ଏସପି ପ୍ରତିକ୍ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ରବିବାର ତୁମୁଡିବନ୍ଧ ଥାନା ସିର୍ଲା ପଂଚାୟତ ଅନ୍ତର୍ଗତ ସିରିକୁଟି ଜଙ୍ଗଲରେ ପୁଲିସର ଏସଓଜି ଓ ଡିବିଏଫର ମିଳିତ ଟିମ୍ ସହ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ୪ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ । ପରେ ପୁଣି ଏକତ୍ରିତ ହୋଇ ପୁଲିସ ଉପରେ ପ୍ରତିଶୋଧ ନେବା ପାଇଁ ଯୋଜନା କରିବା ସହ ପାଖ ଆଖ ଗ୍ରାମବାସୀଙ୍କୁ କିଏ ପୁଲିସକୁ ସେମାନଙ୍କ ବିଷୟରେ ଖବର ଦେଇଛି ତାହା ଛାନ୍‌ଭିନ କରିବା ସହ ଧମକ ଚମକ ଦେଉଥିଲେ । ଏହି ସୂଚନା ପାଇବା ପରେ ପୁଲିସ୍ ସତର୍କ ହୋଇ ଯାଇଯିବା ସହ କୁମ୍ବିଂ ଅପରେସନକୁ ପୁଣି ଜୋରଦାର କରିଥିଲା । ରବିବାର ଗୁଳି ବିନିମୟ ହୋଇଥିବା ଘଟଣାସ୍ଥଳ ଠାରୁ ପ୍ରାୟ ୪-୫ କିମି ଦୁର ଜଙ୍ଗଲରେ ପ୍ରାୟ ୧୫ରୁ ଅଧିକ ମାଓବାଦୀ ମାଓବାଦୀ ହଠାତ୍ ଏସଓଜି ଟିମ୍ ଉପରକୁ ଆଖିବୁଜା ଗୁଳି ଚାଳନା କରିଥିଲେ । ପୂର୍ବରୁ ପ୍ରସ୍ତୁତ ଥିବା ଏସଓଜି ଜବାନ ମାନେ ତୁରନ୍ତ ପୋଜିସନ ନେଇ ପାଲଟା ଗୁଳି ଚାଳନା କରିଥିଲେ । କିଛି ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ ପୁଣି ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ । ପୁଲିସ୍ ସତର୍କତାର ସହ ଅଗ୍ରସର ହୋଇ କିଛି ବାଟ ଯିବା ପରେ ଜଣେ ମାଓବାଦୀଙ୍କ ମୃତ ଶରୀର ପାଇଥିଲା । ତାହା ନିକଟରୁ ଦୁଇଟି ଦେଶି ବନ୍ଧୁକ ସହ ଏକ କିଟ୍ ପାଇଛି । ପୁଲିସ୍ ଗୁଳିରେ ଅନେକ ମାଓବାଦୀ ଗୁରୁତର ଆହାତ ହୋଇଥିବା ଜଣା ପଡିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଜଙ୍ଗଲ ଓ ପାଖ ଆଖ ଗ୍ରାମରେ ସର୍ଚ ଅପରେସନ ଜାରି ରହିଥିବା ଏସପି ଶ୍ରୀ ସିଂ କହିଛନ୍ତି । ନିହତ ମାଓବାଦୀଙ୍କ ପରିଚୟ ମିଳି ନାହିଁ । ଅନ୍ୟ ପକ୍ଷରେ ରବିବାର ନିହତ ୪ ମାଓବାଦୀଙ୍କ ମଧ୍ୟରୁ ୩ ଜଣଙ୍କର ପରିଚିୟ ମିଳିଥିବା ଏସପି ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରେ ବିଜିଏନ ଡିଭିଜନର ରାଜ୍ୟ ସଦସ୍ୟ ଶୁକ୍ରୁ ଓରଫ କୋସା ସୋଡି ରହିଛି ଯାହାକୁ ଧରିବା ପାଇଁ ସରକାର ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶୀ ଘୋଷଣା କରିଥିଲେ । ଶୁକ୍ରୁର ଘର ମାଲକାନଗିରି ଅଂଚଳରେ । ସେହିପରି ଅନ୍ୟ ଚିହ୍ନଟ ଦୁଇ ଜଣ ହେଲେ ଛତିଶଗଡ ଅଂଚଳର ରିନା ଓ ଇଡେଶ । ଏମାନେ ସଂଗଠନର ଆଂଚଳିକ ସଦସ୍ୟ ରହିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ସରକାର ୪ ଲକ୍ଷ ଟଙ୍କାର ପୁରସ୍କାର ରାଶୀ ଘୋଷଣା କରିଥିଲେ । ଅନ୍ୟ ଜଣେ ନିହତ ମହିଳା ମାଓବାଦୀଙ୍କର ପରିଚୟ ବର୍ତମାନ ସୁଦ୍ଧା ମିଳି ନଥିବା ଏସପି କହିଛନ୍ତି । ତେବେ ସେମାନଙ୍କର ମୃତ ଦେହକୁ ତାଙ୍କ ପରିବାର ଲୋକେ ଆସିଲେ ତାଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ଏସପି ଶ୍ରୀ ସିଂ । ନିୟମ ଅନୁସାରେ ଘଟନାର ୭୨ ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ଅଶପେକ୍ଷା କରାଯିବ ଏପରିକି ଆଉ ଅଧିକ ଗୋଟିଏ ଦିନ ମଧ୍ୟ ସେମାନଙ୍କ ପରିବାର ଲୋକଙ୍କୁ ଅପେକ୍ଷା କରାଯିବ । ସେମାନଙ୍କର ପରିବାର ଲୋକେ ନଆସିଲେ ପୋଲିସ ତରଫରୁ ସେମାନଙ୍କର ଶବ ସତ୍କାର କରାଯିବ ବୋଲି କହିଛନ୍ତି ଏସପି ଶ୍ରୀ ସିଂ ।

### କରୋନା ଆର୍ଥିକ ସଂକଟକୁ ...

ହାଉସ ବିଲଡିଂ, ମୋଟର କାର ଏବଂ କମ୍ପ୍ୟୁଟର ଆଡ଼ଭାନ୍ସ ନେବା ମନା । କାଗଜ ପରିବର୍ତେ ଡିଜିଟାଲ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ଇ ଦସ୍ତଖତକୁ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି । ଚାକିରୀରୁ ଅବସର ନେବା ପରେ ମିଳୁଥିବା ପୁନଃ ନିଯୁକ୍ତି ଓ ପ୍ରଚଳିତ ଆଉଟସୋର୍ସିଂ ବ୍ୟବସ୍ଥା ଉପରେ ରୋକ ଲଗାଯାଇଛି । ୫ ବର୍ଷ ଧରି ଖାଲି ରହିଥିବା ପଦବୀ ଗୁଡ଼ିକୁ ପୂରଣ କରାଯିବ ନାହିଁ । ଅଫିସ, ଗେଷ୍ଟ ହାଉସ, ସରକାରୀ କୋଠାଗୁଡ଼ିକ ନବୀକରଣ କରାଯିବ ନାହିଁ । ସରକାରୀ ଆବାସିକ କ୍ୱାଟର ମରାମତି ପାଇଁ ଆବଶ୍ୟକ ପଡୁଥିବା ୨ ଲକ୍ଷ ଏବଂ ସରକାରୀ ଅଫିସ ମରାମତି ପାଇଁ ଆବଶ୍ୟକ ପଡୁଥିବା ୫ ଲକ୍ଷରୁ ଉର୍ଦ୍ଧ୍ୱ ହେଲେ ଅନୁମତି ନେବାକୁ ପଡ଼ିବ । ଜରୁରୀ ପଦବୀ ପାଇଁ ଅର୍ଥ ବିଭାଗ ଠାରୁ ଅନୁମତି ନେବାକୁ ପଡ଼ିବ ।

### ଆଉ ୫୭୧ କରୋନା ...

ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାୟଗଡା ଜିଲ୍ଲାରେ ୧୦ ଜଣ, ସମ୍ବଲପୁର ଜିଲ୍ଲାରେ ୬ ଜଣ ଓ ସୁନ୍ଦରଗଡ ଜିଲ୍ଲାରେ ୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତକାଲି ମଧ୍ୟରାତ୍ରି ସୁଦ୍ଧା ୩,୦୨,୬୮୦ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ସମୁଦାୟ ୧୦,୦୯୭ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୬,୭୦୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ୪୨ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି । ରାଜ୍ୟରେ ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩,୩୪୦ ରହିଛି ଏବଂ ୩,୫୫୭ ଜଣ ହସ୍‌ପିଟାଲ୍ ରହିଛନ୍ତି ।

### ଦେଶରେ ବତୀଘର...

ପରାମର୍ଶ ଦେଇଥିଲେ । ସେ ବତୀଘରଗୁଡିକର ଇତିହାସ ଓ ସେଗୁଡିକର ପରିଚାଳନା ପାଇଁ ବ୍ୟବହୃତ ଯନ୍ତ୍ରପାତିଗୁଡ଼ିକୁ ବତୀଘର ମଧ୍ୟରେ ଏକ ସଂଗ୍ରହାଳୟ ଜରିଆରେ ପ୍ରଦର୍ଶନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବତୀଘରଗୁଡିକର ମାଷ୍ଟର ପ୍ଲାନ ଅନୁସାରେ ସଂଗ୍ରହାଳୟ, ଜଳଜୀବଶାଳା, ଶିଶୁ ଉଦ୍ୟାନ, ସନ୍ତରଣାଗାର ଓ ଅନ୍ୟାନ୍ୟ ବିଷୟ ଅନ୍ତର୍ଭୁକ୍ତ । ଆଲୋଚନା କାଳରେ ଶ୍ରୀ ମାଣ୍ଡଭିୟ ଗୁଜୁରାଟର ଗୋପନାଥ, ଦ୍ୱାରକା ଓ ଭେରାଭାଲ ବତୀଘରରେ ପର୍ଯ୍ୟଟନର ବିକାଶ ସମ୍ପର୍କରେ ଅବଗତ ହୋଇଥିଲେ । ଯଥାଶୀଘ୍ର ପ୍ରକଳ୍ପ ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜାହାଜ ଚଳାଚଳ ମନ୍ତ୍ରଣାଳୟ ସଚିବ ଓ ମହାନିର୍ଦ୍ଦେଶକ, ବତୀଘର ମହାନିର୍ଦ୍ଦେଶକ ଓ ଏହାର ବିକାଶରେ ଅଂଶୀଦାର ହେବାକୁଥିବା ସଂସ୍ଥାମାନେ ଯୋଗଦେଇଥିଲେ ।

### ଜମିରେ ଚାଷ କାମ...

ସହିତ ଦୁର୍ଘଟଣାର କାରଣ ବାବଦରେ ପଚାରିବାରୁ ସେ ଏହି ଦୁର୍ଘଟଣା ବାବଦରେ ପ୍ରାଥମିକ ତଦନ୍ତ କରିଛନ୍ତି । ବଜ୍ରପାତ ଯୋଗୁଁ ନିକଟରେ ଥିବା ବିଦ୍ୟୁତ ଖୁଣ୍ଟର ଡିସ୍କ ଫାଟି ଯାଇ ଥିଲା । ହେଲେ ତାହା ତଳକୁ ପଡି ନଥିଲା । ଆଜି ସକାଳୁ ଫାଟି ଯାଇ ଥିବା ଡିସ୍କଟି ତାର ସହିତ ତଳକୁ ପଡିବା ଫଳରେ ଏହି ଦୁର୍ଘଟଣା ଘଟିଛି । ତାରଟି ଜମିକୁ ଛୁଇଁ ଥିଲେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇ ଯାଇ ଥାଆନ୍ତା କିନ୍ତୁ ଝୁଲି ରହିବା ଫଳରେ ଜୀବନ୍ତ ରହିଲା ଓ ଦୁର୍ଘଟଣାର କାରଣ ହେଲା ବୋଲି ମତ ଦେଇଛନ୍ତି । ତେବେ ବିଭାଗକୁ ପତ୍ର ଲେଖି ଏହି ଅଞ୍ଚଳର ବିଦ୍ୟୁତ ସରଞ୍ଜାମ ଗୁଡିକର ରକ୍ଷଣାବେକ୍ଷଣ କରା ଯିବ ବୋଲି ମତ ଦେଇଛନ୍ତି ।

# ବନ୍ଦ ହେବ ତିନୋଟି ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୭।୭ (ନି.ପ୍ର): ବହୁତ କମ୍ ଯାତ୍ରୀଙ୍କୁ ନେଇ ଚଳାଚଳ କରୁଥିବାରୁ ରାଜ୍ୟ ଭିତରେ ଚଳାଚଳ କରୁଥିବା ତିନୋଟି ଟ୍ରେନ୍ ବନ୍ଦ କରିବାକୁ ନିଷ୍ପତି ନେଇ ପୂର୍ବତଟ ରେଳବାଇ। ତିନୋଟି ମାର୍ଗରେ ଯେପରିକି ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର, ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର, ସମ୍ବଲପୁର-ଖୋର୍ଦ୍ଧା ରୋଡ-ସମ୍ବଲପୁର ସ୍ୱତନ୍ତ୍ର ରେଳସେବାକୁ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଛି ।

୦୮୩୦୩/୦୮୩୦୪-ସମ୍ବଲପୁର-ଖୋର୍ଦ୍ଧାରୋଡ-ସମ୍ବଲପୁର (ସପ୍ତାହକୁ ୩ ଥର) ସ୍ୱତନ୍ତ୍ର ଟ୍ରେନ୍ ଉଭୟ ଦିଗରୁ ୧୦ ଜୁଲାଇ, ୨୦୨୦ ଠାରୁ ବାତିଲ ରହିବ । ସେହିପରି ୦୮୪୯୨/୦୮୪୯୧- ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର (ସପ୍ତାହକୁ ୩ ଥର) ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ୧୩ ଜୁଲାଇ ଏବଂ ଭଦ୍ରକରୁ ୧୪ ଜୁଲାଇ ଠାରୁ ବାତିଲ ରହିବ । ୦୮୪୩୭/୦୮୪୩୮-ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର (ସପ୍ତାହକୁ ୩ ଥର) ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ୧୩ ଜୁଲାଇ ଏବଂ ବ୍ରହ୍ମପୁରରୁ ୧୪ ଜୁଲାଇ ଠାରୁ ବାତିଲ ରହିବ ବୋଲି ସୂଚନା ଦିଆଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଭିତରେ ଜରୁରୀକାଳୀନ ଯାତାୟତ ଏବଂ ଲକ୍‌ଡାଉନ ସମୟରେ ଅଟକି ରହିଯାଇଥିବା ଅସହାୟ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଂଚାଇବା ପାଇଁ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳବାଇ ପକ୍ଷରୁ ଜୁନ ୮ ତାରିଖରୁ ୩୦ ତାରିଖ ମଧ୍ୟରେ ରାଜ୍ୟ ମଧ୍ୟରେ ସ୍ୱତନ୍ତ୍ର ରେଳସେବା ଆରମ୍ଭ କରାଯାଇଥିଲା । ପରେ ଏହି ରେଳସେବାକୁ ଜୁଲାଇ ମାସ ୧ ତାରିଖରୁ ୩୧ ତାରିଖକୁ ବୃଦ୍ଧି କରାଯାଇଥିଲା ।

ବୁଧବାର,୮ ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି



# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ସପ୍ତାହ

ବାଲେଶ୍ୱର,୭।୭ (ନି.ପ୍ର): ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ୭୧ତମ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ସପ୍ତାହ-୨୦୨୦ ସଦର ବ୍ଲକ ଅନ୍ତର୍ଗତ ଶାସଙ୍ଗ ଗ୍ରାମ ପଂଚାୟତର ନୂଆପୁର ଗ୍ରାମରେ ଆଜି ପାଳିତ ହୋଇଯାଇଛି । ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଯୋଗଦେଇ ଚାରା ରୋପଣ ସହିତ ବନ ମହୋତ୍ସବ ସପ୍ତାହ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ସହକାରୀ ବନ ସଂରକ୍ଷକ ତପନ କୁମାର ପରିଡା, ସହକାରୀ ବନ ସଂରକ୍ଷକ ଡା. ରଶ୍ମିରଞ୍ଜନ ସ୍ୱାଇଁ, ଶାସଙ୍ଗ ଗ୍ରାମ ପଂଚାୟତ ସରପଂଚ ଖୁଲଣ ଜେନା, ଚାନ୍ଦିପୁର ବନ୍ୟପ୍ରାଣୀ ବନଖଣ୍ଡ ବନାଂଚଳ ଅଧିକାରୀ ଖିରାବ୍ଦୀ ପ୍ରଧାନ ପ୍ରମୁଖ ଏହି ସମାରୋହରେ ଉପସ୍ଥିତ ରହି ଚାରା ରୋପଣ ଉତ୍ସବକୁ ଫଳପ୍ରଦ କରିଥିଲେ । ବନଖଣ୍ଡ ଅଧିକାରୀ ଶ୍ରୀ ପଣ୍ଡା ବନ ମହୋତ୍ସବ ସପ୍ତାହର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଚଳିତ ବର୍ଷ ଓ.ଇ.ଏମ.ଏଫ ଏବଂ କାମ୍ପା ଯୋଜନାରେ ୧,୪୦,୦୦୦ ସଂଖ୍ୟକ ଚାରା ବଂଟନ କରିବା ପାଇଁ ଏବଂ ୩୫,୦୦୦ ସଂଖ୍ୟକ ଚାରା ବନୀକରଣ ପାଇଁ ଉତ୍ପାଦନ କରାଯାଇଛି । ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ତରଫରୁ ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ସ୍ଥାପନ କରି ଏବଂ ଭ୍ରାମ୍ୟମାଣ ଯାନ ନିୟୋଜନ କରି ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସୁଲଭ ମୂଲ୍ୟରେ ଏହା ଚାରା ପ୍ରଦାନ କରାଯାଉଅଛି । କୋଭିଡ-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଆଜିର କାର୍ଯ୍ୟକ୍ରମରେ କୋଭିଡ ନିୟମାବଳୀର ଅନୁପାଳନ ସହ ସାମାଜିକ ଦୂରତା ବଜାୟ ରଖିବା ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ କରୋନା ଭୂତାଣୁ ବା କୋଭିଡ-୧୯ ଯୋଗୁଁ ସମାରୋହରେ ସର୍ବସାଧାରଣଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା ।

## ସିବିଏସଇର ସିଲାବସ୍ ୩୦ ପ୍ରତିଶତ ହ୍ରାସ କରିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

ନୂଆଦିଲ୍ଲୀ,୭।୭ (ନି.ପ୍ର): ସିବିଏସଇର ସିଲାବସ୍ ୩୦ ପ୍ରତିଶତ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି । ଚଳିତ ବର୍ଷ ନବମ ଓ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏହି ସିଲାବସ୍ ହ୍ରାସ କରାଯିବ । ତେବେ ପାଠ୍ୟକ୍ରମ ରହିବ ସେଥିନେଇ କୋର୍ସ କମିଟି ସ୍ଥିର କରିବ । କାଂଟ ଛାଂଟ ବିଷୟ ବସ୍ତୁ ପଢ଼ାଯିବ । କିନ୍ତୁ ପରୀକ୍ଷାରେ ତାହା ଆସିବ ନାହିଁ । ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏନସିଆରଟିର ପୁସ୍ତକ ପଢ଼ାଯିବ ବୋଲି ନିଷ୍ପତି ନିଆଯାଇଛି ।

# ୪୪୦ ଛୁଇଁଲା ବାଲେଶ୍ୱରର କରୋନା ସଂକ୍ରମିତଙ୍କ ସଂଖ୍ୟା !

## ସ୍ଥାନୀୟ ସଂକ୍ରମିତ-ନୀଳଗିରି ବିଧାୟକଙ୍କ କଂଣ୍ଟାକ୍ଟ ଟ୍ରେସିଂ ଜାରି

ବାଲେଶ୍ୱର,୭।୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ପ୍ରଶାସନ ସମେତ ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ବିଶେଷ କରି ସଂକ୍ରମିତଙ୍କ ସଂଖ୍ୟାବୃଦ୍ଧି ଜନାଧାରଣଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଥିବା ଲକ୍ଷ୍ୟ କରାଯାଇଛି । ପ୍ରତି ସପ୍ତାହ ଶେଷରେ ଦୁଇଦିନିଆ ସଟ୍ ଡାଉନ୍‌କୁ କଡ଼ାକଡ଼ି ସାଙ୍ଗକୁ ପ୍ରଶାସନ ଏବେ ମାସ୍କ ଯାଞ୍ଚକୁ ଅଧିକ ଗୁରୁତ୍ୱ ଦେଇଛି । ସହରରେ ପ୍ରତିଦିନ ଭିଡ଼ ହେଉଥିବା ନୂଆବଜାରର ପରିବା ମାର୍କେଟ୍‌କୁ ଆଜି ସିଲ କରିଦିଆଯାଇଛି । ପୂର୍ବରୁ ଏହିଭଳି ଭିଡ଼ ହେବା କାରଣରୁ ମାଛ ମାର୍କେଟକୁ ଅରଡ଼ବଜାରକୁ ଉଠାଇ ଦିଆଯାଇଥିଲା । ଏବେ ବାଧ୍ୟ ହୋଇ ପରିବା ମାର୍କେଟକୁ ବି ବନ୍ଦ କରିବାକୁ ପଡ଼ିଛି । ଅନ୍ୟପକ୍ଷରେ କରୋନାରେ ସଂକ୍ରମିତ ଥିବା ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କ ସହ ମିଶିବା, ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କ ସହ ଆଲୋଚନା କରିବା ଘଟଣାକୁ ନେଇ ସବୁଠି ଆଲୋଡ଼ନ ଦେଖାଯାଇଛି । ଏନେଇ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଅଗ୍ନିଶମ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସାନିଟାଇଜିଂ ଚାଲିଛି । ବିଧାୟକ ଶ୍ରୀ ନାୟକ ଯାଇଥିବା ସର୍କିଟ ହାଉସ୍, ଡିଆରଡିଏ ପିଡିଙ୍କ ଅଫିସ, ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ, ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଆଜି ବିଶୋଧନ କରାଯାଇଛି । ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିଶୋଧନ ଦ୍ରବଣକୁ ମେସିନ୍ ସାହାଯ୍ୟରେ ସବୁଠି ସିଂଚନ କରାଯାଇଥିବା ଦେଖିବାକୁ ମିଳିଛି । ତେବେ ନୀଳଗିରି ବିଧାୟକଙ୍କ କଂଣ୍ଟାକ୍ଟ ଟ୍ରେସିଂ ସହ ସେ ଯାଇଥିବା ସ୍ଥାନକୁ ବିଶୋଧନ କରାଯାଉଥିବା ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି । କଂଣ୍ଟାକ୍ଟ ଟ୍ରେସିଂରୁ ଚିହ୍ନଟ ବ୍ୟକ୍ତିଙ୍କର ସ୍ୱାବ ପରୀକ୍ଷା ମଧ୍ୟ କରାଯାଇଛି । ଯଦି କେହି ରହିଯାଇଛି ଓ ସେମାନଙ୍କଠାରେ କରୋନାର ଲକ୍ଷଣ ପରିଲକ୍ଷିତ ହେଉଛି, ତାହାଲେ ସେମାନେ ଯଥାଶୀଘ୍ର ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ତେବେ ସାମ୍ପ୍ରତିକ ସଙ୍ଗୀନ କରୋନା ସ୍ଥିତିରେ ସମସ୍ତେ ସାମାଜିକ ଦୂରତା ରକ୍ଷା ସହ ମାସ୍କ ବ୍ୟବହାର ପାଇଁ ସେ ନିବେଦନ କରିଛନ୍ତି । ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ଆଜି ଚିହ୍ନଟ ହୋଇଥିବା ୨୮ ଜଣ ନୂଆ ପଜିଟିଭ୍‌ଙ୍କୁ ମିଶାଇ ଜିଲ୍ଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪୦ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୯ଜଣ କ୍ୱାରେଣ୍ଟାଇନ୍ ସେଣ୍ଟରରେ ଓ ୧୫ ଜଣ ହୋମ୍ ଆଇସୋଲେସନରେ ଥିଲେ । ତେବେ ବାକି ୪ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିବା ପରେ ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଉଦ୍ୟମ । ଚଳିତ ଜୁଲାଇ ଓ ଆସନ୍ତା ଅଗଷ୍ଟ ମାସରେ ବାଲେଶ୍ୱର ସମେତ ରାଜ୍ୟର କରୋନା ସଂକ୍ରମଣ ଆଶାତୀତ ବଢ଼ିବା ସହିତ ମୃତ୍ୟୁ ସଂଖ୍ୟା ବଧ୍ୟ ବଢ଼ିବା ନେଇ ଆଶଙ୍କା ଦେଖାଯାଇଛି ।

## ରକ୍ତଦାନ ଶିବିର : ୫୬ ୟୁନିଟ୍ ସଂଗୃହିତ

ଜଳେଶ୍ୱର,୭।୭(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାଧବପୁର - ଗୋବରଘଣ୍ଟା ସ୍ଥିତ ବେଣୀମାଧବ ମନ୍ଦିର ପ୍ରାଙ୍ଗଣରେ ଏକ ରକ୍ତଦାନ ଶିବିର ଆଜି ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୫୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । କରୋନା ସମୟରେ ରକ୍ତର ଆବଶ୍ୟକତାକୁ ଅନୁଭବ କରି ଜଳେଶ୍ୱରର ଯୁବଶକ୍ତି ସଂଗଠନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗ୍ରାମ୍ୟର ବୟୋଜ୍ୟେଷ୍ଠ ବ୍ୟକ୍ତି ସନ୍ତୋଷ କୁମାର ରଣା ଓ ଯୁବଶକ୍ତିର ସଭାପତି ଇଂ ମନିନ୍ଦ୍ର କୁମାର ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ରକ୍ତ ଭଂଣ୍ଡାରର ଡାକ୍ତର ମହେଶ କୁମାର ବିଶ୍ୱାଳ, ଟେକ୍‌ନିସିଆନ୍ ଦେବାଶିଷ ଦତ୍ତ, ଲକ୍ଷ୍ମିଧର ବାରିକ, ରକ୍ତଦାତା ସଂଘର ଜିଲା ସଭାପତି କମଳ ଚ କ୍ରବର୍ତ୍ତୀ, ନବେନ୍ଦୁ ପ୍ରଧାନ, ଯୁବଶକ୍ତିର ସଂପାଦକ ମାନସ କୁମାର ପାଠୀ, ସତ୍ୟଜିତ୍ ଧଳ, ସତ୍ୟରଂଜନ ପରିଡା, ସୁଭେନପ୍ରଦୁ ଦାସ ମହାପାତ୍ର, ହେମନ୍ତ ଜେନା, ସାଗର ବିନ୍ଦୁ ଦେ, ପ୍ରଣବ କୁମାର ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହାୟତା କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଉଦୟ ନାରାୟଣ ପ୍ରଧାନ, ସହସଂଯୋଜକ ସୁଶାନ୍ତ ସିଂ, ଦେବେନ୍ଦ୍ର ବେହେରା, ରାଜିବ ପ୍ରଧାନ, ନାରାୟଣ ପଣ୍ଡା, ରବିନ୍ଦ୍ର ପଣ୍ଡା, ଦେବାଶିଷ ପଣ୍ଡା, ବିଜୟ ମହାନ୍ତି, ଅଜୟ ପଣ୍ଡା, ଦିବାକର ଗିରି, ତନୁଚଜ ଗିରି, ଦେବକୁମାର ବେହେରା, ନିମାଇଁ ବେହେରା, ଦିପକ ବେହେରା, ରଜତ କର, ବିଶ୍ୱନାଥ ମହାନ୍ତି, ବୁଦ୍ଧେଶ୍ୱର ବେହେରାଂ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରତ୍ୟେକ ରକ୍ତ ଦାତାଙ୍କୁ ମାକ୍ସ ବଣ୍ଟନ କରାଯାଇଥିଲା ।

# କରୋନା ଆକ୍ରାନ୍ତଙ୍କ ଚିହ୍ନଟ ପରେ ସ୍ୱତନ୍ତ୍ର ନମୁନା ପରୀକ୍ଷା କଲା ସ୍ୱାସ୍ଥ୍ୟ ବିଭାଗ

ନୀଳଗିରି,୭।୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରିରେ ସୋମବାର କରୋନା ପୋଜେଟିଭ ଚିହ୍ନଟ ପରେ ମଙ୍ଗଳବାର ୨ଟି ସ୍ଥାନରେ ସ୍ୱାବ ନମୁନା ସଂଗ୍ରହ କରାଯାଇଛି । ମଙ୍ଗଳବାର ପୂର୍ବାହ୍ନରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକ୍ରାନ୍ତ ମାନଙ୍କ ସଂସ୍ପର୍ଶରେ ଆସଥିବା ଲୋକମାନଙ୍କର ସ୍ୱାବ ନମୁନା ନୀଳଗିରି ବଜାର ସ୍ଥିତ ବିଜେପି କାର୍ଯ୍ୟାଳୟ ରେ ୩୦ ଜଣ ଓ ନୂଆସାହି ପ୍ରାଥମିକ ବିଦ୍ୟାଳୟରେ ୭୭ ଜରଙ୍କର ସ୍ୱାବ ସଂଗ୍ରହ କରାଯାଇଛି । ମୋଟ ୧୦୩ ଜଣଙ୍କର ସ୍ୱାବ ନିଆଯାଇଛି । ଏହି ସ୍ୱାବ ନମୁନା ସଂଗ୍ରହ କାର୍ଯ୍ୟକ୍ରମରେ ବାଲେଶ୍ୱର ସିଡିଏମଓ ଡ. ଦୁଲାଲ ସେନ ଜଗଦେବ,ଡିପିଏମ , ଡ. ଅନୀଲ କୁମାର ମହାନ୍ତି , ଡିପି ଏଚ ଓ ଅରୁପ କୁମାର ଦାସ କରୋନା କଂଟ୍ୟଲ ରୁମ ଇନଚାର୍ଜ ବ୍ରଜେଶ୍ୱର ନନ୍ଦ ପିଏଚଇଓ ଦେବବ୍ରତ ମାଉରୀ ଏବଂ ଏଏନଏମ କର୍ମୀ କୋଭିଡ ସ୍ୱାସ୍ଥ୍ୟ କର୍ମୀ ଓ ସଜନାଗଡ ମେଡିକାଲ ଟିମ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ସଜନାଗଡର ଗ୍ରାମ ସରପଂଚ ସବିତା ଖାଲିପାଲିଆ ସିଡିଏମଙ୍କ ନିକଟରେ ଅଭିଯୋଗ କରିଥିଲେ । ସଜନାଗଡରେ ଯେଉଁମାନେ ଆକ୍ରାନ୍ତ ହୋଇଛନ୍ତି ସେମାନେ ସରକାରଙ୍କର ହୋମ କ୍ୱାରେନଟାଇନରେ ନିଜ ନିଜ ଘରେ ରହୁଥିଲେ । କିନ୍ତୁ ଯେଉଁ ଆଦିବାସୀ ଲୋକଙ୍କର ଘରଟିଏ ଥାଏ ସେହି ଗୋଟିଏ ଘରେ ରୋଷେଇ , ଶୋଇବା ,ବସିବା ହେଉଥିବା ବେଳେ ହୋମ କ୍ୱାରେନଟାଇନର କୌଣସି ବ୍ୟବସ୍ଥା ନଥାଏ । ଗୋଟିଏ ବା ଦୁଇଟି ନଳକୂପକୁ ନେଇ ଗୋଟିଏ ଲେଖାଏଁ ଗାଁ ଚାଲେ । ତେଣୁ ଘରେ ଆସିରହୁଥିବା ପ୍ରବାସୀ ଓଡିଆଙ୍କ ସଂସ୍ପର୍ଶରେ ବହୁଲୋକ ଆସିଥିବାରୁ ଆକ୍ରାନ୍ତ ମାନେ ରହୁଥିବା ଗ୍ରାମକୁ ସିଲ କରାଯାଉ । ସରପଂଚଙ୍କ ଏପରି ଅଭିଯୋଗକୁ ସିଡିଏମ ପ୍ରତ୍ୟୋଖ୍ୟାନ କରିଥିଲେ । ଅପରପକ୍ଷରେ ଆକ୍ରାନ୍ତ ମାନେ ଚିହ୍ନଟ ହେବାର ୨୪ ଘଂଟା ପରୁଥିଲେ ସୁଦ୍ଧା ସଜନାଗଡ ଓ ଜାମୁଡିହି ଗ୍ରାମ ଓ ସଜନାଗଡ ବଜାରକୁ ପ୍ରଶାସନ ପକ୍ଷରୁ ସାନିଟାଇଜର ବା ବିଶୁଦ୍ଧିକରଣ କରାନଯିବା ଘଟଣା ସମସ୍ତଙ୍କ ଆଶ୍ଚର୍ଯ୍ୟ କରିଛି । ଯାହାକୁ ନେଇ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି । ଘଟଣା ସମ୍ପର୍କରେ ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନାଙ୍କୁ ପଚାରିବାରୁ ସେ କହିଲେ ଅଗ୍ନିଶମ ବିଭାଗର ଅଫିସର ନାହାନ୍ତି ହାବିଲଦାର ଚାର୍ଜରେ ଅଛନ୍ତି । ତେଣୁ ସବୁଗୁଡିକ ସାନିଟାଇଜର କରିବା ସମ୍ଭବ ହୋଇନଥିଲା । ବୁଧବାର ଦିନ ଉକ୍ତ ଅଂଚଳକୁ ସାନିଟାଇଜର କରାଯିବ ।ଏନେଇ ସଜନାଗଡ ଅଂଚଳରେ ଆତଙ୍କର ଛାୟା ଖେଳିଯାଇଛି । ତେବେ ନୀଳଗିରି ଉପଖଣ୍ଡର ସରକାରୀ କାର୍ଯ୍ୟାଳୟ ସହିତ ସଂନ୍ଧ୍ୟାରେ ସହରକୁ ସାନିଟାଇଜେସନ କରାଯାଇଛି ।

# ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଉଦ୍‌ବେଗ

## ବିଭିନ୍ନ ଦାବି ନେଇ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସ୍ମାରକପତ୍ର



ବାଲେଶ୍ୱର,୭।୭ (ନି.ପ୍ର): ବାଲେଶ୍ୱର ସରକାରୀ ମେଡିକାଲ କଲେଜର ତୃତୀୟ ବର୍ଷ ନାମଲେଖା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଦିଗରେ ସରକାର ଉଚିତ ପଦକ୍ଷେପ ନ ନେବା ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ମେଡିକାଲ କ୍ରିୟାନୁଷ୍ଠାନ କମିଟି । ଦୀର୍ଘଦିନର ଦାବି ଓ ଆନ୍ଦୋଳନ ପରେ ଯଦିଚଃ ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ପାରିଛି, ତେବେ ଅଦ୍ୟାବଧି ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରି ନାହିଁ ବୋଲି କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏମସିଆଇ ନିର୍ଦ୍ଦେଶାନୁସାରେ ମେଡିକାଲ କଲେଜ୍ ସଂଲଗ୍ନ ହସପିଟାଲ ନିର୍ମାଣ କାର୍ଯ୍ୟ ଦୁଇବର୍ଷ ଧରି ଆରମ୍ଭ ହୋଇଥିଲେ ବି ଅଦ୍ୟାବଧି ଶେଷ ହୋଇନାହିଁ । ସେହିଭଳି ସରକାରୀ ମଞ୍ଜୁରୀ ପାଇଥିବା ବାଲେଶ୍ୱରର ଆୟୁଷ ହସପିଟାଲ ପାଇଁ ଏବେ ସୁଦ୍ଧା ସ୍ଥାନ ନିରୂପଣ ହୋଇପାରୁ ନାହିଁ । ବାଲେଶ୍ୱରରେ ଏମ୍ସ ସେଟଲାଇଟ୍ ସେଣ୍ଟର ଓ ୩୫୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସପିଟାଲର ନିର୍ମାଣ ପ୍ରକ୍ରିୟା ୪ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲେ ବି ତାହା କେବଳ ପ୍ରାଚୀର ନିର୍ମାଣରେ ସୀମିତ ରହିଛି । ଅନ୍ୟପକ୍ଷରେ ସରକାରୀ ମେଡିକାଲ କଲେଜ୍‌କୁ ପରିବର୍ତ୍ତିତ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ପ୍ରତି ଘୋର ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି ବୋଲି କିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ଆରୋପ କରିଛନ୍ତି । ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ ଓ କର୍ମଚାରୀ ନଥିବା ବେଳେ ଆନୁସଙ୍ଗିକ ଯନ୍ତ୍ରପାତିର ଅଭାବ ଯୋଗୁଁ ଜିଲ୍ଲାବାସୀ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଚାଲିଛନ୍ତି । ଏନେଇ ଉଚିତ ପଦକ୍ଷେପ ନେବା ସହିତ ବାଲେଶ୍ୱରରେ ମାନସିକ ରୋଗୀଙ୍କ ପାଇଁ ଏକ ଉନ୍ନତ ମାନର ହସପିଟାଲ ପ୍ରତିଷ୍ଠା, ବାଲେଶ୍ୱରରେ ଆୟୁର୍ବେଦିକ୍, ନର୍ସିଂ ଓ ଫାର୍ମାସିଷ୍ଟ ଟ୍ରେନିଂ କଲେଜ ପ୍ରତିଷ୍ଠା ଓ ବାଲେଶ୍ୱରେ କୋଭିଡ୍ ପରୀକ୍ଷାର ମାତ୍ରା ବୃଦ୍ଧି ପାଇଁ କମିଟି ପକ୍ଷରୁ ଦାବି ହୋଇଛି । ଦାବି ପୂରଣ ନେଇ ଉଚିତ ପଦକ୍ଷେପ ନିଆ ପଗଲେ ଆଗାମୀ ଦିନରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ସ୍ମାରକପତ୍ର ପ୍ରଦାନ ବେଳେ କମିଟିର ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନଙ୍କ ସମେତ ନିରଂଜନ ପରିଡ଼ା, ଅର୍ଚ୍ଚନା ନନ୍ଦୀ, ପ୍ରଫୁଲ୍ଲ କୁମାର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଶୋଦା ନନ୍ଦନ ଆଶ୍, ରାମଚନ୍ଦ୍ର ସେଠୀ, ନିରଂଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## କାଠ ପାଇଁ ବଡଭାଇ ହାଣିଲା ସାନଭାଇକୁ

ନୀଳଗିରି,୭।୭ (ନି.ପ୍ର): ବାରିବାରିକ ଶତୃତାକୁନେଇ ବଡଭାଇ ସାନ ଭାଇକୁ ଧାରୁଆ ଅସ୍ତ୍ରେ ହାଣିବା ଯୋଗୁଁ ସାନଭାଇ ଗୁରୁତର ହୋଇ ପ୍ରଥମେ ନୀଳଗିରି ପରେ ବାଲେଶ୍ୱର ମୁଖ୍ୟଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ସାନ ଭାଇ ରବିନ୍ଦ୍ରଙ୍କ ଅଭିଯୋଗ ମୂଳେ ପୋଲିସ ଗଜେନ୍ଦ୍ରକୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ କାହାଲିଆ ଗ୍ରାମର ଗଜେନ୍ଦ୍ର ପୃଷ୍ଟି (୪୬)ତାଙ୍କ ସ୍ତ୍ରୀ ମିନତି ପୃଷ୍ଟ(୪୪) ବାଡିରେ ଗଛ କାଟୁଥିବା ବେଳେ ସାନଭାଇ ରବିନ୍ଦ୍ର କାହିଁକି ମୋ ଗଛ କାଟୁଛ ବୋଲି ପଚାରିବାରୁ ଦୁହିଁଙ୍କ ମଧରେ କଥା କଟାକଟି ହୋଇଥିଲା । ଏଥିରେ ବଡ ଭାଇ ଗଜେନ୍ଦ୍ର ଉତକ୍ଷିପ୍ତ ହୋଇ ଧରିଥିବା ଧାରୁଆ ଅସ୍ତ୍ରରେ ରବିନ୍ଦ୍ରକୁ ଅର୍ତକିତ ଭାବେ ଆକ୍ରମଣ କରିଥିଲେ । ଫଳରେ ରବିନ୍ଦ୍ରଙ୍କ ମୁହଁ , ଆଖି ଓ ଶରୀରରେ ଗୁରୁତର ଆଘାତ ହୋଇଛି । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଂଚି ଅଭିଯୁକ୍ତ ଗଜେନ୍ଦ୍ରକୁ ଗିରଫ କରିବା ସହିତ ଏନେଇ ୨୩୦/୨୦ ଏକ ମାମଲା ରୁଜୁ କରାଯାଇଛି ।

## ଟେକ୍ ମହିନ୍ଦ୍ରାର ମୈତ୍ରୀ ବିହାର ଅଫିସ୍ ସିଲ୍

ଭୁବନେଶ୍ୱର,୭।୭ (ନି.ପ୍ର): ଭୁବନେଶ୍ୱର ମୈତ୍ରୀ ବିହାର ଠାରେ ଥିବା ଟେକ୍ ମହିନ୍ଦ୍ରାର ଅଫିସକୁ ସିଲ୍ କରିଛି ବିଏମସି । ତିନି ଦିନ ଭିତରେ ଏହି ଅଫିସ୍ ର ୭ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଫିସକୁ ସିଲ୍ ହୋଇଛି । ଏହାସହ ଅଫିସ୍ ର ସମସ୍ତ କର୍ମଚାରୀଙ୍କୁ ୨୦ ତାରିଖ ପର୍ଯ୍ୟନ୍ତ ହୋମ୍ କ୍ୱାରେଂଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଏମ୍‌ସି ପକ୍ଷରୁ ଟେକ୍ ମହିନ୍ଦ୍ରାର ସମସ୍ତ ୬୭ କର୍ମଚାରୀଙ୍କର କୋଭିଡ୍ ଟେଷ୍ଟ କରାଯିବାକୁ ନିଷ୍ପତି ହୋଇଛି ।

# ଜମିରେ ଚାଷ କାମ କରୁଥିବା ବେଳେ ଚାଷୀଙ୍କ ଉପରେ ପଡିଲା ବିଦ୍ୟୁତ ତାର : ଘଟଣାସ୍ଥଳରେ ଚାଷୀ ମୃତ

## ପରିବାରକୁ କ୍ଷତି ପୂରଣ ଓ ବିଦ୍ୟୁତ ସରଞ୍ଜାମ ରକ୍ଷଣାବେକ୍ଷଣ ଦାବିରେ ଉତ୍ତେଜନା

ବାରିପଦା,୭।୭ (ନି.ପ୍ର): ଆଜି ସକାଳେ ବାରିପଦା ସଦର ବ୍ଲକ ଅଧୀନ ବୁଢ଼ିଖମାରୀ ପଞ୍ଚାୟତର କାଠପାଳର ସ୍ୱର୍ଗତଃ ପିତାମ୍ବର ମହାନ୍ତଙ୍କ ପୁଅ ଭାସ୍କର ଚନ୍ଦ୍ର ମହାନ୍ତ କୋଦାଳ ନେଇ ନିଜ ଜମିକୁ ଯାଇ ହିଡ ଗୁଡିକୁ କୋଦାଳରେ କାଟି ସାଇଜ କରୁ ଥିଲେ । ଏହି ସମୟରେ ଜମି ଉପରେ ଯାଇ ଥିବା ୧୧ କେଭି ତାର ଛିଣ୍ଡି ଭାସ୍କରଙ୍କ ଉପରେ ପଡି ଥିଲା ଓ ଭାସ୍କରଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟି ଥିଲା । ଦୁର୍ଘଟଣାର ଖବର ପାଇବା ପରେ ଭାସ୍କରଙ୍କ ଦୁଇ ପୁତ୍ର ଦୁବରାଜ ଓ ଧନଞ୍ଜୟ, ପୁତୁରା ଶଙ୍କର, ବୈକୁଣ୍ଠ, ହୃଷିକେଶ ଓ ଗ୍ରାମବାସୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଥିଲେ ଓ ମୃତ ଦେହକୁ ଉଦ୍ଧାର କରି ଥିଲେ । ଘଟଣାର ଖବର ପାଇବା ପରେ ବିଜେପି ବାରିପଦା ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତ, ଦାନ୍ତିଆମୁହାଁ ମଣ୍ଡଳ ସଭାପତି ସୁକୁଲ ମୁର୍ମୁ, ଯୁବନେତା ଯଦୁପତି ମହାନ୍ତ , ବିଜେପି ନେତା ଜନାର୍ଦ୍ଦନ



ମହାନ୍ତ, ସଂଗ୍ରାମ କେଶରୀ ଦେବ, ପଦ୍ମଲୋଚନ ମହାନ୍ତ, ଗୋପାଳଚନ୍ଦ୍ର ମହାନ୍ତ ଓ ବହୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଥିଲେ । ବିଦ୍ୟୁତ ସରଞ୍ଜାମ ଗୁଡିକ ନିୟମିତ ରକ୍ଷଣାବେକ୍ଷଣ ହେଉ ନଥିବାରୁ ଏପରି ଦୁର୍ଘଟଣା ଘଟିଛି ବୋଲି ଉପସ୍ଥିତ ଲୋକମାନେ ଦାବି କରି ଥିଲେ । ବହୁ ସ୍ଥାନରେ ତାର ଝୁଲା ହୋଇ ରହି ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି । ଅନ୍ୟ ପକ୍ଷରେ ଏହି ସ୍ଥାନଟି ହାତୀ ଚଲାପଥ ହୋଇ ଥିବାରୁ ଏଠାରେ ବିଦ୍ୟୁତ ତାର ଗୁଡିକ ଆବଶ୍ୟତା ମୁତାବକ ଉଚ୍ଚ ହେବା ଆବଶ୍ୟକ । କିନ୍ତୁ ତାହା କାହିଁକି କରା ଯାଉ ନାହିଁ ସାଧାରଣ ଲୋକମାନେ ଏହାକୁ ନେଇ ପ୍ରଶ୍ନ କରି ଥିଲେ । ଏହି ଦୁର୍ଘଟଣା ପାଇଁ ଦାୟୀ ସଂପୃକ୍ତ ବିଦ୍ୟୁତ କର୍ମଚାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇ ଥିଲା । ମୃତ ଚାଷୀ ଭାସ୍କର ଚନ୍ଦ୍ର ମହାନ୍ତଙ୍କ ପରିବାରକୁ କ୍ଷତିପୂରଣ ସହିତ ତାଙ୍କ ପରିବାରର ଜଣକୁ ନେସ୍କୋ ଚାକିରିରେ ରଖନ୍ତୁ ବୋଲି ଦାବି କରି ଥିଲେ । ଗ୍ରାମବାସୀ ମାନେ ଦାବି କରିବା ପରେ ନେସ୍କୋର ଉପଖଣ୍ଡ ଅଧିକାରୀ ସତ୍ୟବ୍ରତ ସେଠୀ, ଜୁନିଅର ମ୍ୟାନେଜର ବସନ୍ତ ସାହୁ, କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ରଣଜିତ, ବଡଜାମବଣୀ ଫାଣ୍ଡି ଅଧିକାରୀ ପିଏମ ରାଉତ ଓ ପୋଲିସ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଗ୍ରାମବାସୀ ଓ ମୃତ ଭାସ୍କରଙ୍କ ପରିବାର ଲୋକ ମାନଙ୍କୁ ବୁଝାସୁଝା କରିବା ସହିତ ନେସ୍କୋ ତରଫରୁ ସାମାନ୍ୟ ସହାୟତା କରା ଯାଇଛି । ମୃତ ଭାସ୍କରଙ୍କ ପୁତ୍ର ଦୁବରାଜ ମହାନ୍ତ ତାଙ୍କ ପିତାଙ୍କ ମୃତ୍ୟୁ ନେସ୍କୋର ଅବହେଳାରୁ ହୋଇଛି ବୋଲି ଲିଖିତ ଅଭିଯୋଗ କରିବା ପରେ ବେତନଟୀ ଥାନା ଆଇଆଇସି ଅଶୋକ କୁମାର ନାୟକ ଦଫା ୩୦୪(କ), ୩୪ ଭାରତୀୟ ପିଙ୍ଗଳ କୋର୍ଡ ମୂଳେ ମାମଲା ନମ୍ବର ୧୪୮/୨୦୨୦ ରୁଜୁ କରି ଥିବାର ଜଣା ପଡିଛି । ଶବ ବ୍ୟବଛେଦ ପାଇଁ ପଠାଇ ଦିଆ ଯାଇଛି । ଘଟଣା ସମ୍ପର୍କରେ ନେସ୍କୋର ନିର୍ବାହୀ ଯନ୍ତ୍ରୀ ରଞ୍ଜନ ଦଣ୍ଡପାଟଙ୍କ

▶▶ପୃଷ୍ଠା ୭

# ସବୁ ବଡ ବଡ ଲୁଟ ସୋମବାରରେ : ଡିକି ଭାଂଗୀ ଲୁଟି ନେଲେ ୨ଲକ୍ଷ

ଜଳେଶ୍ୱର,୭।୭(ନିପ୍ର): ଜଳେଶ୍ୱରରୁ ବିଭିନ୍ନ ଲୁଟ୍ ଘଟଣା ସମବାରରେ ହିଁ ଘଟିଥାଏ । ଉପାନ୍ତ ଅଂଚଳ ତଥା ସୋମବାରରେ ଏହି ସାପ୍ତାହିକ ହାଟ ହେଉଥିବାରୁ ପ୍ରବଳ ଜନଗହଳି ହୋଇଥାଏ । ପୁଣି ଜଳେଶ୍ୱରର ଗ୍ରାମାଂଚଳ ଲୋକେ ସମବାର ସାପ୍ତାହିକି ହାଟରୁ ଆସବାପତ୍ର କିଣିବାଲାଗି ଆସିଥାନ୍ତି । ଏପରିକି ଜଳେଶ୍ୱର ସହରର ୨ଟି ବ୍ୟାଙ୍କ ଡକାୟତି ମଧ୍ୟ ସୋମବାରରେ ହିଁ ଘଟିଥିଲା । ଗତ କାଲି ସୋମବାରରେ ଦୁବୃର୍ତ୍ତମାନେ ଜଣେ ବ୍ୟକ୍ତିର ବାଇକ୍ ଡିକି ଭାଂଗି ଲୁଟି ନେଇଛନ୍ତି ୨ଲକ୍ଷ । ରାଇବଣିଆ ଥାନା ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ଗାଁର ଧାନ ବ୍ୟବସାୟୀ ସତ୍ୟାନନ୍ଦ ବେହେରା ତାଙ୍କ ଟିଭିଏସ୍ ସ୍କୁଟି ଓଡି୦୧କ୍ୟୁ-୪୧୧୩ରେ ଆସି ଜଳେଶ୍ୱର ସ୍ଥିତ ଏକ୍ସି ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଣ କରିଥିଲେ । ଟଙ୍କାକୁ ଡିକିରେ ରଖି ହୋଣ୍ଡା ସୋ ରୁମ୍ ନିକଟରେ ଥିବା ଟ୍ରାକ୍ଟର ଚକ କିଣିବାପାଇଁ ସ୍କୁଟିକୁ ରାସ୍ତାରେ ରଖି ଯାଇଥିଲେ । କିନ୍ତୁ ଟ୍ରାକ୍ଟର ଚକ ବିକ୍ରି ହେଉଥିବା ଦୋକାନରୁ ଫେରି ତାଙ୍କ ସ୍କୁଟିର ଡିକି ଭଂଗା ଯାଇଥିବା ଦେଖିବାକୁ ପାଇଥିଲେ । ଯେଉଁ ବ୍ୟାଗ୍‌ରେ ଟଙ୍କା, ପାସ୍‌ବୁକ୍, ଓ ଦରକାରୀ କାଗଜ ରଖିଥିଲେ ତାହା ନଥିବା ଦେଖିବାକୁ ପାଇଥିଲେ । ଘଟଣା ପ୍ରଘଟ ହେବାରୁ ହୋଣ୍ଡା ସୋ ରୁମ୍ ସମ୍ମୁଖରେ ଥିବା ସିସି ଟିଭି କୁ ଯାଞ୍ଚ କରାଯାଇଥିଲା । କିନ୍ତୁ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ସ୍କୁଟି ଡିକିରୁ ଟଙ୍କା ନେଇଥିବାର ସ୍ପଷ୍ଟ ହୋଇଛି । ସତ୍ୟାନନ୍ଦ ଏଥିନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ପ୍ରକାଶଯୋଗ୍ୟ ଅତିତରେ ଜଳେଶ୍ୱରରେ ୟୁବିଆଇ କେସ୍‌ରୁମ୍‌ରୁ ୪୬ଲକ୍ଷ ଟଙ୍କା ଓ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ବନ୍ଧୁକ ମୁନରେ ୨୯ଲକ୍ଷ ଟଙ୍କା ଲୁଟି ନେଇଥିଲେ । ସେହିପରି ଏକ ସୋମବାରରେ ସୁଗୋସ୍ଥିତ ୟୁକୋ ବ୍ୟାଙ୍କରୁ ଗ୍ରହକଙ୍କୁ ଭୟଭିତ କରାଇ ଟଙ୍କା ଲୁଟ କରାଯାଇଥିଲା । ଜଳେଶ୍ୱର ସାପ୍ତାହିକ ହାଟ, ବଜାର ଏପରିକି ବଡ ବଡ ଛିନ୍ତାଇ ଏହି ସୋମବାରରେ ହୋଇଥାଏ । ଏସବୁ ଘଟଣା ଜଳେଶ୍ୱର ପୁଲିସ୍‌ର ପାରିବା ପଣିଆକୁ ଚ୍ୟାଲେଞ୍ଜ ଦେଇଆସୁଥିବା କଥା ସାଧାରଣରେ ଆଲୋଚନା ହେଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo